R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୫
ତିଥି: ଏକାଦଶୀ
୦୯ ଅଗଷ୍ଟ ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 305
09 August 2026, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀ-ଏନ୍‌ସିଆର୍ ଗସ୍ତ ସମ୍ପନ୍ନ

## ୩୮ ଏମ୍‌ଓୟୁ, ୬୪, ୭୦୩ କୋଟି ନିବେଶ

ନୂଆଦିଲ୍ଲୀ, ୮।୮ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ଅଭିଯାନ ଆଜି ଶିଳ୍ପଜଗତରୁ ଆଜି ବିପୁଳ ସମ୍ଭାବନା ସହିତ ସମାପ୍ତ ହୋଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶାକୁ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ଗତକାଲି 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ବ୍ୟାପକ ସଫଳତା ପରେ



ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ (୯ ପୃଷ୍ଠାରେ)

**୪୬,୦୭୧ଙ୍କୁ ନିଯୁକ୍ତି ସୁଯୋଗ**

**ରୋଡ୍ ଶୋ'ରେ ୪୬ ଉଚ୍ଚସ୍ତରୀୟ ବୈଠକ**

**୨୦୮ ଶିଳ୍ପ ସଂସ୍ଥା ସହ ଆଲୋଚନା**

## ପାଣି ଛାଡ଼ିନି ପୁଣି ଘାରିଛି ବନ୍ୟା ଭୟ

ଭୁବନେଶ୍ୱର, ୮।୮ (ସବ୍ୟୁ) : ରାଜ୍ୟରେ ବୈତରଣୀ, ବ୍ରାହ୍ମଣୀ, ବୁଢାବଳଙ୍ଗ ଓ ମହାନଦୀର ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏବେ ବି ପାଣି ଘେରରେ ଅଛନ୍ତି ବହୁ ପ୍ରପୀଡ଼ିତ । ସେମାନଙ୍କ ଦୁର୍ଦ୍ଦଶା ଥମିନଥିବା ବେଳେ ପୁଣି ଘୂର୍ଣ୍ଣିବଳୟ ବର୍ଷା ଲାଗି ରହିଛି । ଆଗକୁ ବି ଆଉ ଏକ ଲଘୁଚାପ ଆସୁଛି। ଫଳରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଭଲ ବର୍ଷା ହେବ । ବିଶେଷ କରି ଉତ୍ତର ଓଡିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଯାହାକୁ ନେଇ ବନ୍ୟା କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

ପାଣିପାଗ ବିଭାଗ କହିବାନୁସାରେ, ରାଜ୍ୟରେ ମୌସୁମୀ ବର୍ଷା ୮୦୦ ମିମି ଅତିକ୍ରମ କରିଛି । ଜୁନ୍ ୧ ତାରିଖଠାରୁ ଚଳିତ ମାସ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ

- **୧୭ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା**
- **୧୨ ରୁ ଘୂର୍ଣ୍ଣିବଳୟ, ୧୪ରେ ଲଘୁଚାପ**
- **ଏବେ ସୁଦ୍ଧା ୮୩୬ ମିମି ବର୍ଷା ରେକର୍ଡ**
- **ସ୍ୱାଭାବିକ ୬୫୬ ମିମି, ୨୭% ଅଧିକ ବର୍ଷା**

୮୩୬.୫ ମିମି ବର୍ଷା ରେକର୍ଡ କରାଯାଇଛି । ଯାହାକି ସ୍ୱାଭାବିକ ବର୍ଷା ୬୫୬.୮ ମିମି ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି । ରାଜ୍ୟରେ ମୌସୁମୀ ୪ ମାସ (ଚର୍ତୁମାସ)ରେ ସ୍ୱାଭାବିକ ବର୍ଷାର ପରିମାଣ ୧୧୫୦.୨ ମିମି ରହିବା କଥା । ଆଉ ପାଖାପାଖି ୨ ମାସ ବର୍ଷା ଋତୁ ବାକି ରହିଛି । ତେବେ ସ୍ୱାଭାବିକ ବର୍ଷା ଠାରୁ ଅଧିକ ବର୍ଷା ହେବା ଯୋଗୁ ବନ୍ୟା ପରିସ୍ଥିତି ଦେଖାଦେଇଛି ।

ଚଳିତ ବନ୍ୟାରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, (୯ ପୃଷ୍ଠାରେ)

## ଆଜିଠୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ

### ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ରାଶି ଅନୁଦାନ

ଭୁବନେଶ୍ୱର, ୮।୮ (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଆୟୋଜନ ହେବ ଘରେ ଘରେ ତ୍ରିରଙ୍ଗା ଅଭିଯାନ । ଆସନ୍ତାକାଲି(ରବିବାର) ଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ।

ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତସ୍ତର ଯାଏଁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ବହୁ ଆଡ଼ମ୍ବର ସହକାରେ (୯ ପୃଷ୍ଠାରେ)

## ଅନୀତା ଅଗ୍ନିହୋତ୍ରୀଙ୍କୁ ଚତୁର୍ଥ 'ସରଳା ଦେବୀ ପୁରସ୍କାର'

ଭୁବନେଶ୍ୱର, ୮।୮ (ସବ୍ୟୁ) : ଆସନ୍ତାକାଲି ଅଗଷ୍ଟ ୯ 'କ୍ରାନ୍ତି ଦିବସ'ରେ ମା' ସରଳା ଦେବୀଙ୍କର ୧୨୩ ତମ ରାଜ୍ୟସ୍ତରୀୟ ଜନ୍ମୋତ୍ସବ ପାଳନ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଥିବାରୁ ସରଳାଦେବୀ ସ୍ମାରକୀ ନ୍ୟାସ, ଭୁବନେଶ୍ୱରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି। ରାଜ୍ୟର ଏହି ପ୍ରଥମ ମହିଳା ରାଜବନ୍ଦିନୀ, ପ୍ରଥମ ନିର୍ବାଚିତ ମହିଳା ବିଧାୟିକା,



ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକାଙ୍କୁ ବିଗତ ସରକାରମାନେ ଭୁଲି ଯାଇଥିଲେ। ତେଣୁ ତାଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ସହିତ ଭୁବନେଶ୍ୱରରେ ତାଙ୍କର ପ୍ରଥମ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିଟିଏ ସ୍ଥାପନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଆଗ୍ରହ ପ୍ରକାଶ କରିଥିବାରୁ 'ସରଳାଦେବୀ ସ୍ମାରକୀ ନ୍ୟାସ' ଭୁବନେଶ୍ୱର ରାଜ୍ୟ ସରକାରଙ୍କୁ ଏହି ଦିଗରେ ସହଯୋଗ କରିଆସୁଅଛି। (୯ ପୃଷ୍ଠାରେ)

## ବିଜୟଙ୍କ ବୈଠକକୁ ଆସିଲେନି ୩୬ ସାଂସଦ

### ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରିବ ଡିଏମ୍‌କେ

ନୂଆଦିଲ୍ଲୀ, ୮।୮ : ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ସର୍ବଦଳୀୟ ବୈଠକ ଡାକିଥିଲେ। ତାମିଲନାଡୁର ମୋଟ୍ ୫୭ ସାଂସଦଙ୍କ ମଧ୍ୟରୁ ବୈଠକକୁ ୩୭ ଜଣ ଆସିନଥିଲେ। ଡିଏମ୍‌କେ ଓ ଏଆଇଏଡିଏମ୍‌କେ ବୈଠକକୁ ବର୍ଜନ କରିବ ବୋଲି ଆଗରୁ କହିଥିଲା । ତେବେ ବୈଠକରେ ପ୍ରାୟ ୨୧ ସାଂସଦ ଉପସ୍ଥିତ ଥିଲେ। ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ନେଇ ରାଜ୍ୟର ଆଭିମୁଖ୍ୟ କ'ଣ ହେବ ସେ ନେଇ ଆଲୋଚନା କରିବା ପାଇଁ ଏହି ବୈଠକ ଡକାଯାଇଥିଲା ।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଉଭୟ ଲୋକସଭା ଓ ରାଜ୍ୟସଭାରେ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା (୯ ପୃଷ୍ଠାରେ)




## ଇତିହାସ

୧୮୩୧- ଆମେରିକାରେ ପ୍ରଥମକରି ଷ୍ଟିମ୍ ଇଞ୍ଜିନ୍ ଟ୍ରେନ୍ ଚାଲିଲା ।

୧୯୪୨- ଅଗଷ୍ଟ ୮ରେ ଭାରତ ଛାଡ ଆନ୍ଦୋଳନ ନିଷ୍ପତ୍ତି ନିଆଯିବା ପରେ ଏହାର ଆଗାମୀ ଦିନକୁ ଅଗଷ୍ଟ କ୍ରାନ୍ତି ଦିବସ ରୂପେ ପାଳନ କରାଗଲା ।

୧୯୪୨- ମହାତ୍ମା ଗାନ୍ଧୀଙ୍କୁ ବ୍ରିଟିଶ ସରକାରଙ୍କ ଗିରଫ କଲା ।

୧୯୪୨- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜାପାନ ସହାୟତାରେ ମାଲେସିଆରେ ଇଣ୍ଡିଆନ ନ୍ୟାସନାଲ୍ ଆର୍ମିର ସ୍ଥାପନା କଲେ ।

୧୯୪୫- ଜାପାନର ନାଗାସାକୀ ସହରରେ ଆମେରିକାର ପରମାଣୁ ବମ୍ ବିସ୍ଫୋରଣ ।

୧୯୬୩- ଋଷ ରାଜଧାନୀ ମସ୍କୋରେ ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ପ୍ରତିବନ୍ଧକ ଚୁକ୍ତି ଉପରେ ପ୍ରଥମ ଦେଶ ରୂପେ ଭାରତର ସ୍ୱାକ୍ଷର ।

୧୯୭୦- ଦେଶର ମହାନ ସ୍ୱତନ୍ତ୍ରତା ସେନାନୀ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀଙ୍କ ପରଲୋକ ।

୧୯୭୧- ଭାରତ-ପାକିସ୍ତାନ ମୈତ୍ରୀ ଚୁକ୍ତି ସ୍ୱାକ୍ଷର ।

୧୯୯୬- ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଭାରତୀୟ କ୍ରିକେଟ ଟିମ୍‌ର କ୍ୟାପ୍ଟେନ ଚୟନ କରାଗଲା ।


୨୦୧୨- ଅଗ୍ନି ୨ ବାଲେଷ୍ଟିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ ।

# ଅଗଷ୍ଟ କ୍ରାନ୍ତି ଦିବସ



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଅଗଷ୍ଟ ୯ ତାରିଖକୁ 'ଅଗଷ୍ଟ କ୍ରାନ୍ତି ଦିବସ' ଭାବେ ପାଳନ କରାଯାଇଥାଏ। ୧୯୪୨ ମସିହାର ଏହି ଐତିହାସିକ ଦିନରେ ମହାତ୍ମା ଗାନ୍ଧୀଙ୍କ "କର ନଚେତ୍ ମର" ଡାକରା ଏବଂ 'ଭାରତ ଛାଡ଼' ଆନ୍ଦୋଳନ ସମଗ୍ର ଦେଶରେ ବ୍ରିଟିଶ୍ ଶାସନର ମୂଳଦୁଆ ଦୋହଲାଇ ଦେଇଥିଲା । ବମ୍ବେର ଗୋୱାଲିଆ ଟ୍ୟାଙ୍କ ମୈଦାନରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଓଡ଼ିଶାରେ ମଧ୍ୟ ଏକ ପ୍ରଚଣ୍ଡ ଗଣବିପ୍ଳବର ରୂପ ନେଇଥିଲା। ଏହି କ୍ରାନ୍ତିରେ ଡ. ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ଲକ୍ଷ୍ମଣ ନାୟକଙ୍କ ଭଳି ମହାନ ନେତା ଓ ସଂଗ୍ରାମୀମାନଙ୍କ ନେତୃତ୍ୱରେ କୋରାପୁଟ, ବାଲେଶ୍ୱର, ଯାଜପୁର, ଇରମ୍, ମାଥିଲି ଓ ପାପଡ଼ାହାଣ୍ଡି ଭଳି ଗ୍ରାମାଞ୍ଚଳରେ ହଜାର ହଜାର ଜନତା ଆପ୍ରାଣ ସଂଗ୍ରାମ କରି ନିଜର ବଳିଦାନ ଦେଇଥିଲେ। ବ୍ରିଟିଶ୍ ସରକାରଙ୍କ ଗିରଫଦାରୀ ଓ ବର୍ବର ଅତ୍ୟାଚାର ସତ୍ତ୍ୱେ ଯୁବବର୍ଗ, ଛାତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ସକ୍ରିୟ ଭାଗିଦାରୀ ଏହି କ୍ରାନ୍ତିକୁ ଏକ ଶକ୍ତିଶାଳୀ ଗଣଆନ୍ଦୋଳନରେ ପରିଣତ କରିଥିଲା। ଯାହା ଭାରତକୁ ସ୍ୱାଧୀନତା ଆଡ଼କୁ ଆଗେଇ ନେବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

## ଆଜି ଜନ୍ମଦିନ



ଗଙ୍ଗାଧର ମେହେର
୯ଅଗଷ୍ଟ, ୧୮୬୨-
୪ ଏପ୍ରିଲ ୧୯୨୪



ସରଳା ଦେବୀ
୯ଅଗଷ୍ଟ, ୧୯୦୪-
୪ ଅକ୍ଟୋବର ୧୯୮୬

## ଝିଙ୍କାରୀର ଶବ୍ଦ ନଷ୍ଟକଲା ଶ୍ରବଣଶକ୍ତି

ଚୀନ୍‌ର ଏକ ଜଙ୍ଗଲକୁ କ୍ୟାମ୍ପିଂ ପାଇଁ ଯାଇଥିବା ଜଣେ ୧୮ ବର୍ଷୀୟ ଯୁବକ ଝିଙ୍କାରୀର ତୀବ୍ର ଶବ୍ଦ ହେତୁ ନିଜ ଶ୍ରବଣ ଶକ୍ତି ହରାଇବା ଘଟଣା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ଜୁଲାଇ ମାସରେ ଜଙ୍ଗଲକୁ ଯାଇଥିବା ଏହି ଯୁବକ ଜଣକ ବିନା କୌଣସି ଇୟର ପ୍ରୋଟେକ୍ସନରେ କ୍ରମାଗତ ପ୍ରାୟ ୪ ଘଣ୍ଟା ଧରି ଝିଙ୍କାରୀମାନଙ୍କର ପ୍ରବଳ ଶବ୍ଦ ଶୁଣିଥିଲେ । ଯାହାପରେ ସନ୍ଧ୍ୟା ସୁଦ୍ଧା ତାଙ୍କ କାନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା ଏବଂ ମୋବାଇଲ୍ ରିଙ୍ଗଟୋନ୍, ଚଢ଼େଇଙ୍କ ରାବ କିମ୍ବା ଅନ୍ୟ କୌଣସି ଉଚ୍ଚ ଶବ୍ଦ ମଧ୍ୟ ଶୁଣାଯାଇ ନଥିଲା । ଡାକ୍ତରଙ୍କ ଅନୁଯାୟୀ, ଗୋଟିଏ ଝିଙ୍କାରୀର ଶବ୍ଦ କ୍ଷତି ପହଞ୍ଚାଏ ନାହିଁ, କିନ୍ତୁ ହଜାର ହଜାର ଝିଙ୍କାରୀ ଏକାଠି ଶବ୍ଦ କଲେ ତାହା ୮୫ ଡେସିବଲ୍‌ରୁ ଅଧିକ ହୋଇପାରେ । ଯାହା ଦୀର୍ଘ ସମୟ ଶୁଣିବା ଦ୍ୱାରା କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଥାଏ; ତେବେ ସଠିକ୍ ସମୟରେ ଡାକ୍ତରୀ ଚିକିତ୍ସା ଏବଂ ୧୪ ଦିନର ବିଶ୍ରାମ ପରେ ଯୁବକ ଜଣକ ନିଜର ଶ୍ରବଣ ଶକ୍ତି ପୁଣି ଫେରି ପାଇଛନ୍ତି ।



## ସୋସିଆଲ କୋଟ୍ସ



ବାପାଙ୍କ କଥା ମନେପକାଇ ଏବେ ବି ମୋ ହାତ ଗୋଡ ଥରୁଛି । ସଲମାନ ଖାନଙ୍କ ସହ ଦେଖାହେବାରେ ଇଚ୍ଛା ଅଛି । ବାପାଙ୍କ ପାଖରୁ ତାଙ୍କ ସମ୍ପର୍କରେ ଅନେକ କିଛି ଶୁଣିଛି ।
ବିକ୍ରମାଦତ୍ୟ ରାଓ୍ୱତ, ପ୍ରଦୀପଙ୍କ ପୁଅ



ଜେନ ଜେଡ ଯେତେବେଳେ ଏହି ଭାଷା ପ୍ରୟୋଗ କରୁଛନ୍ତି ତାହା ସେମାନଙ୍କ ଭାଷା ଭାବେ ଗଣା ଯାଉଛି । ହେଲେ ଆମେ ତାକୁ ବ୍ୟବହାର କଲେ ତାହା ଗାଳି ହୋଇ ଯାଉଛି ।
ରଣବୀର ସୋରେ, ଅଭିନେତା



ଜେନ ଜି ସରକାରଙ୍କର ମୁଖ୍ୟ ବଳ। ସେମାନଙ୍କ ଉପରେ ଆମକୁ ଗର୍ବ ହେଉଛି । ତେବେ କିଛି ଲୋକ ସେମାନଙ୍କ ନାଁକୁ ଖରାପ କରୁଛନ୍ତି ।
କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ

## ଉତ୍ତର ପାଇଁ ପ୍ରଶଂସା



'ଓରୁ ଅଦାର ଲଭ୍' ଫିଲ୍ମର ନିଜ ପ୍ରସିଦ୍ଧ ଆଖି ମାରିବା ଦୃଶ୍ୟରୁ ଚର୍ଚ୍ଚାକୁ ଆସିଥିବା ଅଭିନେତ୍ରୀ ପ୍ରିୟା ପ୍ରକାଶ ୱାରିୟର ନିକଟରେ 'କ୍ୟୁଟିକ୍ୟୁରା'ର ବ୍ରାଣ୍ଡ ଆମ୍ବାସଡର ଭାବେ ଏକ ପ୍ରମୋସନାଲ ଇଭେଣ୍ଟରେ ଯୋଗ ଦେଇଥିଲେ । ତେବେ ଏହି ସମୟରେ ତାଙ୍କ ପୋଷାକର ରଙ୍ଗକୁ ନେଇ ଜଣେ ୟୁଟ୍ୟୁବର ପଚାରିଥିବା ପ୍ରଶ୍ନ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଇଭେଣ୍ଟରେ ପ୍ରିୟା କମଳା ରଙ୍ଗର ଡ୍ରେସ ପିନ୍ଧିଥିବାରୁ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ୟୁଟ୍ୟୁବର ଜଣକ ଏହି ବିଶେଷ ରଙ୍ଗ ବାଛିବା ପଛର କାରଣ ଏବଂ କେରଳରେ ଜାରି ହୋଇଥିବା 'ଅରେଞ୍ଜ ଆଲର୍ଟ'ର କିଛି ପ୍ରଭାବ ଅଛି କି ବୋଲି ପଚାରିଥିଲେ । ଯାହାର ଉତ୍ତର ଦେଇ ପ୍ରିୟା "ପୋଷାକରେ ସମସ୍ୟା କ'ଣ" ବୋଲି ଓଲଟି ପ୍ରଶ୍ନ କରିବା ସହ ସେ ପ୍ରଚାର କରୁଥିବା ବ୍ରାଣ୍ଡର ଥିମ୍ ସହ ମେଳ ଖାଉଥିବାରୁ ଏହି ରଙ୍ଗ ବାଛିଛନ୍ତି ଏବଂ ଏହା ପଛରେ କୌଣସି ରାଜନୈତିକ କିମ୍ବା ଧାର୍ମିକ ସନ୍ଦେଶ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହି କଥାବାର୍ତ୍ତାର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଉକ୍ତ ପ୍ରଶ୍ନକୁ ଅନାବଶ୍ୟକ ଓ ଅନୁଚିତ ଦର୍ଶାଇ କୌଣସି ବ୍ୟକ୍ତିଙ୍କ ପୋଷାକର ରଙ୍ଗକୁ ରାଜନୈତିକ ବା ବୈଚାରିକ ଦୃଷ୍ଟିକୋଣ ସହ ଯୋଡ଼ାଯିବା ଉଚିତ ନୁହେଁ ବୋଲି ମତ ଦେଇଛନ୍ତି । ସେହିଭଳି ପ୍ରିୟାଙ୍କର ଏଭଳି ଶାଳୀନ ଓ ଶାନ୍ତ ଉତ୍ତରକୁ ବେଶ ପ୍ରଶଂସା କରିଛନ୍ତି ।

## ନିଆରା ଥେରାପି

ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ ଚୀନ୍‌ରେ ଆଜିକାଲି ଲୋକମାନେ ନିଜକୁ ଗରମ ବାଲିରେ ବେକ କିମ୍ବା ଛାତି ଯାଏଁ ପୋତି ଏକ ଭିନ୍ନ ଥେରାପି ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଯାହାକୁ ୮୦ କୋଟିରୁ ଅଧିକ ଥର ଦେଖାସରିଲାଣି। ଏହି ଗରମ ବାଲିରେ ନିଜ ଶରୀରକୁ 'ରିଚାର୍ଜ' କରିବା ଦ୍ୱାରା କ୍ଲାନ୍ତି, ଆଳସ୍ୟ ଏବଂ ଶରୀର ଭିତରର 'ଆର୍ଦ୍ରତା' ବା 'ନମି' ଦୂର ହୁଏ ବୋଲି ଲୋକେ ଦାବି କରୁଛନ୍ତି । ସେହିଭଳି କିଛି ଲୋକ ଏହାର ବିକଳ୍ପ ଭାବେ 'କାନ୍ଦିବା ଥେରାପି' ମଧ୍ୟ ଆପଣାଉଛନ୍ତି । ଏହାସହ ପିଠିରେ ଖରା ସେକିବା, କପିଂ ଏବଂ ହର୍ବାଲ ଫୁଟ୍ ବାଥ୍ ପରି ଉପାୟ ଗୁଡ଼ିକ ମଧ୍ୟ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ପାରମ୍ପରିକ ଚୀନ୍ ଚିକିତ୍ସା ଅନୁଯାୟୀ ଶରୀରରେ ବୃଦ୍ଧି ପାଉଥିବା ଆଦ୍ରତା ବିଭିନ୍ନ ସମସ୍ୟାର କାରଣ ହୋଇଥାଏ, କିନ୍ତୁ ଡାକ୍ତରମାନଙ୍କ ମତରେ ବାଲିରେ ପୋତିହେବା କିମ୍ବା କାନ୍ଦିବା ଦ୍ୱାରା ଶରୀରରୁ ଆଦ୍ରତା ବାହାରିବାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ସେହିଭଳି ଅଧିକ ସମୟ ଖରା କିମ୍ବା ଗରମରେ ରହିବା ଦ୍ୱାରା ହିଟ୍ ଷ୍ଟ୍ରୋକ୍ ଏବଂ ଚର୍ମ ନଷ୍ଟ ହେବାର ବଡ଼ ବିପଦ ରହିଥାଏ, ତେଣୁ ଏଗୁଡିକ ସୁରକ୍ଷିତ ନୁହେଁ ବୋଲି ଡାକ୍ତରମାନେ ମତ ଦେଇଛନ୍ତି ।



## ପୁରି ରୋଲ୍

**ସାମଗ୍ରୀ-** ଚିକେନ,ଦହି, ମିଟ ମସଲା, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, କାଶ୍ମିରୀ ଚିଲି, ଧନିଆ ପତ୍ର, ପୋଦିନା ପତ୍ର, କଞ୍ଚା ଲଙ୍କା, ମଇଦା ।

**ପ୍ରସ୍ତୁତି-** ପ୍ରଥମେ ମଇଦାରୁ ପୁରି ତିଆରି କରି ନିଅନ୍ତୁ । ପୁରିକୁ ଟିକେ ବଡ ରଖିବେ । ଏହାପରେ ଚିକେନରେ ସମସ୍ତ ଗୁଣ୍ଡ ମସଲା, ଲୁଣ ଓ ଦହି ଦେଇ କିଛି ସମୟ ପାଇଁ ମାରିନେଟ କରି ରଖନ୍ତୁ । ଏହାପରେ ପ୍ୟାନରେ ଅଳ୍ପ ତେଲ ଦେଇ ଏହି ଚିକେନକୁ ଅଳ୍ପ ଆଞ୍ଚରେ ସିଝିବାକୁ ଦିଅନ୍ତୁ । ଚିକେନ ସିଝିବା ପରେ ଏହାକୁ ଭାଜି ନିଅନ୍ତୁ । ଏହାପରେ ପୋଦିନା ପତ୍ର ଓ ଧନିଆ ପତ୍ର କଞ୍ଚା ଲଙ୍କା, ଲୁଣ ଦେଇ ଏକ ଚଟଣି ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହି ପୁରିରେ ପ୍ରଥମେ ଉକ୍ତ ଚଟଣି ଦିଅନ୍ତୁ, ତାପରେ ଏଥିରେ ଚିକେନ ପୁର ଦେଇ ରୋଲ ଭଳି ଗୁଡାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ପୁରି ରୋଲ ।





**ମେଷ:** ଶୁଭ ଖବର, ବିବାଦ ସମାଧାନ, ଅର୍ଥ ସମସ୍ୟା ଦୂର, ପାରିବାରିକ ସାହାଯ୍ୟ, ମାନସିକ ଶାନ୍ତି, ଯାତ୍ରାରେ ବିଳମ୍ବ, ଶରୀର ସୁସ୍ଥ, ଅଳ୍ପ ଶତ୍ରୁ ସମସ୍ୟା। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ।

**ବୃଷ:** କାର୍ଯ୍ୟରେ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ସ୍ୱଜନ ବିରୋଧ, ଦୂରଯାତ୍ରା ସଫଳ, ଶତ୍ରୁ ସମସ୍ୟା, ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭବାନ।

**ମିଥୁନ:** ଶୁଭ ଖବର, ଭୂସମ୍ପତ୍ତି ଲାଭ, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ମାନସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ଗୁପ୍ତ ଶତ୍ରୁ ଲାଗି ଚିନ୍ତିତ, ସନ୍ତାନ ସୁଖ, ବିଦ୍ୟାରେ ସଫଳ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୧୦, ଆରାଧନା- ଗଣେଶ ଭଗବାନ।

**କର୍କଟ:** ଅଯଥା ଖର୍ଚ୍ଚ, ବ୍ୟବସାୟରେ ସାମାନ୍ୟ ଲାଭ, ନୂତନ କାର୍ଯ୍ୟ ଲାଗି ଦୂର ଯାତ୍ରା, ଦେବଦର୍ଶନ, ବିବାଦ ସମାଧାନ, ଦାମ୍ପତ୍ୟ ଲାଭ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ୍, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ।

**ସିଂହ:** ଶୁଭ ଖବର, ବ୍ୟବସାୟରେ ଉନ୍ନତି, କର୍ମକ୍ଷେତ୍ରରେ ଖୁସି, ଶାରୀରିକ ସୁସ୍ଥ, ଗଠନମୂଳକ କାର୍ଯ୍ୟରେ ପ୍ରଶଂସା, ଯାତ୍ରା ସଫଳ, ମାନସିକ ଶାନ୍ତି। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ।

**କନ୍ୟା:** ଆୟରେ ଉନ୍ନତି, ପାରିବାରିକ ଖୁସି, ବିଶିଷ୍ଟ କାର୍ଯ୍ୟରେ ଧନ ବ୍ୟୟ, ସମ୍ପର୍କରେ ସୁଧାର, ଦୂର ଯାତ୍ରାରେ ସତର୍କ, ଶତ୍ରୁ ପରାଜିତ, ସ୍ୱାଦିଷ୍ଟ ଭୋଜନ, ସନ୍ତାନ ସମସ୍ୟା, ଦାମ୍ପତ୍ୟ ଖୁସି। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ।

**ତୁଳା:** ଭୟ କରନ୍ତୁ ନାହିଁ, ସମସ୍ୟା ଅଳ୍ପ ସମାଧାନ, ବ୍ୟବସାୟରେ କଷ୍ଟ, ଋଣ କରିପାରନ୍ତି, ଦାମ୍ପତ୍ୟ କଳହ, ବନ୍ଧୁ ସହଯୋଗ, ଶୁଭ ଆଲୋଚନା, ବିଦ୍ୟାରେ ଉନ୍ନତି। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ।

**ବିଛା:** ଯାତ୍ରାରେ ସତର୍କ, ଶାରୀରିକ କଷ୍ଟ, କିଛି ବିବାଦ ସମାଧାନ, ଅର୍ଥ ଲାଭ, ଶତ୍ରୁ ସମସ୍ୟା, ହେବା କାର୍ଯ୍ୟ ବିଳମ୍ବ, ସନ୍ତାନ ସୁଖ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ନୃସିଂହ ଭଗବାନ।

**ଧନୁ:** ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ବିବାଦ ସମାଧାନ, ଦୂର ଯାତ୍ରା ସଫଳ, ଦ୍ରବ୍ୟ ଲାଭ, ବନ୍ଧୁ ଲାଭ, ଦାମ୍ପତ୍ୟ ସୁଖ, ମାନସିକ ଶାନ୍ତି। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ମା' କୁତାମଚଣ୍ଡୀ।

**ମକର:** ଦ୍ରବ୍ୟ ଲାଭ, ଶୁଭ ଆଲୋଚନା, ଯାତ୍ରାରେ ଲାଭ, ବହୁଦିନର ଆଶା ପୂରଣ, ଅତିଥି ସତ୍କାର, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶାରୀରିକ ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ବାଣିଜ୍ୟ ଲାଭ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ।

**କୁମ୍ଭ:** ଅର୍ଥ ସମସ୍ୟା, ଶୁଭ କାର୍ଯ୍ୟରେ ବିଳମ୍ବ, ଅଯଥା ବିବାଦ, ମାନସିକ ଶାନ୍ତି, ଗୃହେ ଉତ୍ସବକୁ ନେଇ ଚିନ୍ତା, ବନ୍ଧୁ ସମସ୍ୟା, ଶାରୀରିକ କଷ୍ଟ, ଦାମ୍ପତ୍ୟ ସୁଖ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ।

**ମୀନ:** ଶରୀରିକ ସୁସ୍ଥ, ଶୁଭ କାର୍ଯ୍ୟରେ ଧନବ୍ୟୟ, ଉତ୍ସବକୁ ନେଇ ବ୍ୟସ୍ତତା, ଲୋକସମ୍ପର୍କରେ ବୃଦ୍ଧି, ବିବାଦରେ ଫସିପାରନ୍ତି, ସ୍ୱାଦିଷ୍ଟ ଭୋଜନ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ବିମଳା।

**ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ**
**୯.୮.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮




ନୋଇଡା ଠାରେ ଥିବା ହାୟର କମ୍ପାନୀର ମ୍ୟାନୁଫ୍ୟାକ୍ଚର ୟୁନିଟ୍‌କୁ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।




ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଭୂତ ବଙ୍ଗଳା ହତ୍ୟା : ଭଉଣୀ ସିନ୍ଦୂର ପୋଛିଲା ଭାଇ

ଭୁବନେଶ୍ୱର, (ସବ୍ୟୁ) : ଭୂତ ବଙ୍ଗଳା ହତ୍ୟାକାଣ୍ଡରେ ବିଧବା ହୋଇଥିବା ଏତଲାକାରିଣୀ ମହିଳାଙ୍କ ସିନ୍ଦୂର ପୋଛିଛି ତାଙ୍କ ନିଜ ଭାଇ ଅଭିଯୁକ୍ତ ବାପି ଓରଫ ବ୍ରଜକିଶୋର ଭୋଇ । ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଗାଁ ମୁଣ୍ଡରେ ଅର୍ଦ୍ଧ ନିର୍ମିତ ତିନିମହଲା ବଙ୍ଗଳା ଆଜକୁ ୩୫ ବର୍ଷ ହେବ ମୁକୁଳା ପଡ଼ିଛି । ନିର୍ମାଣ କାର୍ଯ୍ୟ ସରିବା ପରେ ମୁଖ୍ୟ ଫାଟକରେ ଏକ ବିଶାଳ ଗେଟ୍ ଲାଗିଛି । ସେହି ଗେଟ୍‌ରେ ମଧ୍ୟ ତାଲା ପଡୁନାହିଁ । ୩୫ ବର୍ଷ ହେବ ଘର ମୁକୁଳା ପଡ଼ିବାର କାରଣ ଘର ନିର୍ମାଣ କରିଥିବା ଦମ୍ପତିଙ୍କ ମୃତ୍ୟୁ ହେବାପରେ କେହି ଉତ୍ତରାଧିକାରୀ ସେଠାକୁ ଆସୁନାହାନ୍ତି । ସେହି ବଙ୍ଗଳାର ଛାତ ଉପରେ ଧଳା ଲୁଗା ପିନ୍ଧି ଜଣେ ମହିଳା ରାତିରେ ବୁଲୁଥିବା ଲୋକେ ଦେଖିବା ପରେ ଭୂତ ଚର୍ଚ୍ଚା ସେହି ଅଞ୍ଚଳରେ ଜୋର ଧରିଛି । ବେଳେବେଳେ ପାଉଜି ଝୁମୁଝୁମୁ କରି କେହି ଜଣେ ଗଲା ପରି ସେହି ବଙ୍ଗଳା ଭିତରୁ ଶବ୍ଦ ଶୁଣାଯାଏ ବୋଲି ଗାଁ ଲୋକେ କୁହନ୍ତି । ଭୟରେ ସେହି ବଙ୍ଗଳା ପାଖକୁ କେହି ଯାଆନ୍ତି ନାହିଁ ।

ଚଳିତ ମାସ ୧ ତାରିଖ ରାତିରେ ଚାରିଜଣ ଯୁବକ ସେହି ବଙ୍ଗଳା ଭିତରକୁ କେଉଁ ଉଦ୍ଦେଶ୍ୟରେ କ'ଣ ପାଇଁ ଯାଇ ଶୋଇଥିଲେ, ତାହା ସ୍ପଷ୍ଟ ହୋଇନାହିଁ । ସେମାନେ ଭୂତ ବଙ୍ଗଳା ଭିତରେ ଶୋଇଥିବାବେଳେ ହତ୍ୟାକାଣ୍ଡର ଅଭିଯୁକ୍ତ ବାପୀ ଓରଫ ବ୍ରଜକିଶୋର ଭୋଇ ସେଠାରେ ପହଞ୍ଚି ଠେଙ୍ଗାରେ ସମସ୍ତଙ୍କୁ ପିଟିଥିଲା । ବାପୀ ଆକ୍ରମଣରେ ୪ଜଣ ଯାକ ଆହତ ହୋଇଥିବାବେଳେ ତା' ଭିଣୋଇ ମୋହିନୀ ଦାସ ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ବାପୀର ଭଉଣୀ କବିତା ଦାସଙ୍କ ଏତଲା ଆଧାରରେ ବାପୀ ଓରଫ ବ୍ରଜକିଶୋର ଭୋଇକୁ ଚନ୍ଦକା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେହି ଅଞ୍ଚଳର ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଭଉଣୀ ସିନ୍ଦୂର ପୋଛିଲା ଭାଇ । ଘଟଣା ଦିନ ବାପୀ ସେମାନଙ୍କୁ ମାଡ଼ ମାରିବା ପରେ ଆତ୍ମହତ୍ୟା ରୂପ ଦେବାପାଇଁ ଚେଷ୍ଟା କରିଥିଲା । ଭିଣୋଇ ମୋହିନୀ ଭୂତ ବଙ୍ଗଳା ଛାତ ଉପରେ ଠିଆ ହୋଇଥିବାବେଳେ ତାଙ୍କୁ ଭୂତ ଠେଲିଦେବାରୁ ସେ କୋଠାରୁ ପଡ଼ିଯାଇ ଗୁରୁତର ହୋଇଛନ୍ତି ବୋଲି ଅଭିଯୁକ୍ତ ବାପୀ ପ୍ରଚାର କରାଇଥିଲା । ମୋହିନୀଙ୍କ ମୃତ୍ୟୁ ହେବାପରେ ବ୍ୟବଚ୍ଛେଦ ରିପୋର୍ଟରୁ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବାରୁ ପୋଲିସ ହତ୍ୟା ମାମଲା ରୁଜୁ କରିବା ପାଇଁ ବାପୀର ଭଉଣୀ କବିତାଠାରୁ ଏତଲା ଗ୍ରହଣ କରିଥିଲା । ଏତଲା ଅନୁଯାୟୀ ଅଭିଯୁକ୍ତକୁ ଗିରଫ କରାଗଲା ବୋଲି ପୋଲିସ କହିଛି । ସେହି ବଙ୍ଗଳାରେ ଅପରାଧିକ କାର୍ଯ୍ୟ ହେଉଥିବାରୁ ଚନ୍ଦକା ଥାନା ପୋଲିସ ମୁଖ୍ୟ ଫାଟକରେ ତାଲା ପକାଇଛି । କାରଣ ସେହି ବଙ୍ଗଳା ଚତୁର୍ପାଶ୍ୱର୍ ବିଶାଳ ପ୍ରାଚୀର ନିର୍ମାଣ ହୋଇଥିବାରୁ ଗେଟ୍ ତାଲା ପଡ଼ିବା ପରେ ତା' ଭିତରକୁ ଆଉ କେହି ଯାଇପାରିବେ ନାହିଁ ବୋଲି ପୋଲିସ କହିଛି ।

# କ୍ଷୀର ଭ୍ୟାନ୍‌ରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦେଶୀ ମଦ ଜବତ, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆଠଗଡ଼ ଅଞ୍ଚଳରୁ ରାଜଧାନୀକୁ କ୍ଷୀର ଭ୍ୟାନ୍‌ରେ ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ଭୁବନେଶ୍ୱର ଅବକାରୀ ଟିମ୍ ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ଜଗି ରହିଥିଲା । ପଟିଆ ଅଭିମୁଖେ ଧଳା ରଙ୍ଗର କ୍ଷୀର ଭ୍ୟାନ୍ ଯାଉଥିବାବେଳେ ଶନିବାର ଭୋର ସମୟରେ ଜାଭିୟର ଛକରେ ଅବକାରୀ ଟିମ୍ ଗାଡ଼ିକୁ ଅଟକାଇଥିଲା । ଡ୍ରାଇଭର ସେକ୍ ଇସ୍‌ଲାମ ଖାନ୍‌କୁ କାବୁ କରି ଯାଞ୍ଚ କରିବା ବେଳକୁ ଗାଡ଼ି ଭିତରୁ ପେଟିପେଟି ଦେଶୀ ମଦ ମିଳିଥିଲା । ଜବତଲ ମଦର ମୂଲ୍ୟ ୨ଲକ୍ଷ ୧୬ହଜାର ଟଙ୍କା ହେବ ବୋଲି ଅବକାରୀ ଟିମ୍ ଆକଳନ କରିଛି । ଗାଡ଼ିରୁ ୧୦୮୦ ଲିଟର ଦେଶୀ ମଦ ଅବକାରୀ ଟିମ୍ ଜବତ କରିବା ପରେ ଡ୍ରାଇଭରକୁ ଗିରଫ କରିଥିଲା । ଏହି ଦେଶୀ ମଦକୁ କ୍ଷୀର ଭ୍ୟାନ୍‌ରେ ଡ୍ରାଇଭର ଇସ୍‌ଲାମ ଭୁବନେଶ୍ୱର ଗଳିକନ୍ଦି ବସ୍ତିକୁ ଯାଇ ଖୁଚୁରା ବିକ୍ରେତାଙ୍କୁ ମଦ ଯୋଗାଇଥାଏ । ଦୀର୍ଘଦିନ ହେବ କ୍ଷୀର ଭ୍ୟାନ୍‌ରେ ଦେଶୀ ମଦ ରାଜଧାନୀରେ ସେ କାରବାର କରୁଥିଲା । ଡ୍ରାଇଭର ପଛରେ କେଉଁ ନିଶା ମାଫିଆଙ୍କ ହାତ ରହିଛି, ସେ ସମ୍ପର୍କରେ ଅବକାରୀ ଟିମ୍ ସୂଚନା ପାଇଥିଲେ ମଧ୍ୟ ତାକୁ ଗିରଫ କରାଯାଇ ନାହିଁ । ଅବକାରୀ ଟିମ୍ କହିବା ଅନୁଯାୟୀ, ଭୁବନେଶ୍ୱରକୁ ଦେଶୀ ମଦ ଚାଲାଣ କରୁଥିବା ମାଫିଆଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ । ହିନ୍ଦୀ ସିନେମା "ପୁଷ୍ପା'ରେ ଯେପରି କ୍ଷୀର ଭ୍ୟାନ୍ ଭିତରେ ଗଞ୍ଜେଇ ଚାଲାଣ ହେବାର ଦୃଶ୍ୟ ପ୍ରତୀୟମାନ ହେଉଥିଲା, ସେହିପରି ଭୁବନେଶ୍ୱରରେ କ୍ଷୀର ଭ୍ୟାନ୍‌ରେ ଦେଶୀ ମଦ କାରବାର ହେଉଛି ।

# ବନ୍ଦେ ଭାରତ ଏକ୍ସପ୍ରେସରୁ ନାବାଳିକା ଉଦ୍ଧାର

କଟକ,(ସବ୍ୟୁ): ବନ୍ଦେ ଭାରତ ଏକ୍ସପ୍ରେସରୁ ଜଣେ ନାବାଳିକାକୁ ଆର୍‌ପିଏଫ ଉଦ୍ଧାର କରିଛି । ସାବତ ମାଆର ନିର୍ଯାତନା ସହିନପାରି ନାବାଳିକା ଜଣକ ଘର ଛାଡି ପଳାଇଆସିଥିଲେ । ଆରପିଏଫ୍ ନାବାଳିକାକୁ ଉଦ୍ଧାର କରି ଚାଇଲ୍ଡ ଲାଇନ ଜିମା ଦେଇଛି ।

ଶନିବାର ମଧ୍ୟାହ୍ନରେ କୋଲକତା ଅଭିମୁଖେ ଯାଉଥିବା ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସରେ ଜଣେ ନାବାଳିକା ଏକୁଟିଆ ଯାତ୍ରା କରୁଥିଲେ । ଏ ସମ୍ପର୍କରେ ସୂଚନା ପାଇବାମାତ୍ରେ କଟକ ରେଳ ଷ୍ଟେସନରେ ଆରପିଏଫ କର୍ମଚାରୀ ସଜାଗ ହୋଇଥିଲେ । ଦିନ ପ୍ରାୟ ୩ଟା ୧୫ ମିନିଟରେ ଟ୍ରେନ୍‌ଟି କଟକ ଷ୍ଟେସନରେ ପହଞ୍ଚିବା କ୍ଷଣି ଆର୍‌ପିଏଫ କର୍ମଚାରୀ ଟ୍ରେନ ଭିତରୁ ଉକ୍ତ ନାବାଳିକାକୁ ଉଦ୍ଧାର କରି ଆଣିଥିଲେ । ପଚରାଉଚରା ସମୟରେ ନାବାଳିକା ଜଣକ ନିଜର ପରିଚୟ ଓ ଠିକଣା କହିଥିଲେ । ୧୧ ବର୍ଷୀୟ ନାବାଳିକାର ଘର ପୁରୀ ବାଶେଳି ସାହି ଥାନା ଅନ୍ତର୍ଗତ ହରଚଣ୍ଡୀ ସାହିରେ । ଘରେ ସାବତ ମା' ତାଙ୍କୁ ବହୁତ ମାର୍‌ପିଟ କରୁଥିଲେ । ନିର୍ଯାତନାରେ ଅତିଷ୍ଠ ହୋଇ ସେ ଘର ଛାଡିବାକୁ ନିଷ୍ପତ୍ତି ନେଇଥିଲେ । ଆଉ ଶନିବାର ମଧ୍ୟାହ୍ନରେ ଘରେ କାହାରିକୁ କିଛି ନଜଣାଇ ଟ୍ରେନ ବସି ପଳାଇ ଆସିଥିବା ନାବାଳିକା ଜଣକ ଆରପିଏଫ୍ କର୍ମଚାରୀଙ୍କୁ ଜଣାଇଥିଲେ । ଏନେଇ ଚାଇଲ୍ଡ ଲାଇନକୁ ସୂଚନା ଦିଆଯାଇଥିଲା । ତତ୍‌ସହିତ ନାବାଳିକାର ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଥିଲା । କିଛି ସମୟ ପରେ ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚିବା ପରେ ତାଙ୍କୁ ଉଦ୍ଧାର ନାବାଳିକାକୁ ହସ୍ତାନ୍ତର କରାଯାଇଛି । ଘଟଣା ସମ୍ପର୍କରେ ଆର୍‌ପିଏଫ ପକ୍ଷରୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଯିବା ସହିତ ନାବାଳିକାର ଉପଯୁକ୍ତ ଥଇଥାନ ଏବଂ ଭବିଷ୍ୟତ ପାଇଁ ପରବର୍ତ୍ତୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

## ଜିଲ୍ଲା ଅଦାଲତରେ ଦେୱାନୀ ମାମଲାର ଦିନିକିଆ କର୍ମଶାଳା

# ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜିଲ୍ଲା ଅଦାଲତଗୁଡ଼ିକରେ ଥିବା ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ଏବଂ ସରକାରୀ ଅଧିବକ୍ତା, ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି ।

ଲୋକସେବା ଭବନସ୍ଥିତ କନଭେନସନ୍ ଠାରେ ଆୟୋଜିତ ଏହି କର୍ମଶାଳାର ଉଦଘାଟନୀ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ଓ ତ୍ୱରିତ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ରହିଛି । ନ୍ୟାୟ ବ୍ୟବସ୍ଥାକୁ ଆଗେଇ ନେବା କ୍ଷେତ୍ରରେ ସରକାରୀ ଅଧିବକ୍ତା ଓ ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛ । ଆଇନଜୀବୀମାନେ ହେଉଛନ୍ତି ସାମ୍ବିଧାନିକ ବ୍ୟବସ୍ଥା ତଥା ନ୍ୟାୟପାଳିକାର ଗୋଟିଏ ଗୋଟିଏ ଅଂଶସ୍ୱରୂପ । ତେଣୁ ବିଭିନ୍ନ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବଲୋକନ କରିବା ସହିତ ନ୍ୟାୟିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ବେଶ୍ ଜରୁରୀ । ସେହିପରି ଆଜିର ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସଠିକ୍ ବ୍ୟବହାର ଓ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ ।




ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଦେୱାନୀ ଓ ଫୌଜଦାରୀ ମାମଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସରକାରୀ ଓକିଲଙ୍କ ଦାୟିତ୍ୱ, ପ୍ରମାଣ, କ୍ରସ ପରୀକ୍ଷା, ମୌଖିକ ଯୁକ୍ତିର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହିତ ନିଜ ନିଜ ଭିତରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ନ୍ୟାୟିକ ମାମଲାରେ ଆସୁଥିବା ସନ୍ଦେହର ସମାଧାନ ମାର୍ଗ ପାଇପାରିବେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ନ୍ୟାୟାଳୟରେ ସରକାରୀ ଆଇନଜୀବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସହ ସାମ୍ବିଧାନିକ ବ୍ୟବସ୍ଥାର ସଠିକ୍ ଅନୁପାଳନ କରି ଦେୱାନି ମାମଲା ପରିଚାଳନା ଉପରେ ନିଜର ମତ ରଖିଥିଲେ । କର୍ମଶାଳାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସ, ପ୍ରଫେସର ଡ. ଦୁର୍ଗେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ପ୍ରଶ୍ନୋତ୍ତର ଅଧିବେଶନରେ ଦେୱାନୀ ପ୍ରକ୍ରିୟା ସଂହିତା, ଦଳଗତ ଆଲୋଚନା ସହ ଅଧିବକ୍ତାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ । ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

▸▸ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ମିଳିବ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ
▸▸ ଆଇନଜୀବୀମାନେ ନ୍ୟାୟପାଳିକାର ଏକ ଅଂଶସ୍ୱରୂପ

## "ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଅଭିଯାନ ଆରମ୍ଭ

# ୨୨ରେ ଭୁବନେଶ୍ୱର ଜାତୀୟ ଗରିମା ସମ୍ମିଳନୀ

ଭୁବନେଶ୍ୱର(ସବ୍ୟୁ): ସ୍ୱଚ୍ଛତା କର୍ମଚାରୀଙ୍କ ମର୍ଯ୍ୟାଦା, ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌରାଞ୍ଚଳରେ ୧୫ ଦିନିଆ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ "ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଆରମ୍ଭ ହୋଇଛି । ଚଳିତମାସ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଗରିମା ଯୋଜନାର ମୂଳ ଉଦ୍ଦେଶ୍ୟ ସହ ସମନ୍ୱିତ ଏହି ଅଭିଯାନରେ ବିପଜ୍ଜନକ ମାନୁଆଲ୍ ସଫେଇକୁ ଦୂର କରିବା ସହ ସେପଟିକ୍ ଟ୍ୟାଙ୍କ ଓ ସ୍ୱେରେଜ୍ ସଫେଇକୁ ଆଇନସମ୍ମତ, ସୁରକ୍ଷିତ ଓ ଯାନ୍ତ୍ରିକ ପ୍ରଣାଳୀରେ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ପୌରାଞ୍ଚଳ ଗୁଡ଼ିକ ପକ୍ଷରୁ ବେଆଇନ କିମ୍ବା ପଞ୍ଜୀକରଣ ହୋଇନଥିବା ସେସପୁଲ୍ ଯାନ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ସେଗୁଡ଼ିକର ବିଧିବଦ୍ଧ ପଞ୍ଜୀକରଣ ପାଇଁ ପଦକ୍ଷେପ ନିଆଯାଉଛି । ନାଗରିକ, ହୋଟେଲ, ହସ୍ପିଟାଲ ଓ ଅନ୍ୟାନ୍ୟ ପ୍ରତିଷ୍ଠାନକୁ ସେପଟିକ୍ ଟ୍ୟାଙ୍କ ଓ ସ୍ୱେରେଜ୍ ସଫେଇ ପାଇଁ କେବଳୟୁଏଲ୍‌ବି ମାଧ୍ୟମରେ ସେବା ନେବାକୁ ସଚେତନ କରାଯାଉଛି । ଏଥିପାଇଁ ଟୋଲ୍-ଫ୍ରି ହେଲ୍-ଲାଇନ୍ ୧୪୪୨୦ କିମ୍ବା ପୌରାଞ୍ଚଳ ଦ୍ୱାରା ପଞ୍ଜୀକୃତ ବେସରକାରୀ ସେବା ପ୍ରଦାନକାରୀ ସଂଗଠନର ସେବା ନେବାକୁ ପରାମର୍ଶ ଦିଆଯାଉଛ ।

ଅଭିଯାନର ଶେଷ ପର୍ଯ୍ୟାୟରେ ସମସ୍ତ ପୌରାଞ୍ଚଳରେ କୋର୍ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସେମାନଙ୍କ ସନ୍ତାନଙ୍କ ପାଇଁ ଛାତ୍ରବୃତ୍ତି ବଣ୍ଟନ, ବଡ଼ଖାନା ଏବଂ ସ୍ୱଚ୍ଛତା କର୍ମଚାରୀ ଓ ସେବା ପ୍ରଦାନକାରୀଙ୍କ ସମ୍ମାନ ଆଦି କାର୍ଯ୍ୟକ୍ରମ ହେବ । ୨୧ ତାରିଖରେ ଅଭିଯାନ ସମାପ୍ତ ହେବା ପରେ ଅଗଷ୍ଟ ୨୨ ତାରିଖରେ ଭୁବନେଶ୍ୱରଠାରେ ଜାତୀୟ ଗରିମା ସମ୍ମିଳନୀ ଆୟୋଜିତ ହେବ । ଏଥିରେ ଜାତୀୟସ୍ତରର ନୀତି ବିଶେଷଜ୍ଞ, ସରକାରୀ ପଦାଧିକାରୀ, ପୌର ସଂସ୍ଥାର ପ୍ରତିନିଧି ଓ କୋର୍ ସାନିଟେସନ୍ ୱର୍କର୍ସ ଯୋଗଦେଇ ଯାନ୍ତ୍ରିକୀକରଣ, ପ୍ରଯୁକ୍ତିଭିତ୍ତିକ ସୁରକ୍ଷିତ ସଫେଇ ଏବଂ ସ୍ୱଚ୍ଛତା କର୍ମଚାରୀଙ୍କ ଦୀର୍ଘମିଆଦୀ ସାମାଜିକ ସୁରକ୍ଷା ନେଇ ଆଲୋଚନା କରିବେ ।

## ଡିଏଚ୍‌ଏଚ୍ କ୍ୱାର୍ଟର ଆବଣ୍ଟନ ପ୍ରସଙ୍ଗ

# ଆବଣ୍ଟନରେ ଅନିୟମିତତାର ପ୍ରଶ୍ନ ନାହିଁ : ଡିଏମ୍‌ଓ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୱାଟର ଆବଣ୍ଟନରେ ଅନିୟମିତତା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମୁହଁ ଖୋଲିଛନ୍ତି ଜିଲ୍ଲା ଚିକିତ୍ସା ଅଧିକାରୀ (ଡିଏମ୍‌ଓ) ତଥା ସୁପରିଟେଣ୍ଡେଣ୍ଟ ଡା. ଶ୍ୟାମାପ୍ରସନ୍ନ ମିତ୍ର। ଡା. ମିତ୍ର କହିବା ଅନୁସାରେ, ଖୋର୍ଦ୍ଧା ଡିଏଚ୍‌ଏଚ୍ ଅଧିନରେ ୫ଟି ଡାକ୍ତରଙ୍କ କ୍ୱାଟର ରହିଛି। ବର୍ତ୍ତମାନ ଡିଏଚ୍‌ଏଚ୍ ରେ ୭୦ରୁ ଉର୍ଦ୍ଧ୍ୱ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ ରହୁଥିବା ସ୍ଥାନରୁ ଆସୁଥିବାବେଳେ କିଛି ଡାକ୍ତରଙ୍କର ଖୋର୍ଦ୍ଧା ଅଂଚଳରେ ନିଜସ୍ୱ ଘର ରହିଛି। ୫ଟି କ୍ୱାଟର ମଧ୍ୟରୁ ୪ଟି କ୍ୱାଟର ଚକ୍ଷୁ ଚିକିତ୍ସାଳୟ ନିକଟରେ ରହିଥିବାବେଳେ ଗୋଟିଏ କ୍ୱାଟର ପୁରୁଣା ମେଡିକାଲ ଜେଲରୋଡ ଠାରେ ରହିଛି। ଉକ୍ତ ସ୍ଥାନରେ ରହିଥିବା କ୍ୱାଟର ରେ କୌଣସି ଡାକ୍ତର ନରହିବାରୁ ଏହାର ରକ୍ଷଣାବେକ୍ଷଣ ନହେବା ଫଳରେ ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଅବଶିଷ୍ଟ ୪ଟି କ୍ୱାଟର ପାଇଁ କୌଣସି ଡାକ୍ତର ଆବେଦନ ନକରିବାରୁ ଆବେଦନକାରୀ ହସ୍ପିଟାଲ ପରିଚାଳକ




ସଂଗୀତା ସ୍ୱାଇଁଙ୍କୁ ଦୁଇମାସ ତଳେ ଖାଲିଥିବା ଏକ କ୍ୱାଟର ପ୍ରଦାନ କରାଯାଇଛି। ସେଥିରେ କ୍ୱାଟର ଆବଣ୍ଟନ ସମୟରେ ଚୁକ୍ତିପତ୍ର ଅନୁଯାୟୀ ରହୁଥିବା ପରିଚାଳକ ଟ୍ରେଜେରିରେ କ୍ୱାଟର ବାବଦ ଅର୍ଥ ପୈଠ କରୁଛନ୍ତି। ଯଦି କୌଣସି ଡାକ୍ତର ଉକ୍ତ କ୍ୱାଟର ପାଇଁ କେଉଁସମୟରେ ଆବେଦନ କରନ୍ତି, ତେବେ ତୁରନ୍ତ କ୍ୱାଟର ଖାଲି କରିବା ପାଇଁ ମଧ୍ୟ ଚୁକ୍ତି ରହିଛି। ତେବେ ହସ୍ପିଟାଲ ରେ ୨ଜଣ ପରିଚାଳକ କାର୍ଯ୍ୟରତ ଥିବାବେଳେ ଜଣେ ପରିଚାଳକ କେବଳ କ୍ୱାଟର ପାଇଁ ଆବେଦନ କରିଥିଲେ ବୋଲି ଡିଏମ୍‌ଓ କହିଛନ୍ତି।

ଅନ୍ୟପଟେ ଡିଏଚ୍‌ଏଚ୍ କୁ ଖୋର୍ଦ୍ଧା ଜିଲ୍ଲା ସମେତ ନୟାଗଡ, କଟକ ଓ ପୁରୀ ଜିଲ୍ଲାର କେତେକ ଅଂଚଳରୁ ରୋଗୀମାନେ ଚିକିତ୍ସା ପାଇଁ ଆସନ୍ତି। ଡିଏଚ୍‌ଏଚ୍ ୨୪ ଘଣ୍ଟିଆ ଗହଳୀ ଲାଗି ରହୁଥିବାବେଳେ ପରିଚାଳକ ମେଡିକାଲ ପରିସରରେ ରହି ସେବା ଯୋଗାଇବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମେଡିକାଲ କୁ ଆସିଥିବା ରୋଗୀ ଓ ସମ୍ପର୍କିୟ କୌଣସି ଅସୁବିଧା ହେଲେ ପୂର୍ବରୁ ପରିଚାଳକ ଙ୍କୁ ଖୋଜି ଖୋଜି ନାକେଦମ ହେଉଥିଲେ। ମାତ୍ର ଏବେ ସେ ସମସ୍ୟା ଦୂର ହୋଇଥିବା ମେଡିକାଲ କୁ ଆସୁଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଆଶିଷ ରାୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଖାଲିପଡିଥିବା କ୍ୱାଟର ଜରାଜୀର୍ଣ୍ଣ ପାଲଟିବା ଅପେକ୍ଷା ୨୪ ଘଣ୍ଟିଆ ସେବା ଯୋଗାଉଥିବା କର୍ମଚାରୀଙ୍କୁ ରହିବାକୁ ଯୋଗାଇଦେଲେ କ୍ୱାଟର ର ରକ୍ଷଣାବେକ୍ଷଣ ହେବା ସହିତ ସ୍ୱାସ୍ଥ୍ୟ ପ୍ରଶାସନ ର ରାଜସ୍ୱ ମଧ୍ୟ ବୃଦ୍ଧି ହେବ ବୋଲି କେତେକ ବରିଷ୍ଠ ନାଗରିକ ପ୍ରକାଶ କରିଛନ୍ତି। ଏ ନେଇ ଡ଼ି. ଏମ.ଓ ଶ୍ୟାମ ପ୍ରସନ୍ନ ମିତ୍ରଙ୍କ କହିବା କଥା ଖାଲି ପଡ଼ିଥିବା କ୍ୱାର୍ଟରକୁ ନିୟମ ଅନୁଯାୟୀ ହସପିଟାଲ ପରିଚାଳକଙ୍କୁ ଆବଂଟନ କରାଯାଇଛି ଏଥିରେ କୌଣସି ଅନିୟମିତତାର ପ୍ରଶ୍ନ ନାହିଁ।

## ବୈତରଣୀ ୨ୟ ବନ୍ୟା ହେବ ଘାତକ

ଭଣ୍ଡାରିପୋଖରୀ, (ସବ୍ୟୁ): ଅବପାତ ଜନିତ କ୍ରମାଗତ ବର୍ଷା ଫଳରେ ବୈତରଣୀ ନଦୀରେ ଚଳିତ ବର୍ଷ ପାଇଁ ଦ୍ୱିତୀୟ ବନ୍ୟା ଆସିଛି । ବିଗତ ବନ୍ୟା ପରେ ନଦୀର ଜଳସ୍ତର ସ୍ୱାଭାବିକ ସ୍ତରକୁ ଆସିନଥିଲା । ଏବେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବନ୍ୟାଞ୍ଚଳରେ ଭୀତି ସଞ୍ଚାର କରିଛି । ଉପରମୁଣ୍ଡରେ ଭାରି ବର୍ଷା ଲାଗିରହିବା ଯୋଗୁଁ ବୈତରଣୀ ନଦୀରେ ଜଳସ୍ତର ଶନିବାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସନ୍ଧ୍ୟା ୬ଟାରେ ନଦୀ ଆଖୁଆପଦାରେ ସତର୍କ ସଙ୍କେତ ସ୍ତର ୧୭.୮୩ମିଟର ଅତିକ୍ରମ କରି ୧୭.୯୨ ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ଘଣ୍ଟାପ୍ରତି ୫ ମି.ମି. ବେଗରେ ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ କେଉଁଝରରେ ୧୦.୦ମି.ମି., ସ୍ୱାମୀପାଟଣାରେ ୫୪.୬ ମି.ମି., ଚମ୍ପୁଆରେ ୬୮.୮ ମି.ମି., ଆନନ୍ଦପୁରରେ ୬୦.୬ ମି.ମି. ଓ ଆଖୁଆପଦାରେ ୮.୮ ମି.ମି. ବର୍ଷା ରେକର୍ଡ କରାଯାଇଛି ।

# ଏନ୍‌ଏଫ୍‌ଏଚ୍‌ଏସ୍-୬ ତଥ୍ୟକୁ ବୁଝିବା ଏବଂ ଦୃଷ୍ଟିକୋଣ ଗଠନ ଉପରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଲିଙ୍ଗ ସମ୍ବଳ କେନ୍ଦ୍ର ସନ୍‌ଶ୍ରିଷ୍ଟି ଓ ନାଗରିକ ସମାଜ ସଂଗଠନ ପକ୍ଷରୁ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏନ୍‌ଏଫ୍‌ଏଚ୍‌ଏସ୍-୬ ତଥ୍ୟକୁ ବୁଝିବା ଏବଂ ଦୃଷ୍ଟିକୋଣ ଗଠନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ଡ. ସତୀଶ ବି ଅଗ୍ନିହୋତ୍ରି ଏବଂ ୟୁଏନ୍‌ଏଫ୍‌ପିଏର ରାଜ୍ୟ ମୁଖ୍ୟ ସୁନିଲ ଥମାସ୍ ଜାକବ୍ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓପନ ଲର୍ଣ୍ଣିଂ ସିଷ୍ଟମର ସହପ୍ରତିଷ୍ଠାତା କସ୍ତୁରୀ ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସଚିବ ଡ. ଲେନିନ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱର୍ଣ୍ଣମୟୀ ତ୍ରିପାଠୀ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଏନ୍‌ଏଫ୍‌ଏଚ୍‌ଏସ୍ ଭାରତର ରାଜ୍ୟ ଏବଂ ଜିଲ୍ଲା ଗୁଡ଼ିକରେ ନୀତି ଗଠନ, କାର୍ଯ୍ୟକ୍ରମ ମୂଲ୍ୟାଙ୍କନ ଏବଂ ଜାତୀୟ ଓ ବିଶ୍ୱ ବିକାଶ ଲକ୍ଷ୍ୟର ତଦାରଖ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଆଧାର ପାଲଟିଛି। ସଂପ୍ରତି ଭାରତ ସରକାରଙ୍କ ଦ୍ୱାରା ଏନ୍‌ଏଫ୍‌ଏଚ୍‌ଏସ୍-୬ ଫ୍ୟାକ୍‌ସିଟ୍ ସାର୍ବଜନୀନ କ୍ଷେତ୍ରରେ ସ୍ଥାନିତ ହୋଇଛି। କର୍ମଶାଳାର ଉଦ୍ଦେଶ୍ୟ



ହେଉଛି ଏହି ତଥ୍ୟ ଉପରେ ବିଶେଷ ଆଲୋଚନା କରିବା ଏବଂ ତଥ୍ୟକୁ ବୁଝିବାରେ ସହାୟତା କରିବା। ମୁଖ୍ୟବକ୍ତା ଡ. ଅଗ୍ନିହୋତ୍ରି ଶିଶୁ କୁପୋଷଣ ଉପରେ ଆଲୋକପାତ କରି କହିଥିଲେ ମହିଳାଙ୍କର ସମ୍ବଳ ସଚେତନତା ଓ ପରିବର୍ତ୍ତନ ଆଣିବାର ସାମର୍ଥ୍ୟରେ ଯେତି ଉନ୍ନତି ହେବ ଶିଶୁ କୁପୋଷଣକୁ କିଛି ମାତ୍ରାରେ ଦୂର କରିହେବ।

ସମ୍ମାନୀତ ଅତିଥି ସୁନିଲ ଥୋମାସ୍ ଜାକବ୍ ମହିଳା ସଶକ୍ତିକରଣ ଓ ଏନ୍‌ଏଫ୍‌ଏଚ୍‌ଏସ୍-୬ ଇଂଗିତ କରୁଥିବା ବିକାଶଧାରା ସଂପର୍କରେ ସୂଚାଇଥିଲେ। ସହରାଞ୍ଚଳରେ ବାଲ୍ୟ ବିବାହ ମଧ୍ୟ ଦେଖାଦେଇଛି ବୋଲି ତାପସୀ ପ୍ରହରାଜ ମତ ଦେଇଥିଲେ। କର୍ମଶାଳାରେ ଅଧ୍ୟକ୍ଷତା କରୁଥିବା କସ୍ତୁରୀ ମହାପାତ୍ର ମହିଳାମାନଙ୍କର ରକ୍ତ ହିନତା ଓ ସ୍ୱଚ୍ଛତା ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତ ଦେଇଥିଲେ। ଆଶା ହଂସ, ବିଶାଖା ଭଞ୍ଜ, ମଧୁମିତା ଦାସ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖିଥିଲେ। ସ୍ୱପ୍ନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମାଟିର ମହକ' କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ

# ପଦ୍ମ ପୁରସ୍କାରପ୍ରାପ୍ତ ପ୍ରତିଭାମାନେ ସମାଜ ପାଇଁ ପ୍ରେରଣା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଞ୍ଚରେ ଆୟୋଜିତ 'ମାଟିର ମହକ' କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ପଦ୍ମ ସମ୍ମାନ ଏବେ 'Peoples Award'ରେ ପରିଣତ ହୋଇଛି।



ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଞ୍ଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦୀ ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି । ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ମହାନ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ବା ଆର୍ଟ କଲେଜ ସ୍ଥାପନ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବିତ ଅନୁଷ୍ଠାନ ଭବିଷ୍ୟତରେ ନୃତ୍ୟକଳା, ସାହିତ୍ୟ, ପରଫର୍ମିଙ୍ଗ ଆର୍ଟ ସହ ଆଧୁନିକ ଡିଜିଟାଲ ଆର୍ଟ ଓ ଆନୁଷଙ୍ଗିକ କଳା ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ଆତ୍ମପ୍ରକାଶ କରିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି । ଏହି ଗୌରବମୟ ଅବସରରେ ଶ୍ରୀ ପ୍ରଧାନ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପ୍ରାପ୍ତ ପ୍ରତିଭା ଭାଗବତ ପଧାନ, ଶ୍ରୀନିବାସ ଉଦଗାତା, ପଟ୍ଟାୟତ ସାହୁ, ହଳଧର ନାଗ, ଜିତେନ୍ଦ୍ର ହରିପାଲ, ମିତ୍ରଭାନୁ ଗୌନ୍ତିଆ, କୈଳାଶ ଚନ୍ଦ୍ର ମେହେର ଏବଂ ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ଶ୍ରେଷ୍ଠ ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ୧୩ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ନୂଆଦିଲ୍ଲୀ ମନୋହର ପାରିକର ପ୍ରତିରକ୍ଷା ଅଧ୍ୟୟନ ଏବଂ ଆନାଲିସିସ୍ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ସୁଜନ ଚିନୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦଳଗତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଭୁବନେଶ୍ୱରକୁ ଏକ ବିଶାଳ ଶିକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ପ୍ରଶଂସନୀୟ । ଅଚ୍ୟୁତଙ୍କ ଜୀବନରେ ସରଳତା, ଉଚ୍ଚ ମୂଲ୍ୟବୋଧ, ଦର୍ଶନ, କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ । ଗୋଟିଏ ରଥ ଯେପରି ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ରଥ ଚାଲିବା ପାଇଁ ଚାରୋଟି ଚକ ଆବଶ୍ୟକ । ସେହିପରି ତୁମେ ସମସ୍ତେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏକାଠି ହେବା ଉଚିତ । ଛାତ୍ରଛାତ୍ରୀମାନେ ଯାହା ସବୁ କାମ କରିବେ ତା ଉପରେ ଦେଶର ପ୍ରଗତି ନିର୍ଭର କରିବ । ଦେଶର ପରିବର୍ତ୍ତନ ଆଣିବାକୁ ହେଲେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗକୁ ଧୈର୍ଯ୍ୟର ସହ ବିଚାର କରିବାକୁ ହେବ । ଜାତିସଂଘ ଉପରେ ସୂଚନା ଦେଇ ସୁଜନ କହିଲେ, ଜାତିସଂଘ ପ୍ରତିଷ୍ଠା ହେବାପରେ ଏହାର ସୁରକ୍ଷା ପରିଷଦକୁ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଏଥିରେ ଆହୁରି ଅନେକ ସଂସ୍କାର ଆଣିବାର ଅବଶ୍ୟକତା ଅଛି । ଛାତ୍ରଛାତ୍ରୀମାନେ ଆଜି ଯେଉଁ ଶିକ୍ଷା ଅର୍ଜନ କରନ୍ତି ତାହା ସେମାନଙ୍କୁ ଅଧିକ ବିନମ୍ର ତଥା ସମାଜରେ ଯୋଗଦାନ ଦେବା ପାଇଁ ସକ୍ଷମ କରାଇଥାଏ । ସେ କହିଲେ, ଗଣତାନ୍ତ୍ରିକ ଶକ୍ତି, ଇ-ଜ୍ଞାନ ସମ୍ଭାବନା, ବର୍ଦ୍ଧିତ ସାମରିକ କ୍ଷମତା, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ କ୍ଷେତ୍ରରେ ଭାରତର ଭୂମିକା ସାଂପ୍ରତିକ ବର୍ଷଗୁଡ଼ିକରେ ମଜବୁତ ହୋଇଛି । ଆମେ ଜଳବାୟୁ ପରିବର୍ତ୍ତନ, ସବୁଜ ପରିବର୍ତ୍ତନ,



ଖାଦ୍ୟ ଏବଂ ଶକ୍ତି ସୁରକ୍ଷା ସମେତ ପ୍ରମୁଖ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ସମୁହ ସହ ଏକାଠି କାମ କରିବାକୁ ଭାରତ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ ।

ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀମାନେ ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଆସୁଛନ୍ତି । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ତୁମେମାନେ ନିଜ ପ୍ରତି ଭଲ ହେବାକୁ ଚେଷ୍ଟା କର ଓ ସମାଜ ପ୍ରତି ଭଲ ହେବାକୁ ଚେଷ୍ଟା କର । ତୁମେ ଯେତେ ବଡ଼ ହେଲେ ମଧ୍ୟ ନିଜେ ଭଲ ହେଲେ ଦେଶକୁ ସକାରାତ୍ମକ ଭାବରେ ପରିବର୍ତ୍ତନ କରିପାରିବ । ଏଭଳି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୋଟିଏ ଲେଖାଏଁ ଚିନ୍ତାଧାରା ନେଇ ଆସିଥାନ୍ତି, ମାତ୍ର ଯିବା ସମୟରେ ଅନେକ ଚିନ୍ତାଧାରା ନିଜ ସହ ନେଇ ଫେରିଥାନ୍ତି ବୋଲି ସେ କହିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସମେତ ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା ଆଦି ଭାରତର ବିଭିନ୍ନ ସ୍ଥାନର ୧ଶହ ବିଦ୍ୟାଳୟରୁ ୧୫ଶହ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ଏହି ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ୧୩ଟି ବିଭିନ୍ନ କମିଟି ଗଠନ କରାଯାଇ ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ଏବଂ ବିତର୍କରେ ସାମିଲ ହେବେ ।

## ଇଙ୍ଗା ପକ୍ଷରୁ ଜଳ ସଂରକ୍ଷଣ ସଚେତନତା ଓ ଚାରା ରୋପଣ

ଚୌଦ୍ୱାର,(ସବ୍ୟୁ): କେନ୍ଦ୍ର ପରିବେଶ,ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଦେଶବ୍ୟାପି ଚାଲିଥିବା 'କ୍ୟାଚ୍ ଦ ରେନ୍' ଅଭିଯାନ ପରିପ୍ରେକ୍ଷୀରେ ସ୍ଥାନୀୟ ଇଙ୍ଗା ଶିଳ୍ପଗୋଷ୍ଠୀ ତରଫରୁ ଜଳ ସଂରକ୍ଷଣ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କପାଳେଶ୍ୱର ଖେଳ ପଡ଼ିଆ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କଟକର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । କପାଳେଶ୍ୱର କ୍ଲବ୍‌ର ସଦସ୍ୟବୃନ୍ଦ, ଇଙ୍ଗାର ବରିଷ୍ଠ କର୍ମକର୍ତ୍ତା ଏବଂ ସ୍ଥାନୀୟ ବହୁ ଜନ ସାଧାରଣ ଏଥିରେ ଅଂଶ ଗ୍ରହଣକରି ବିଭିନ୍ନ ଫଳ ଚାରା ରୋପଣ କରିଥିଲେ ।

# ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅହୋରାତ୍ର ଧାରଣା

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଶନିବାର ଲୋୟର ପିଏମଜି ଠାରେ ଗଣଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦୁଇ ଦିନ ପାଇଁ ଅହୋରାତ୍ର ଧାରଣା ଦିଆଯାଇଛି । ଏହି ଅବସରରେ ଶ୍ରୀ ମହାପାତ୍ର କହିଲେ ଯେ ସରକାରର ଜାତୀୟ ଶିକ୍ଷାନୀତି-୨୦୨୦ ଦେଶ ଓ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଉଜାଡି ଦେଇଛି । ଓ ସରକାରୀ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ଗଣଶିକ୍ଷାମନ୍ତ୍ରୀ ଏପର୍ଯ୍ୟନ୍ତ ଇସ୍ତଫା ନ ଦେଇ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ନିଜ ପଦକୁ ବଜାଇ ରଖିଛନ୍ତି । ସମଗ୍ର ପାଠ୍ୟପୁସ୍ତକ ଅଦରକାରୀ ହୋଇଯିବାରୁ ସରକାରଙ୍କ ଚିନ୍ତା ବଢ଼ି ଯାଇଛି । ଏହି ସାଙ୍ଘାତିକ ତ୍ରୁଟି ମାଧ୍ୟମରେ ରାଜ୍ୟ ସରକାର ଓ ଜାତିର ସ୍ୱାଭିମାନ ଓ ସମ୍ମାନ ପ୍ରତି ଆଘାତ ଦେଇଛନ୍ତି । ସାହିତ୍ୟ ବହିରେ ଗଣିତ ଏବଂ ଗଣିତ ବହିରେ ସାହିତ୍ୟ ରଖି ବହି ଗୁଡ଼ିକ ଡଷ୍ଟବିନ ପଡିବା ଯୋଗ୍ୟ କରିଦିଆଯାଇଛି । ତେଣୁ ଗଣଶିକ୍ଷା ବିଭାଗର ମନ୍ତ୍ରୀଙ୍କର ଦାୟିତ୍ୱ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି



ହୋଇଛି । ଏଭଳି ଜଣେ ଦାୟିତ୍ୱହୀନ ଏବଂ ଅଯୋଗ୍ୟମନ୍ତ୍ରୀ ଓ ଗଣଶିକ୍ଷା ବ୍ୟବସ୍ଥା ପ୍ରତି ବିପଦପୂର୍ଣ୍ଣ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ତେଣୁ ଉଭୟ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ଓ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗନ୍ତୁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ସେହିଭଳି କଲେଜ ଓ୍ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ସଂପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ଷଡ଼ଯନ୍ତ୍ର କରିଛନ୍ତି । ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନ ବାତାବରଣକୁ ସଂପୂର୍ଣ୍ଣ ନଷ୍ଟ କରିଦେବା ପାଇଁ ଯୋଜନା କରିଛନ୍ତି । କଲେଜ ଓ୍ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ଛାତ୍ର କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ । ମାଲକାନଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ କଲେଜ ଓ୍ୟୁନିଭରସିଟିରେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବ । ଛାତ୍ରମାନଙ୍କର ଅଧିକାର ପାଇଁ ଆମେ ଯେଉଁ ଲେଇ କରୁଛୁ ସେଥିରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଜ ଝାଖଡ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ସଂପୂର୍ଣ୍ଣ ସମର୍ଥନ, ସଂଯୋଗ ପ୍ରେରଣା ଓ ଦିଗଦର୍ଶନ ରହିଛି । ରାହୁଲ ଗାନ୍ଧୀ ଦେଶର ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କ ପ୍ରତି ଯେଉଁ ଆବେଗ ପ୍ରକଟ କରିଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସେହି ବାର୍ତ୍ତାକୁ ଓ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ପାଖକୁ ପହଂଚାଇବ । ବିଶେଷ କରି ପେପର ଲିକ ଘଟଣାରେ ବିଜେପି ସରକାରର ବିଶ୍ୱାସଘାତକତାକୁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କୁ ବୁଝାଇବ । କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ସ୍ପନ୍ଦନ ସ୍ୱାଇଁ, ନିଆଜୁଲ ଇସ୍ଲାମ, ସାରୁ ଖାନ, ଚିତ୍ତରଞ୍ଜନ ନାୟକ, ସରୋଜ ଦାସ, ଅମିତ ନାୟକ, ପଦ୍ମନାଭ ପଣ୍ଡା, ରୁଦ୍ର କର, ଦେବାଶିଷ ଦଇତାପତି, ବିଶ୍ୱଭୂଷଣ ମହାପାତ୍ର, ସନ୍ତୋଷ ନିମାଇଁ, ଆଶୁତୋଷ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସ୍ୱଚ୍ଛ ବାୟୁ ଓ ଉନ୍ନତ ପରିବେଶ ପାଇଁ ତାଇୱାନ ସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ

କଟକ, (ସ୍ୱପ୍ର): ସ୍ୱଚ୍ଛ ବାୟୁ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଗବେଷଣାକୁ ନୂଆ ଦିଗ ଓ ଗତି ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ତାଇୱାନ ସ୍ଥିତ ନ୍ୟାସନାଲ ସନ୍‌ୟାତ-ସେନ୍ ବିଶ୍ୱବିଦ୍ୟାଳୟର ଏରୋସୋଲ ବିଜ୍ଞାନ ଗବେଷଣା କେନ୍ଦ୍ର ସହ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ବୁଝାମଣାପତ୍ର ମାଧ୍ୟମରେ ଉଭୟ ଅନୁଷ୍ଠାନ ମଧ୍ୟରେ ମିଳିତ ଗବେଷଣା ଓ ଗବେଷଣା ପ୍ରବନ୍ଧ ପ୍ରକାଶନ, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଆଦାନପ୍ରଦାନ, ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ଗବେଷଣା ଅନୁଦାନ ପାଇଁ ମିଳିତ ପ୍ରସ୍ତାବ ପ୍ରସ୍ତୁତି ଦିଗରେ ସହଯୋଗ ବୃଦ୍ଧି ପାଇବ । ଏହି ସହଭାଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାୟୁର ଗୁଣବତ୍ତା, ଏରୋସୋଲ ବିଜ୍ଞାନ, ଦୀର୍ଘସ୍ଥାୟୀ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ସହ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗବେଷଣାକୁ ଆଗକୁ ବଢ଼ାଇବା । ଏହି ଏମଓୟୁରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ବାୟୁର ଗୁଣବତ୍ତା ସମ୍ପର୍କିତ ଗବେଷଣା ପାଇଁ ଏକ ସହଯୋଗୀ ଗବେଷଣା କେନ୍ଦ୍ର ସ୍ଥାପନର ମଧ୍ୟ ପରିକଳ୍ପନା କରାଯାଇଛି । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ବିଭାଗର ଡିନ୍ ପ୍ରଫେସର (ଡ.) କେଶରୀ ସିଂହ କହିଛନ୍ତି, ଏହି ସହଭାଗିତା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ଗବେଷଣା ବିଶ୍ୱବିଦ୍ୟାଳୟ ଭାବେ ବିକଶିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏରୋସୋଲ ବିଜ୍ଞାନ ଗବେଷଣା କେନ୍ଦ୍ର, ନ୍ୟାସନାଲ ସନ୍‌ୟାତ-ସେନ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଚିଆ ସି. ୱାଙ୍ଗ କହିଛନ୍ତି, ମାନବ ସମାଜ ଏବଂ ପୃଥିବୀର ସମସ୍ତ ସମ୍ବେଦନଶୀଳ ଜୀବଙ୍କ ପାଇଁ ଏକ ଉତ୍ତମ ପରିବେଶ ଓ ଅଧିକ ସ୍ଥାୟୀ ପୃଥିବୀ ଗଠନ ନିମନ୍ତେ ବାୟୁର ଗୁଣବତ୍ତା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସହ ଏହି ଏମଓୟୁ ଆମ ପାଇଁ ଗୌରବର ବିଷୟ । ଏହି ଏମଓୟୁକୁ ସ୍ୱାଗତ କରି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର (ଡ.) ତେଜ ପରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଜୀ ପ୍ରସନ୍ନତା ବ୍ୟକ୍ତ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ପାଇଁ ଉଭୟ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇଛନ୍ତି ।

## ୨୦୨୬-୨୭ରେ ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ

# ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥର ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ

ଭୁବନେଶ୍ୱର, (ସବ୍ୟୁ): ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ଏହି ସଫଳତା ପୂର୍ବତଟ ରେଳପଥର ଦକ୍ଷ ପଣ୍ୟ ପରିବହନ ପରିଚାଳନା, ରେଳ ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ଏବଂ ଏହାର କ୍ଷେତ୍ରାଧିକାର ମଧ୍ୟରେ ପଣ୍ୟ ପରିବହନର ସମୟୋଚିତ ପରିଚାଳନା ପ୍ରତି ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ରେଳ ନେଟୱାର୍କର ସାମ୍ପ୍ରତିକ ପୁନର୍ଗଠନ ଏବଂ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି। ମଣ୍ଡଳଗୁଡ଼ିକ ମଧ୍ୟରେ, ୨୦୨୬ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍‌ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍‌ଟି ଏବଂ ସମ୍ବଲପୁର ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ ପରିଚାଳନା କରିଛନ୍ତି। ବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରିଛି, ଯାହା ପୁନର୍ଗଠିତ ରେଳ ନେଟୱର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢୁଥିବା ଭୂମିକାକୁ ଏହା ପ୍ରତିଫଳିତ କରୁଛି। କେବଳ ଜୁଲାଇ ୨୦୨୬ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୩.୧୪ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ମଧ୍ୟରେ ଲୌହପଥର ପରିବହନ ଜାରି ରହିଛି। ଜୁଲାଇ ମାସରେ ୨.୨୮ ନିୟୁତ ଟନ୍ ଲୌହପଥର ବୋଝେଇ କରାଯାଇଥିବା ବେଳେ ବକ୍ସାଇଟ୍ ବୋଝେଇ ୦.୧୯ ନିୟୁତ ଟନ୍ ରହିଛି।

୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳ ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୬୭ ନିୟୁତ ଟନ୍ ଅବଦାନ ରଖିଛନ୍ତି। ଏହାଫଳରେ ପୂର୍ବତଟ ରେଳପଥର ମୋଟ ପ୍ରାରମ୍ଭିକ ପଣ୍ୟ ବୋଝେଇ ୮୧.୪୦ ନିୟୁତ ଟନରେ ପହଞ୍ଚିଛି। ପଣ୍ୟ ପରିବହନର ସୁଗମ ଓ ଦକ୍ଷ ପରିଚାଳନା ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ପରିଚାଳନା, ବାଣିଜ୍ୟିକ, ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକର ସମନ୍ୱିତ ପ୍ରୟାସକୁ ଦର୍ଶାଉଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଏହି ସଫଳତା ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ମଣ୍ଡଳ ଓ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସକୁ ପ୍ରଶଂସା କରିଛନ୍ତି। ପଣ୍ୟ ପରିବହନ କ୍ଷେତ୍ରରେ ଏହି ଅଭିବୃଦ୍ଧିର ଧାରାକୁ ବଜାୟ ରଖିବା, ପରିଚାଳନା ଦକ୍ଷତାକୁ ଆହୁରି ବୃଦ୍ଧି କରିବା ଏବଂ ଗ୍ରାହକ-କେନ୍ଦ୍ରିକ ପଣ୍ୟ ପରିବହନ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।

# ବିଜ୍ଞାନ ପ୍ରଚାର ସମିତିର ୭୮ ତମ ପ୍ରତିଷ୍ଠା ଦିବସ

କଟକ, (ସ୍ୱପ୍ର) : ବିଜ୍ଞାନ ପ୍ରଚାର ସମିତିର ୭୮ ତମ ପ୍ରତିଷ୍ଠା ଦିବସ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆକାଶବାଣୀ କଟକର ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ଡଃ ହୃଷିକେଶ ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନକୁ ଜନପ୍ରିୟ କରାଇବାରେ ଆକାଶବାଣୀ କେନ୍ଦ୍ରର ଭୂମିକା ବର୍ଣ୍ଣନା କରିଥିଲେ । ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ ଅତୀତ ଓ ବର୍ତ୍ତମାନର ବିଜ୍ଞାନକୁ ତୁଳନା କରି ବହୁ ଉଦାହରଣ ସହ ବ୍ୟାଖ୍ୟା କରିଥିଲେ । ମୁଖ୍ୟ ଅତିଥିଙ୍କୁ



ଡଃ ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ସମ୍ମାନ ଓ ମୁଖ୍ୟବକ୍ତାଙ୍କୁ ଡଃ କୁଳମଣି ସାମଲ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଲିଖିତ ବୈଜ୍ଞାନିକ ଉପନ୍ୟାସ ଶହେ ବର୍ଷ ପରେ ଉନ୍ମୋଚନ କରାଯାଇଥିଲା ଏବଂ ତାଙ୍କ ସୁପୁତ୍ର ଡଃ ନନ୍ଦନନ୍ଦନ ମହାପାତ୍ର ଉପନ୍ୟାସର ସରଳ ବ୍ୟାଖ୍ୟା କରିଥିଲେ । ଡଃ ସୁବାସିନୀ ଲେଙ୍କା, ଡଃ ଶିବଶଙ୍କର ନାୟକ, ପ୍ରଫେସର ଭାରତୀ ବେହେରା, ଡା. ନିତ୍ୟାନନ୍ଦ ସ୍ୱାଇଁ, ଡଃ ମୃଦୁଳା ମିଶ୍ର, ସୁକାନ୍ତ କିଶୋର ମହାନ୍ତି, ଇଂ ମାୟାଧର ସ୍ୱାଇଁଙ୍କ ଲିଖିତ ବୈଜ୍ଞାନିକ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପ୍ରକାଶନ ସମ୍ପାଦକ ଡା. ସଚ୍ଚିଦାନନ୍ଦ ଶତପଥୀ ଓ ନିରଞ୍ଜନ ପାତ୍ର ଏହାକୁ ପରିଚାଳନା କରିଥିଲେ । ବିଭିନ୍ନ ପରୀକ୍ଷାରେ ଓ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ ଓ ଡଃ ଶିବଶଙ୍କର ନାୟକ ପରିଚାଳନା କରିଥିଲେ । ଉପସଭାପତି ଡଃ ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲାବେଳେ ସମ୍ପାଦକ କବିତା ପାଟ୍ଟଶାଣୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ଅରବିନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବଢୁଛି ବିଧାୟକ ପ୍ରକାଶ ସେଠୀଙ୍କ ଅଡୁଆ

# କ୍ଷମା ପ୍ରାର୍ଥନା ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ଧାରଣା

କଟକ, (ସବ୍ୟୁ):ସମ୍ପ୍ରତି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟକୁ ଅନଧିକାର ପ୍ରବେଶ କରି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ମାନଙ୍କ ପ୍ରତି ଅସଦାଚରଣ କରିବା ଘଟଣାରେ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛିଯେ କୂଳପତିଙ୍କ ଉପସ୍ଥିତିରେ ଏହି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା ଘଟିଥିଲେ ମଧ୍ୟ ସମ୍ପୃକ୍ତ ବିଧାୟକଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ଓ ଘଟଣା ସଂପର୍କରେ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିବା ପରିବର୍ତ୍ତେ କୂଳପତି ବିଧାୟକଙ୍କୁ ଘଣ୍ଟ ଘୋଡାଇ ଅଧ୍ୟାପକ ମାନଙ୍କୁ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ସିନେଟ୍ ଏ ପର୍ଯ୍ୟନ୍ତ ଗଠନ କରାଯାଇ ନଥିଲେ ବି ନିଜକୁ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ବୋଲି ଦାବି କରି ଏବଂ ବିଧାନସଭାର ବାଚସ୍ପତିଙ୍କୁ ଚିଠି ଲେଖି ବିଧାୟକ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଭୟଭୀତ କରିବାପାଇଁ ଉଦ୍ୟମ କରୁଥିବାବେଳେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ କୂଳପତି ଘଟଣା ସମ୍ପର୍କରେ ସତ୍ୟ ପ୍ରକାଶ ନକରି କାର୍ଯ୍ୟତ ଅତ୍ୟନ୍ତ ଗର୍ହିତ କାମ କରିଥିବା ବିଧାୟକଙ୍କୁ ସୁରକ୍ଷା



ଦେଉଛନ୍ତି। ଏହି ପରିସ୍ଥିତିରେ ସଂଗଠନର ସଭାପତି ତଥା ରେଭେନ୍ସା ଛାତ୍ର ସଂସଦର ପୂର୍ବତନ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୂଳପତିଙ୍କୁ ସାକ୍ଷାତ୍ କରିବା ପାଇଁ ଯାଇଥିଲେ ମଧ୍ୟ କୂଳପତି ଅସୁସ୍ଥତା ବାହାନାରେ ପ୍ରତିନିଧି ଦଳକୁ ସାକ୍ଷାତ ନଦେବାରୁ ତାଙ୍କ ସୁରକ୍ଷାକର୍ମୀଙ୍କୁ ଦାବିପତ୍ର ହସ୍ତାନ୍ତର କରାଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଓ ଅପରାଧୀ ବିଧାୟକଙ୍କ ବିରୁଦ୍ଧରେ ଏତଲା ଦିଆଯାଇ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାପାଇଁ ସ୍ମାରକପତ୍ରରେ ଦୃଢ଼ ଦାବି କରାଯାଇଛି।

# ବେଆଇନ ଗୋ ଚାଲାଣକାରୀକୁ କୋର୍ଟ ଚାଲାଣ

ଜଟଣୀ, (ସବ୍ୟୁ) : ବେଆଇନ ଗୋରୁ ଚାଲାଣ ଏବଂ ପଶୁ ନିର୍ଯାତନା ନେଇ ଜଟଣୀ ବଜରଙ୍ଗ ଦଳର ସଂଯୋଜକ ଅଭିଯୋଗକାରୀ ବିଭୁ ପ୍ରସାଦ ମହାରଣାଙ୍କ ଲିଖିତ ଏତଲା ଆଧାରରେ ଜଟଣୀ ଥାନାରେ 343/26 ରେ ଏକ ମାମଲା ରୁଜୁ କରାଯାଇ ମହମ୍ମଦ ଇମତାଜ୍ ଓରଫ ଏନୋ (27) ନାମକ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ଗତ ୧୭.୦୬.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୨.୧୫ ମିନିଟରେ ଜଟଣୀ ରାସ୍ତାରୁ ବେଣାପଞ୍ଜୁରୀ ଆଡ଼କୁ ଏକ ଚେଭ୍ରୋଲେଟ ଗାଡ଼ି ଯାଉଥିଲା। ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଅତି ନିର୍ମମ ଭାବେ ୩ଟି ଗାଈ ଏବଂ ଗୋଟିଏ ବାଛୁରୀ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ଗାଡ଼ିରେ ଥିବା ୫ ଜଣ ଦୁର୍ବୃତ୍ତ ହଠାତ୍ ଖଣ୍ଡା ଏବଂ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଗାଡ଼ି ଓ ଗୋରୁଙ୍କୁ ସେଠାରେ ଛାଡ଼ି ଫେରାର ହୋଇଯାଇଥିଲେ। ଗାଡ଼ିକୁ ଜବତ କରିବା ସହ ଉଦ୍ଧାର ହୋଇଥିବା ଗୋରୁଙ୍କୁ ନିରାପଦ ସ୍ଥାନକୁ ପଠାଯାଇଥିଲା। ପୋଲିସର ଅଧିକ ତଦନ୍ତରୁ ଜଣାପଡିଥିଲା ଯେ ଅଭିଯୁକ୍ତ ମହମ୍ମଦ ଇମତାଜ୍ ଓରଫ ଏନୋ ଏହି ବେଆଇନ ଗୋରୁ ଚାଲାଣ ରାକେଟରେ ସକ୍ରିୟ ଭାବେ ସମ୍ପୃକ୍ତ ଥିଲା। ସେ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ଏହିପରି ବେଆଇନ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ ହେବାର ଆଶଙ୍କା ରହିଛି। ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଜଟଣୀ ଥାନାରେ ଆଉ ଏକ ଅପରାଧିକ ମାମଲା ରହିଛି। ଫେରାର ଥିବା ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ପକ୍ଷରୁ

# ଓ.ପି.ଜିନ୍ଦଲଙ୍କ ୯୬ତମ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ଏହାର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୬ତମ ଜନ୍ମବାର୍ଷିକୀରେ ଏକ ରକ୍ତଦାନ ଶିବିର ଏବଂ କର୍ମଚାରୀମାନଙ୍କ ପାଇଁ ଏକ ନୂତନ ଜିମ୍ ସୁବିଧାର ଉଦଘାଟନ ସମେତ ଅନେକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସ୍ମାରକୀ କାର୍ଯ୍ୟକ୍ରମରେ ସମସ୍ତ ଖଣି ସ୍ଥାନ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସ୍ଥାନର କର୍ମଚାରୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ବଡବିଲ୍ କାର୍ଯ୍ୟାଳୟରେ, ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି,



ପରିଚାଳନା ଏବଂ ପ୍ରକଳ୍ପ ମୁଖ୍ୟ ରାମ ଶଙ୍କର ଶର୍ମା, ଅର୍ଥ ମୁଖ୍ୟ ଅଙ୍କୁର ଡୋକାନିଆ, ଅନ୍ୟ ସହକର୍ମୀଙ୍କ ସହିତ, ଶ୍ରୀ ଜିନ୍ଦଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ପାଳନର ଏକ ଅଂଶ ଭାବରେ, ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ, କେଉଁଝରେ ଏବଂ କେଉଁଝର ରକ୍ତଭଣ୍ଡାର ସହଯୋଗରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ୧୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ଶିମିଳିପାଳରେ ୫ବର୍ଷିୟା କଳା ବାଘୁଣୀର ମୃତଦେହ ଉଦ୍ଧାର



ବାରିପଦା, (ସବ୍ୟୁ) : ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପରବାରାହାକାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆଣି କ୍ୟାମ୍ପ ନିକଟରୁ ଏକ ପ୍ରାୟ ୫ବର୍ଷିୟା ମାଈ ବାଘର ମୃତଦେହ ଉଦ୍ଧାର ହୋଇଛି । ମୃତ ବାଘୁଣୀଟି ସ୍ୟୁଡୋ ମେଲାନିଷ୍ଟିକ୍ ବା କଳା ରଙ୍ଗର ବାଘ ଥିବା ଜଣାପଡ଼ିଛି । ଏହି ଘଟଣା ଶିମିଳିପାଳ ଟାଇଗର ରିଜର୍ଭର କୋର୍ ଅଞ୍ଚଳରେ ଘଟିଛି । ବନ ବିଭାଗର ପେଟ୍ରୋଲିଂ କର୍ମଚାରୀମାନେ ଗତ ୬ଅଗଷ୍ଟ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜାଟିଆଣି କ୍ୟାମ୍ପ ନିକଟରେ ବାଘୁଣୀର ମୃତଦେହ ଠାବ କରିଥିଲେ ।

ଖବର ପାଇବା ପରେ ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପରେ ୭ ଅଗଷ୍ଟରେ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟିର ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଅନୁଯାୟୀ ବାଘୁଣୀର ଶବ ବ୍ୟବଚ୍ଛେଦ କରାଯାଇଥିଲା । ଏଥିରେ ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଡା. ପ୍ରକାଶ ଚନ୍ଦ୍ର ଗୋଗିନେନି, ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ଡାଃ ଅଭିଲାଷ ଆଚାର୍ଯ୍ୟ, ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଶିମିଳିପାଳ ବାୟୋସ୍ପିୟର ରିଜର୍ଭର ଡା. ଜୋଏଲ୍, ଠାକୁରମୁଣ୍ଡାର ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ଡା. ପ୍ରୀତିପ୍ରସନ୍ନ ସାହୁ ଏବଂ ଏନ୍‌ଟିସିଏ ଦ୍ୱାରା ମନୋନୀତ ପ୍ରତିନିଧି ଡା. ସୁଭାନୀ ରଥ ସାମିଲ ଥିଲେ । ପ୍ରାଥମିକ ଯାଞ୍ଚ ସମୟରେ ବାଘୁଣୀର ମୃତଦେହ ତାଜା ଥିବାବେଳେ ଶରୀରରେ କୌଣସି ଆଘାତର ଚିହ୍ନ କିମ୍ବା ଅନ୍ୟ କୌଣସି ସ୍ପଷ୍ଟ ମୃତ୍ୟୁ କାରଣ ଦେଖିବାକୁ ମିଳିନଥିଲା । ଘଟଣାସ୍ଥଳକୁ ସୁରକ୍ଷିତ କରାଯିବା ସହ ଏନ୍‌ଟିସିଏ ଏସଓପି ଅନୁଯାୟୀ ବିଭିନ୍ନ ଜୈବିକ ନମୁନା ସଂଗ୍ରହ କରାଯାଇଛି । ବିଷାକ୍ତତା, ରୋଗ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ନମୁନାଗୁଡ଼ିକୁ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଓ୍ୱାଇଲ୍ଡଲାଇଫ୍ ହେଲଥକୁ ପଠାଯାଇଛି । ଲାବୋରେଟୋରୀ ରିପୋର୍ଟ ମିଳିବା ପରେ ହିଁ ବାଘୁଣୀର ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ଶବ ବ୍ୟବଚ୍ଛେଦ ଶେଷ ହେବା ପରେ ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଓ ବନ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ବାଘୁଣୀର ମୃତଦେହକୁ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁସାରେ ଦାହ କରାଯାଇଥିଲା । ଶବ ବ୍ୟବଚ୍ଛେଦଠାରୁ ଆରମ୍ଭ କରି ମୃତଦେହ ସମ୍ପୂର୍ଣ୍ଣ ଭାବେ ଭସ୍ମରେ ପରିଣତ ହେବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ଭିଡିଓ ରେକର୍ଡିଂ ଓ ଫଟୋଗ୍ରାଫି କରାଯାଇଥିଲା । ବାଘୁଣୀର ଅସ୍ୱାଭାବିକ ମୃତ୍ୟୁ ପଛରେ ପ୍ରକୃତ କାରଣ କଣ, ତାହା ଜାଣିବା ପାଇଁ ବନ ବିଭାଗ ତଦନ୍ତ ଜାରି ରହିଛି ।

# ଆଇପିଏଲ ବେଟିଂ : ଦୁଇ ମାମଲାରେ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ପୋଲିସ ଅନଲାଇନ୍ ଆଇପିଏଲ ବେଟିଂରେ ସମ୍ପୃକ୍ତ ଥିବା ଦୁଇଟି ପୃଥକ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ବେଆଇନ ସ୍କାଏ ଏକ୍ସଚେଞ୍ଜ ପ୍ଲାଟଫର୍ମ ମାଧ୍ୟମରେ ଆଇପିଏଲ ମ୍ୟାଚ୍ରେ ବେଟିଂ କରୁଥିବା ଅଭିଯୋଗ ହୋଇଛି । ପୂର୍ବରୁ କେସ୍ ନଂ-୨୭୯/୨୬ରେ ଫେରାର ଥିବା ଧନମେରାସାହିର ମୋହନ ମୁଖୀ (୩୧)ଙ୍କୁ ଆଜି ପୋଲିସ ଗିରଫ କରିଛି ।

ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍ ସମୟରେ ସେ ଅନଲାଇନ୍ ବେଟିଂରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି । ତାଙ୍କ ନିକଟରୁ ଏକ ଭିଭୋ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ସେହିପରି କେସ୍ ନଂ-୨୯୭/୨୬ ରେ ସମ୍ପୃକ୍ତ ରହି ଫେରାର ଥିବା ରତନପୁରର ଚନ୍ଦନ କୁମାର ଗୌଡ଼ (୨୬) ଏବଂ ବଡ଼ଂର ଥାନା ଅନ୍ତର୍ଗତ ଗଣେଶ ନଗରର ପିଣ୍ଟୁ ସେଠୀ (୩୦)ଙ୍କୁ ପୋଲିସ ଗୁରୁବାର ରାତ୍ର ଗିରଫ କରିଥିଲା । ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ସମୟରେ ସେମାନେ ସଂଗଠିତ ବେଟିଂ ଚକ୍ରରେ ସକ୍ରିୟ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ସେମାନଙ୍କ ନିକଟରୁ ଏକ ଭିଭୋ ୨୦୯ ଏବଂ ଏକ ଓପୋ ରେନୋ ୧୫ ସି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ତିନି ଜଣ ଅଭିଯୁକ୍ତଙ୍କ ବିରୋଧରେ ପ୍ରାଇଜ୍ ଚିଟ୍ସ ଆଣ୍ଡ ମନି ସର୍କୁଲେସନ୍ ସ୍କିମ୍ସ (ନିଷେଧ) ଆଇନ-୧୯୭୮, ପବ୍ଲିକ୍ ଗ୍ୟାମ୍ବ୍ଲିଂ ଆକ୍ଟ ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ସମସ୍ତ ତିନି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା.ସର୍ଣ୍ଣା ବିବେକ ଏମ ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି ।

# ଓଏଭି ଛାତ୍ରାବାସରୁ ବୈଦ୍ୟୁତିକ ସାମଗ୍ରୀ ଚୋରି, ଥାନାରେ ଏତଲା

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର କୁସଗୁମ୍ପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୁରୁଷ ଛାତ୍ରାବାସର ନୂତନ ନିର୍ମାଣାଧୀନ ଗୃହରୁ ଦୁର୍ବୃତ୍ତ ମାନେ ପଛପଟୁ ତାଲା ଭାଙ୍ଗି ଗୋଟିଏ ରୁମ ଭିତରେ ରହିଥିବା ପ୍ରାୟ ଦଶରୁ ବାର ଲକ୍ଷ ଟଙ୍କାର ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଚୋରି କରି ନେଇଥିବା ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି ।

ପ୍ରକାଶଥାଉକି ଧରାକୋଟ ବ୍ଲକର ଚାରିଛକ ଠାରେ ରହିଛି କୁସଗୁମ୍ପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ । ଏହି ଆଦର୍ଶ ବିଦ୍ୟାଳୟର ଏକ ଛାତ୍ରାବାସ ପ୍ରାୟ ଚାରି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି । ଏହାର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେବଳ କିଛି ବିଦ୍ୟୁତ ଓ ଜଳ ଯୋଗାଣ କାର୍ଯ୍ୟ ବାକି ରହିଥିଲା । ଆସନ୍ତା ମଙ୍ଗଳବାର ଦିନ ଏହାର ହସ୍ତାନ୍ତର ପାଇଁ ଦିନ ଧାର୍ଯ୍ୟ କରାଯିବା ପରେ ଠିକାଦାର ଟୁଟୁ ପ୍ରଧାନ ଓ ବିଦ୍ୟୁତ କାମ କରୁଥିବା ମିସ୍ତ୍ରୀ ସନ୍ତୋଷ କୁମାର ସାହୁ ମିଳିତ ଭାବରେ ଛାତ୍ରାବାସ କୋଠାରେ ପହଞ୍ଚି ଏକ ନିର୍ଦ୍ଦିଷ୍ଟ କୋଠରୀରେ ଥିବା ବିଦ୍ୟୁତ ସାମଗ୍ରୀ ଆଣିବା ପାଇଁ ଯିବାବେଳେ ଏହି କୋଠରୀର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସେହି ଭିତରୁ ଚାରି ଗୋଟି ଇନଭର୍ଟର, ୪ ଟି ବ୍ୟାଟେରୀ, ଦୁଇଟି ପାଣି ମୋଟର, ଚବିଶି ଗୋଟି ଫ୍ୟାନ, ବାଇଶି ବଣ୍ଡଲ ଓ୍ୱାଇରିଙ୍ଗ ତାର, ପାଣି ପାଇପ ଫିଟିଙ୍ଗ ସାମଗ୍ରୀ ସହ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଚୋରି କରି ନେଇଥିବା ଦେଖିବାକୁ ମିଳିଥିଲା । ଘଟଣା ସମ୍ପର୍କରେ ବିଦ୍ୟୁତ ମିସ୍ତ୍ରୀ ଡାକିବଜା ଗ୍ରାମର ସନ୍ତୋଷ କୁମାର ସାହୁ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବଡ଼ଗଡ଼ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ଆରମ୍ଭ କରିଛନ୍ତି ।

## ବାଟବଣା ପ୍ରାଥମିକ ଶିକ୍ଷା

# ଜଣେ ଲେଖାଏଁ ଶିକ୍ଷୟିତ୍ରୀରେ ଚାଲିଛି ୨ଟି ବିଦ୍ୟାଳୟ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ ପ୍ରଧାନ ସଡକ ପ୍ରାଥମିକ ବିଦ୍ୟାଳୟଟି ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ବିଦ୍ୟାଳୟର ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଜଣେ ପ୍ରସୂତି ଛୁଟିରେ ଯାଇଥିବାରୁ ବିଦ୍ୟାଳୟର ଅନ୍ୟାନ୍ୟ ଦାୟିତ୍ୱ ସହ ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ ଯୋଗୁଁ ପିଲାଙ୍କ ସଠିକ୍ ପାଠପଢ଼ା ମଧ୍ୟ ସମ୍ଭବ ହୋଇପାରୁନି ।

ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଙ୍କ କୌଣସି ଅସୁବିଧା ହେଲେ ପିଲାଙ୍କ ପାଠପଢ଼ା ପୂରାପୂରି ଠପ୍ ହୋଇଯାଉଛି । ସେହିପରି ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ କାଦପଡା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏପରି ପରିସ୍ଥିତି ଦେଇ ଗତି କରୁଛି । ସେହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଦୁଇ ଜଣ ଶିକ୍ଷୟିତ୍ରୀ ଥିଲେ । ତେବେ ଗତ ଜୁଲାଇ ୩୧ ତାରିଖ ଦିନ ସେଥିରୁ ଜଣେ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିବା ପରେ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଭରସାରେ ସେହି ବିଦ୍ୟାଳୟର କାର୍ଯ୍ୟ ଚାଲୁଥିବା ଯୋଗୁଁ ମୁଖ୍ୟ ସଡକ ପ୍ରାଥମିକ ବିଦ୍ୟାଳୟ ଭଳି ଦୁରବସ୍ଥା ସୃଷ୍ଟି ହୋଇଛି ।

ଏଣୁ ସ୍ଥାନୀୟ ଶିକ୍ଷା ପ୍ରଶାସନ ଉପରୋକ୍ତ ପ୍ରାଥମିକ ବିଦ୍ୟାଳୟ ଦ୍ୱୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ଶିକ୍ଷାଦାନ ନିମନ୍ତେ ଯଥାଶୀଘ୍ର କୌଣସି ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି ।

# ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଲା ୬ ଜୀବନ

ବ୍ରହ୍ମପୁର, (ସବ୍ୟୁ) : ବଡବଜାର ଥାନା ଅନ୍ତର୍ଗତ ପ୍ରେମନଗର ଦ୍ୱିତୀୟ ଲାଇନରେ ଏକ ଘରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି । ବ୍ରହ୍ମପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ । ସୂଚନା ମୁତାବକ ଶନିବାର ଅପରାହ୍ନରେ ପ୍ରେମନଗର ଦ୍ୱିତୀୟ ଲାଇନରେ ଇପାରି ସନ୍ଦୀପଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ସେହି ସମୟରେ ସନ୍ଦୀପଙ୍କ ସମେତ ଟିଉସନ୍ ଶିକ୍ଷୟତ୍ରୀ ସହିତ ପଢ଼ିବା ପାଇଁ ଆସିଥିବା ୪ ଜଣ ଶିଶୁ ଘର ଭିତରେ ଥିଲେ । ଅଗ୍ନିକାଣ୍ଡ ପରେ ସନ୍ଦୀପ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରି ସାମାନ୍ୟ ଆହତ ହେବା ପରେ ଘର ଭିତରେ ଥିବା ସମସ୍ତେ ବାହାରକୁ ଚାଲି ଆସିଥିଲେ । ସ୍ଥାନୀୟ ବାସିନ୍ଦା ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିବା ପରେ ଦମକଳ ବାହିନି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

# ସମୁଦ୍ର କରାଳ ଗ୍ରାସରେ ଆର୍ଯ୍ୟପଲ୍ଲୀ

## ଭାସିଯାଉଛି ଭିଟାମାଟି, ଏବେ ସ୍କୁଲ ନିକଟରେ ସମୁଦ୍ର

ଛତ୍ରପୁର, (ସବ୍ୟୁ): ଦୈନିକ ଜଳପତନ ବୃଦ୍ଧି ହେବା ସହ ଜଳବାୟୁର ପରିବର୍ତ୍ତନ ଯୋଗୁ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡିଆସୁଛି । ଗଞ୍ଜାମ ଜିଲାର ଉପକୂଳବର୍ତୀ ଗାଁ ଆର୍ଯ୍ୟପଲ୍ଲୀ ଏବେ ଦୈନିକ କ୍ରମାଗତ ଭାବେ ସମୁଦ୍ର କୂଳ ଲଙ୍ଘିବା ଏବଂ ଭୂକ୍ଷୟ ଏକ ଗମ୍ଭୀର ସଙ୍କଟ ଭାବେ ଛିଡା ହୋଇଛି । ଦିନକୁ ଦିନ କୂଳ ଲଙ୍ଘୁଛି ସମୁଦ୍ର । ଆଖି ଆଗରେ ସମୁଦ୍ର ଆଁ ରେ ଗିଳି ଚାଲିଛି ଗାଁର ରାସ୍ତା, ମନ୍ଦିର ଏବଂ ପିଢି ପିଢିର ସ୍ମୃତି । ଏବେ ପୁଣି ବିପଦରେ କେ. ଆର୍ଯ୍ୟପଲ୍ଲୀ ସ୍କୁଲ ଏହି ସମୁଦ୍ର କୂଳ ଲଙ୍ଘିବା ଦ୍ୱାରା ସମୁଦ୍ର ଆଉ ସ୍କୁଲ ଦୂରତା ମାତ୍ର ୧୫ରୁ ୨୦ ମିଟର ରାସ୍ତା ଭାଙ୍ଗିଲେ ସ୍କୁଲକୁ ମାଡ଼ ହେବ ସମୁଦ୍ର । ଏପରିକି ପିଲାମାନଙ୍କୁ ଛାଡିବା ପାଇଁ ମଧ ନାରାଜ ହେଉଛନ୍ତି ଅଭିଭାବକ ।

# ବିଦେଶରେ ଥିବା ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଛିଡ଼ା ହେବ କଂଗ୍ରେସର ଓଭରସିଜ୍ କମିଟି

## ଏନଆରଆଇ, ପିଆଇଓ, ଏନଆରଓଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ : ପ୍ରସ୍ତୁତ ହେବ ଡାଟାବେସ୍

ବାରିପଦା, (ସବ୍ୟୁ) : ବିଦେଶରେ ବସବାସ କରୁଥିବା ଓଡ଼ିଆଙ୍କ ସ୍ୱାର୍ଥ ଓ ସମସ୍ୟା ପ୍ରତି କଂଗ୍ରେସ ଗୁରୁତ୍ୱ ଦେଇଛି । ବିଦେଶରେ ଥିବା ଓଡ଼ିଆଙ୍କ ନିରାପତ୍ତା, ଭିସା, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ବିନିଯୋଗ ସମ୍ପର୍କିତ ସ୍ୱାର୍ଥର ସୁରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସର ଓଭରସିଜ୍ କଂଗ୍ରେସ/ ଏନଆରଆଇ ସେଲ୍ ପକ୍ଷରୁ ଏକ କମିଟି ଗଠନ କରାଯାଇଛି । ଶନିବାର ଅପରାହ୍ନରେ ବାରିପଦା ସର୍କିଟ୍ ହାଉସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଭରସିଜ୍ କଂଗ୍ରେସ ପକ୍ଷରୁ ଅଣ-ନିବାସୀ ଓଡ଼ିଆ (ଏନଆରଓ) ଏବଂ ଭାରତୀୟ ଡାୟାସପୋରା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା ।




ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁଯାୟୀ, ୩୧ ଡିସେମ୍ବର ୨୦୨୫ ସୁଦ୍ଧା ବିଶ୍ୱରେ ପ୍ରାୟ ୩୫.୪ ନିୟୁତ ଭାରତୀୟ ଡାୟାସପୋରା ରହିଛନ୍ତି । ସେହିପରି ଆମେରିକା,ୟୁଏଇ, କାନାଡ଼ା ସମେତ ବିଭିନ୍ନ ଦେଶରେ ଓଡ଼ିଆମାନେ ବସବାସ କରୁଛନ୍ତି ବୋଲି ସୂଚନା ଦିଆଯାଇଥିଲା । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଏନଆରଆଇ/ପିଆଇଓ/ ଏନଆରଓ କମିଟି ଗଠନ କରାଯାଇଥିବା ସମ୍ମିଳନୀରେ କୁହାଯାଇଥିଲା । ବିଦେଶରେ ଥିବା ଓଡ଼ିଆଙ୍କ ବିଭିନ୍ନ ସମସ୍ୟାକୁ ଚିହ୍ନଟ କରି ତାହାର ସମାଧାନ ଦିଗରେ କମିଟି କାର୍ଯ୍ୟ କରିବ ।

ବିଶେଷକରି ନିରାପତ୍ତା, ଭିସା, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଓଡ଼ିଶାରେ ବିନିଯୋଗ ସମ୍ପର୍କିତ ବିଷୟକୁ ଗୁରୁତ୍ୱ ଦିଆଯିବ । କମିଟି ପକ୍ଷରୁ ପ୍ରତି ତିନିମାସରେ ଥରେ ବୈଠକ ଆୟୋଜନ କରାଯିବ । ଏଥିସହ ବିଭିନ୍ନ ଦେଶରେ ରହୁଥିବା ଏନଆରଓମାନଙ୍କ ସମ୍ପର୍କରେ ଏକ ସୁସଂଗଠିତ ଡାଟାବେସ୍ ପ୍ରସ୍ତୁତ କରାଯିବ । ଏହା ମାଧ୍ୟମରେ ବିଦେଶରେ ଥିବା ଓଡ଼ିଆଙ୍କ ସହ ଯୋଗାଯୋଗ ଓ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ରହିଛି । ଓଭରସିଜ୍ କଂଗ୍ରେସର ଉତ୍ତର ଓଡ଼ିଶା ଆବାହକ ଆଇନଜୀବୀ ଜ୍ୟୋତିପ୍ରକାଶ ରଥଙ୍କ ସଭାପତିତ୍ୱରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଭରସିଜ୍ କଂଗ୍ରେସର ମୁଖ୍ୟ ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ ଆବାହକ ଗୋପାଲ ଖଣ୍ଡେଲଓ୍ୱାଲ, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ବିଭୁପ୍ରସାଦ ଦାସ ଓ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆମେ : ବାରିପଦା ପକ୍ଷରୁ ଆଗାମୀ ସେପଟେମ୍ବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଆୟୋଜିତ ହେବାକୁ ଯାଉଛି । ଏହି ମହୋତ୍ସବକୁ ନେଇ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ଆମେ : ବାରିପଦାର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଚଳଚ୍ଚିତ୍ର ଲେଖକ ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ସୃଜନଶୀଳତା ପରିବେଶକୁ ଉତ୍ସବମୁଖର କରିଥିଲା ।

ପ୍ରତିଯୋଗୀମାନଙ୍କ ପ୍ରତିଭାକୁ ବିଚାର କରିବା ପାଇଁ ଜୟନ୍ତ ସେନାପତି, ଡଃ ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ, ପ୍ରଦୀପ ସରଘରିଆ, ଲିଟନ ପଟ୍ଟନାୟକ, ରାଜୀବ କୁମାର ପାତ୍ର ଓ ଅନିନ୍ଦିତା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମର ପରିଚାଳନାରେ ସୁଜୟ ମହାନ୍ତି, ଉର୍ଜା ମହାନ୍ତି, କାକଲୀ ନନ୍ଦୀ, ଜ୍ୟୋତି ଓ ଅନ୍ୱେଷିତା ତ୍ରିପାଠୀ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଆଗାମୀ ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ଘୋଷଣା କରାଯିବ । ସେହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି । ଶିଶୁ ପ୍ରତିଭାର ବିକାଶ ସହିତ ନାଟକ, ନୃତ୍ୟ ଓ ସାଂସ୍କୃତିକ ଚେତନାକୁ ନୂଆ ପିଢ଼ି ମଧ୍ୟରେ ପହଞ୍ଚାଇବା ଦିଗରେ ଏଭଳି ପ୍ରତିଯୋଗିତା ଏକ ସକାରାତ୍ମକ ପଦକ୍ଷେପ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

# ଗଣିତ ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ସଚେତନତା



ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଶ୍ରୀରାଜ ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ମଣି ରଞ୍ଜନ ସାହୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ଗଣିତ ପାଠ ପଢିବା ଉପରେ ଉତ୍ସାହିତ କରିଥିଲେ । ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଖାନ ଏକାଡେମୀ ପ୍ଲାଟଫର୍ମରେ ପଢି ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଶ୍ରେଣୀର ଜଣେ ଦକ୍ଷତା ପ୍ରମୁଖ ଓ ଜଣେ ଦକ୍ଷ ପ୍ରଶିକ୍ଷକଙ୍କୁ ଏହି ଅବସରରେ ସମ୍ମାନିତ ଓ ପ୍ରୋତ୍ସାହିତ କରାଯାଇଥିଲା । ଦକ୍ଷତା ପ୍ରମୁଖ ଭାବେ ସମ୍ମାନିତ ଛାତ୍ରଛାତ୍ରୀମାନେ ହେଲେ ପ୍ରେମ ଶଙ୍କର ନାୟକ(ଦଶମ ଶ୍ରେଣୀ, ୨୨୪), ବିକାଶ ଜେନା (ନବମ, ୧୨୫), ଅମିତ ନାୟକ(ଅଷ୍ଟମ, ୭୯), ସାଇ ପ୍ରିୟା ସ୍ୱାଇଁ(ସପ୍ତମ, ୭୫) ଏବଂ ରୂପସା ରାଣୀ ସାହୁ(ଷଷ୍ଠ, ୧୦୩) ।

ସେହିପରି ଦକ୍ଷ ପ୍ରଶିକ୍ଷକ ଭାବେ ଆୟୁଷ ଦାସ (ଦଶମ), ଚିନ୍ମୟ ବେହେରା (ନବମ), ଶ୍ରବଣ କୁମାର ବେହେରା (ଅଷ୍ଟମ), କମଳିନୀ ନାୟକ (ସପ୍ତମ) ଏବଂ ଦେ ବେହେରା (ଷଷ୍ଠ)ଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପର୍ଯ୍ୟବେକ୍ଷକ ମଣି ରଞ୍ଜନ ସାହୁ ଏକାଡେମୀ ରେ ରହିଥିବା ସୁବିଧା ଓ ଏହାର ଶିକ୍ଷାଗତ ଗୁରୁତ୍ୱ ବିଶେଷକରି ଗଣିତ ଓ ବିଜ୍ଞାନ ଶିକ୍ଷାକୁ ଦୃଢ଼ କରିବା ସହ ଭବିଷ୍ୟତ କ୍ୟାରିୟର ଗଠନରେ ଏହି ଦୁଇ ବିଷୟର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱେତାଲି ପାତ୍ରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବାବେଳେ ଶିକ୍ଷକ ବିରୂପାକ୍ଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ପ ଦଂଶନରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ସର୍ପ ଦଂଶନରେ ବାଲିପଦର କଲେଜର ଯୁକ୍ତ ୩ କଳାରେ ଅଧ୍ୟୟନରତ ଛାତ୍ରୀ ନନ୍ଦିନୀ ପ୍ରଧାନ (୧୯) ମୃତ୍ୟୁ ବରଣ କରିଥିବା ଜଣାଯାଇଛି ।

ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନରେ ନନ୍ଦିନୀ ଘରେ ଜମା ହୋଇଥିବା କାଠଗଦାରୁ କାଠ ବାହାର କରୁଥିବାବେଳେ ଏକ ବିଷଧର ସାପ ତାଙ୍କର ଡାହାଣ ହାତକୁ ଦଂଶନ କରିଥିଲା ଫଳରେ ସେ ଅଚେତ ହୋଇ ପଡିଥିଲେ । ସନ୍ଧ୍ୟା ବେଳକୁ ବିଲକାମ ସାରି ତାଙ୍କର ମାଆ ଘରକୁ ଫେରି ଏକାକୀ ଥିବା ଝିଅକୁ ଅଚେତ ଅବସ୍ଥାରେ ପାଇଥିଲେ । ସର୍ପାଘାତରେ ଆହତ ନନ୍ଦିନୀଙ୍କୁ ସଙ୍ଗେସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମେଡିକାଲରେ ପୋଲିସ ପହଞ୍ଚି ଶବକୁ ଜବତ କରି କେସ୍ ନଂ ୩୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ସାହାସପୁର କଲେଜରେ ଶ୍ରୀ ସତ୍ୟସାଇ ପ୍ରେମତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଚନ୍ଦ୍ରପୁର, (ସବ୍ୟୁ) : ସ୍ଥାନୀୟ ସାହାସପୁର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡାର ମିଳିତ ଉଦ୍ୟମରେ ଶନିବାର ଦିନ ଶ୍ରୀ ସତ୍ୟସାଇ ପ୍ରେମତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କାହ୍ନୁଚରଣ ଜେନା, ଜାତୀୟ ସେବା ଯୋଜନାର ରାଜ୍ୟ ଉପଦେଷ୍ଟା ମଧୁସୂଦନ ଦାସ, ସମାଜସେବୀ ରୂପାଲି ହାତୀ ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ, କେନ୍ଦ୍ରାପଡାର ଯୁବ ସଂଯୋଜକ ଉପସ୍ଥିତ ରହି ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶାର ପ୍ରେମତରୁ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲା ସଂଗଠନର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ମହାବିଦ୍ୟାଳୟ ଅଧ୍ୟାପକ ସଂଗ୍ରାମ କିଶୋର ପରିଡା, ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ, ଡ଼ଃ ଜୟଦେବ ଶତପଥୀ, ଡ଼ଃ ଦିପୁନ କୁମାର ପୁହାଣ, ଆଦିତ୍ୟ କୁମାର ସାହୁ, ସଞ୍ଜୟ କୁମାର ମଲ୍ଲିକ, ବିଜ୍ଞାନ ରଂଜନ ସେଠୀ, ଅଶୋକ କୁମାର ସାହୁ, ମିନତି ମଞ୍ଜରୀ ନାୟକ, ଆଦ୍ୟା ମୌସୁମୀ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ମାନସ ରଞ୍ଜନ ବରାଳ, ପ୍ରିୟ ରଞ୍ଜନ ଦାଶ, ଅନୀଲ କୁମାର ମହାନ୍ତି, ବିଶ୍ୱଜିତ ସେନାପତି, ସଞ୍ଜୟ କୁମାର ଦଳେଇ, ରନାକର ସ୍ୱାଇଁ ଓ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ନିହାର ରଂଜନଙ୍କୁ ୩ୟ ର୍ୟାଙ୍କ

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ପୁନଃ ମୂଲ୍ୟାୟନ ପରେ ମିଳିଲା ୫୯୬ ମାର୍କ

ବ୍ରହ୍ମପୁର, (ସବ୍ୟୁ) : ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ପରିଚାଳିତ ଯୁକ୍ତ ୨ ବିଜ୍ଞାନ ବୋର୍ଡ ପରୀକ୍ଷା-୨୦୨୬ ର ପୁନଃ ମୂଲ୍ୟାୟନ ପରେ ସରସତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗରର ୨ ବିଜ୍ଞାନ ଛାତ୍ର ଏସ୍. ନିହାର ରଂଜନ ପାତ୍ର ୫୯୬ ମାର୍କ ରଖି ଓଡ଼ିଶାରେ ତୃତୀୟ ରେଙ୍କ୍ ଓ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ଅନନ୍ୟ କୃତିତ୍ୱ ହାସଲ କରିବା ସହିତ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି ।

ପ୍ରକାଶ ଥାଉ କି, ଯୁକ୍ତ୨ ବିଜ୍ଞାନ-୨୦୨୬ ପରୀକ୍ଷା ଫଳ ପ୍ରକାଶ ପାଇବ ସମୟରେ ୫୮୭ମାର୍କ ହାସଲ କରିଥିବା ଏସ୍. ନିହାର ରଂଜନ ପାତ୍ର ପଦାର୍ଥ ବିଜ୍ଞାନର ପୁନଃ ମୂଲ୍ୟାୟନ ପରେ ୯ ମାର୍କ ବୃଦ୍ଧି ଘଟିବାରୁ ୫୯୬ ମାର୍କ ହାସଲ କରିଛନ୍ତି । ସଂସ୍କୃତ -୧୦୦, ରସାୟନ ବିଜ୍ଞାନ-୧୦୦, ଗଣିତ-୧୦୦, ଆଇ.ଟି.-୯୯, ଇଂରାଜୀ -୯୯ ଓ ପଦାର୍ଥ ବିଜ୍ଞାନରେ ୯୮ ମାର୍କ ରଖି ସେ କୃତକାର୍ଯ୍ୟ ହୋଇଛନ୍ତି । ଜେ.ଇ.ଇ ମେଇନ୍ ପରୀକ୍ଷାରେ ୯୯.୩୭ ପରସେଣ୍ଟାଇଲ୍ ରଖି ଆଇଆଇଟି ଅଧ୍ୟୟନ ପାଇଁ ମନୋନିତ ହୋଇଛନ୍ତି ।

ପୂର୍ବରୁ ଏହି ବିଦ୍ୟାଳୟରେ ଅଧ୍ୟୟନ କରି ୧୦ମ ବୋର୍ଡ ପରୀକ୍ଷାରେ ମଧ ସେ ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ । ଶ୍ରୀମନ୍ ପାତ୍ରଙ୍କ ନିଜସ୍ୱ ମତାମତ ଅନୁଯାୟୀ ତାଙ୍କର ଏହି




ସଫଳତାର ଶ୍ରେୟ, କଠୋର ପରିଶ୍ରମ, ଆତ୍ମବିଶ୍ୱାସ ଓ ଶୃଙ୍ଖଳିତ ଆଚରଣ ସହିତ ବିଦ୍ୟାଳୟର ଉଚ୍ଚକୋଟୀର ଅଧ୍ୟାପନା, ଶୈକ୍ଷିକ ପରିବେଶ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅତୁଳନୀୟ ଉତ୍ସର୍ଗୀକୃତ ପ୍ରଚେଷ୍ଟା ଏବଂ ପରିଚାଳନା ସମିତିର ଉତ୍ସାହ ଦ୍ୱାର/ ସମ୍ଭବ ହୋଇପାରିଛି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ. ଜୀବନନ୍ଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ତାଙ୍କୁ ମାନପତ୍ର, ସ୍ମୃତିଚିହ୍ନ ପ୍ରଦାନ ସହିତ ତାଙ୍କ ପିତା ଏସ୍. ତ୍ରିପତି କୁମାର ପାତ୍ର ଓ ମାତା ଏସ୍. ପଦ୍ମିନୀ ଚୌଧୁରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ।

ଏହି ସମ୍ବର୍ଦ୍ଧନ ସଭାରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, ସଦସ୍ୟ ହରିକୃଷ୍ଣ ପାଢ଼ୀ, ପି. ଲୋକନାଥ ପାତ୍ର, ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି, ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ, ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର ପାଣିଗ୍ରାହୀ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶ୍ରୀମାନ୍ ପାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ ।

# ଟ୍ରାଇସାଇକେଲରେ ୧୩୦ କିମି ଯାତ୍ରା

## ଏମକେସିଜିରେ ଶୁକଦେବ, ପ୍ରଶାସନ ଦେଲା ସହାୟତା

ବ୍ରହ୍ମପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବରସାହି ଗ୍ରାମର ବାସିନ୍ଦା ଶୁକଦେବ ନାହାକ(୬୬) ଏବେ ଏମକେସିଜିରେ ଚିକିତ୍ସାଧୀନ ଅଛନ୍ତି । ସେ ଉତ୍ତମ ଚିକିତ୍ସା ପାଇବା ଆଶାରେ ପ୍ରାୟ ୧୩୦ କିଲୋମିଟର ରାସ୍ତା ଟ୍ରାଇସାଇକେଲରେ ଅତିକ୍ରମ କରି ଏମକେସିଜି ମେଡିକାଲ ବର୍ତ୍ତମାନ ଚିକିତ୍ସିତ ହୋଉଛନ୍ତି । ତାଙ୍କ ଅସହାୟ ଓ ଦୁର୍ବଳ ଆର୍ଥିକ ଅବସ୍ଥା ସମ୍ପର୍କରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅବଗତ ପରେ ପ୍ରଶାସନ ପକ୍ଷରୁ ରୋଗୀ ଶୁକଦେବଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତାଙ୍କ ଚିକିତ୍ସା ସମେତ ଆନ୍ୟନ୍ୟା କ୍ଷେତ୍ରରେ ଖର୍ଚ୍ଚ ନିମନ୍ତେ ରେଡ଼କ୍ରସ ପାଣ୍ଠିରେ ୧୦ ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିବା ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ରୋଗୀ ଶୁକଦେବଙ୍କ ମେଡ଼ିକାଲର ଡେଷ୍ଟିଚ୍ୟୁଟ ଓ୍ୱାର୍ଡରେ ଚିକିତ୍ସା ଜାରିଥିବା ବେଳେ ଏକ ସ୍ୱତନ୍ତ୍ର ଡାକ୍ତର ଦଳ ତାଙ୍କର ଚିକିତ୍ସା କରୁଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଚାରିବର୍ଷ ପୂର୍ବରୁ ଘରପାଖ ଏକ କୂଅ ନିକଟ ଚଟାଣରୁ ପଡ଼ିଯିବାରୁ ଶୁକଦେବଙ୍କ ବାମ ଗୋଡ଼ ଜଙ୍ଘର ଖଞ୍ଜା ଖସିଯାଇଥିଲା । ଚଲାବୁଲାରେ ସମସ୍ୟା ଉପୁଜୁଥିବା ବେଳେ ବିଭିନ୍ନ ମେଡ଼ିକାଲରେ ଚିକିତ୍ସା ପରେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ୍ୟ ହୋଇନଥିଲେ । ଶେଷରେ ଉତ୍ତମ ଚିକିତ୍ସା ଆଶାରେ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ । ଶୁକଦେବଙ୍କ ଏଭଳି ଅଦମ୍ୟ ଇଚ୍ଛାଶକ୍ତି ଓ ଚିକିତ୍ସା ପାଇଁ ସଂଘର୍ଷ ସମ୍ପର୍କରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ପକ୍ଷରୁ ତାଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି ।

# ସରକାରଙ୍କ ତୃଟିପୂର୍ଣ୍ଣ ଚାଷୀପଞ୍ଜିକରଣ ନୀତି

## ପ୍ରଭାବିତ ହେବ ଜିଲ୍ଲାର ୫୦ହଜାର ହେକ୍ଟର ଚାଷଜମି

ବଲାଙ୍ଗିର,(ସବ୍ୟୁ): ରାଜ୍ୟରେ ନୂଆ ସରକାର ଆସିଲା ପରେ ଧାନର ଦର ବଢ଼ାଇ ଚାଷୀଙ୍କୁ ଖୁସି ଆଣି ଦେଇଥିଲା । କିନ୍ତୁ ଦ୍ୱିତୀୟ ବର୍ଷଠାରୁ ଧାନ କିଣାରେ ବ୍ୟାପକ ଅନୀୟମିତତା କରାଗଲା ଯାହାକି ଚାଷୀଙ୍କୁ ହଇରାଣରେ ପକାଇଲା । ଚଳିତବର୍ଷ ଖରିଫଋତୁର ଧାନବିକ୍ରୀ ପାଇଁ ଚାଷି ପଞ୍ଜିକରଣ ଆରମ୍ଭ ହୋଇଛି । ଯଦିଓ ଅନ୍ୟବର୍ଷ ଜୁଲାଇ ୧୫ ତାରିଖରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥାଏ କିନ୍ତୁ ଚଳିତବର୍ଷ ଅଗଷ୍ଟ ୭ ତାରିଖରୁ ଏହା ଆରମ୍ଭ ହୋଇଛି । ଧାନବିକ୍ରୀ ପାଇଁ ଚାଷୀ ପଞ୍ଜିକରଣ ପାଇଁ ଯେଉଁ ମାର୍ଗଦର୍ଶିକା ଆସିଛି ସେଥିରେ ଚାଷୀ ବହୁ ପରିମାଣରେ ହଇରାଣ ହେବେ ବୋଲି ଅଭିଯୋଗ ଉଠିଛି । ଚଳିତ ବର୍ଷ ଚାଷିଙ୍କ ପାଇଁ ସରକାର ଏଗ୍ରୀଷ୍ଟାକ ବା ସ୍ୱତନ୍ତ୍ର ଚାଷୀ ପଞ୍ଜିକରଣ କୋର୍ଡ ବ୍ୟବହାର କରାଉଛନ୍ତି । ଏଥିରେ ଯେଉଁ ଲୋକଙ୍କ ନିଜ ନାମରେ ଚାଷ ଜମିଥିବ ସେ ହିଁ ପଞ୍ଜିକୃତ ହୋଇ ଅଗ୍ରୀଷ୍ଟାକ କୋର୍ଡ ପାଇବ । ତେବେ ଅନେକ ପରିବାରର ଅଜା ଓ ବାପା ମାନଙ୍କ ନାମରେ ଜମି ରେକର୍ଡ ରହିଛି । ବନ୍ଦୋବସ୍ତ ହୋଇନଥିବାରୁ ଅନେକ ପରିବାରର ଜମି ଗୁଡିକ ରେକର୍ଡ ପତ୍ରରେ ଭାଗ ହୋଇନାହିଁ । ଏହା ସହିତ ଜମିର କିସମ ମଧ୍ୟ ପରିବର୍ତ୍ତନ ହୋଇନାହିଁ । ସେହି କାରଣରୁ ବଲାଙ୍ଗିର ଜିଲ୍ଲାର ଚାଷିମାନେ ବେଶି ପରିମାଣରେ ପ୍ରଭାବିତ ହେବେ ବୋଲି ଆଶଂକା କରାଯାଉଛି । ବଲାଙ୍ଗିର ଜିଲ୍ଲାରେ ଗତ ୫୦ବର୍ଷ ହେଲା ଜମିଜମାର



ବନ୍ଦୋବସ୍ତ ହୋଇନାହିଁ । ସେଥିପାଇଁ ଅନେକ ପରିବାରରେ ଜମି ଭାଗବଣ୍ଟାରେ ସମସ୍ୟା ରହିଛି । ନିଜ ନିଜ ମଧ୍ୟରେ ଜମିଭାଗବଣ୍ଟାକରି ଚାଷ କରୁଥିବା ବେଳେ ରେକର୍ଡପତ୍ରରେ ଭାଗ ହୋଇପାରିନାହିଁ । ଏହା ସହିତ ପୂର୍ବରୁ ଆଟ କିସମ ଓ ବେର୍ଣ୍ଣାକିସମ ରହିଥିବା ଜମି ଏବେ ସଜଡା ହୋଇ ମଧ୍ୟମ କିସମ ଧାନ ହୋଇପାରୁଛି । କେବଳ ସେତିକି ନୁହେଁ ଡିପ ବୋରୱେଲ ଓ ଉଠାଜଳସେଚନ ପଏଣ୍ଟ ମାଧ୍ୟମରେ ଉତ୍ତମମାନର ଧାନ ଚାଷ ହୋଇପାରୁଛି । ସରକାର ଉଠାଜଳସେଚନର ସଫଳତାର କଥା କହୁଛନ୍ତି କିନ୍ତୁ ସରକାର କରିଥିବା ଗାଇଡଲାଇନରେ ଆଟ ଓ ବେର୍ଣ୍ଣାଜମିକୁ ଧାନଚାଷରୁ ବାଦଦେବାକୁ ନିୟମ କରିଛନ୍ତି । ରାଜ୍ୟସରକାର ଘୋଷଣା କରିଥିବା ଏସଓପିର ୫(ଏଫ)ରେ ଆଟ ଓ ବେର୍ଣ୍ଣା କିସମ ଯାହାକି ଧାନଚାଷ ପାଇଁ ଉପଯୋଗୀ ନୁହେଁ ବୋଲି ବିଚାର କରି ଧାନବିକ୍ରୀରେ ପଞ୍ଜିକରଣରୁ ବାଦଦେବାକୁ ନିଷ୍ପତ୍ତି କରିଛନ୍ତି । ଯାହାକି ବଲାଙ୍ଗିର ଜିଲ୍ଲାର ଚାଷିଙ୍କ ପାଇଁ ଅଭିଶାପ ହେବ ବୋଲି ଆଶଂକା କରାଯାଉଛି ।

ଜିଲ୍ଲାର କୃଷି ବିଭାଗର ତଥ୍ୟରୁ ଜଣାପଡିଛି ଯେ,ବଲାଙ୍ଗିର ଜିଲ୍ଲାର ମୋଟ ଚାଷଜମିର ୩୦% ଜମି ଆଟ ଓ ବେର୍ଣ୍ଣାକିସମ ରହିଛି । ଦକ୍ଷିଣ ଓଡିଶା ସମେତ ପଶ୍ଚିମ ଓଡିଶାର ପାହାଡିଆ ଅଞ୍ଚଳରେ ଥିବା ଜିଲ୍ଲା ଗୁଡିକରେ ପ୍ରାୟତଃ ଏହି କିସମ ଜମି ବେଶି ପରିମାଣରେ ରହିଛି । ଏବେ ସରକାରଙ୍କ ଏହି ନୀତିରେ ଅନେକଗୁଡିଏ ଜିଲ୍ଲାର ଚାଷି ପଞ୍ଜିକରଣରୁ ବାଦ ପଡିବେ । ବଲାଙ୍ଗୀର ଜିଲ୍ଲାରେ ମୋଟ ୩ଲକ୍ଷ ୪୬ ହଜାର ହେକ୍ଟର ଚାଷଜମି ରହିଛି । ଏଥରୁ ୧ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଧାନଚାଷ ହେଉଛି । ଏହି ଧାନଚାଷ ଜମିରୁ ପ୍ରାୟ ୫୦ହଜାର ହେକ୍ଟର ଜମି ହେଉଛି ଆଟ ଓ ବେର୍ଣ୍ଣା କିସମ । ଜିଲ୍ଲାରେ ଥିବା ଉଚ୍ଚଜମି ଯଥା-ଆଟଜମିରେ କପାଚାଷ ହେଉଛି । କିନ୍ତୁ ଅନେକ ସ୍ଥାନରେ ଆଟକୁ ସଜଡାଯାଇ ଧାନଚାଷ ଉପଯୋଗୀ କରାଯାଇ ଧାନଚାଷ କରାଯାଉଛି । ଏହି ଜମିରେ ଭଲକିସମର ଧାନ ମଧ୍ୟ ଉତ୍ପାଦନ ହେଉଛି । କିନ୍ତୁ ସରକାରଙ୍କ ତୃଟିପୂର୍ଣ୍ଣ ନୀତିରେ ଚାଷିମାନେ ପଞ୍ଜିକୃତ ହୋଇନପାରି ହଇରାଣ ହେବେ । ଆଟ ଓ ବେର୍ଣ୍ଣାକିସମ ଜମିରେ କୁଆଡେ ସରକାର କୋଳଥ,ମାଣ୍ଡିଆ ଇତ୍ୟାଦି ଚାଷକରାଇବାକୁ ଯୋଜନା କରୁଛନ୍ତି । ଏଭଳି ହେଲେ ଜିଲ୍ଲାରେ ପ୍ରାୟ ୧୫ଲକ୍ଷ କ୍ୱିଣ୍ଟାଲ ଧାନକିଣା କମିଯିବ । ବଲାଙ୍ଗିର ଜିଲ୍ଲାରେ ଚଳିତବର୍ଷ ଲୋୟରସୁକତେଲ ପ୍ରକଳ୍ପରୁ ଜିଲ୍ଲାର ବଲାଙ୍ଗୀର ସଦର,ଲୋଇସିଂହା ଓ ପୁଇଁତଳା ବ୍ଲକର ୩୦ହଜାର ହେକ୍ଟର ଜମିକୁ ଜଳସେଚିତ କରିବାର ରହିଛି । ଠିକ ସେହିପରି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଜିଲ୍ଲାର ବଙ୍ଗୋମୁଣ୍ଡା,ମୁରିବାହାଲ ଇତ୍ୟାଦି ବ୍ଲକଅଞ୍ଚଳର ପ୍ରାୟ ୧୬ ହଜାର ହେକ୍ଟର ଜମିକୁ ଖରିଫରେ ଜଳସେଚିତ କରାଯାଉଛି । ଏହି ଜଳସେଚିତ ଅଞ୍ଚଳ ମଧ୍ୟରେ ଆଟ ଓ ବେର୍ଣ୍ଣାକିସମ ଜମି ମଧ୍ୟ ରହିଛି । ତେଣୁ ଏଭଳି ଦେଖିଲେ ଏହି ଦୁଇପ୍ରକଳ୍ପ ସହିତ ଡିପବୋରୱେଲ ଯୋଗେ ହଜାର ହଜାର ହେକ୍ଟରଜମିକୁ ଜଳସେଚିତ କରି ଧାନଚାଷ କରାଯାଉଛି । ସରକାର ଜିଲ୍ଲାରୁ ଚାଉଳ ଉଠାଇବାରେ ବିଫଳ ହୋଇଥିବାରୁ ଧାନକିଣାରେ କାଟତି କରିବାକୁ ଯୋଜନା କରୁଛନ୍ତି । ସରକାର ନିଜର ଦୋଷଢାଙ୍କିବାକୁ ଚାଷିଙ୍କ ଉପରେ ଦାଉ ସାଧିବାକୁ ଚେଷ୍ଟା କରୁଛି ବୋଲି ବିରୋଧି ବିଜେଡିଦଳ ପକ୍ଷରୁ ଅଭିଯୋଗ ଉଠିଛି । ବିଜେଡି ଦଳର ରାଜ୍ୟସଂପାଦକ ବରିଷ୍ଠ ଚାଷୀନେତା ଲକ୍ଷ୍ମଣକୁମାର ମେହେର କହିଛନ୍ତି ଯେ,ସରକାର ଚାଷିଙ୍କ ଧାନର ଏମଏସପି ବଢାଇ ଦେଇ ଧାନକିଣିବାକୁ ଅସମର୍ଥ ହେଉଛନ୍ତି । ଡବଲ ଇଞ୍ଜିନ ସରକାର ଥିଲେ ମଧ୍ୟ କେନ୍ଦ୍ରୀୟସଂସ୍ଥା ଚାଉଳ ନେଉନାହିଁ । ତେଣୁ ରାଜ୍ୟସରକାର ଧାନକିଣାରେ ବିଫଳ ହେଉଥିବା ଜାଣି ଚାଷିପଞ୍ଜିକରଣକୁ କଠୋର କରି ବିଭ୍ରାନ୍ତ କରୁଛି । ଚାଷିଙ୍କୁ ହଇରାଣ କରିବା ପାଇଁ ରାଜ୍ୟସରକାର ଏଭଳି ବ୍ୟବସ୍ଥା କରିଛନ୍ତି । ରାଜ୍ୟସରକାର ନିଜର ବିଫଳତା ଲୁଚାଇବା ବଦଳରେ ଚାଷୀ ପଞ୍ଜିକରଣକୁ ସରଳୀକରଣ କରି ଚାଷୀଙ୍କୁ ଉଚିତ ସମୟରେ ପଞ୍ଜିକରଣ କରାଇ ଧାନକିଣାର ବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ମେହେର ଏକ ପ୍ରେସବିବୃତିରେ କହିଛନ୍ତି ।

# ଟଙ୍କା ଦେଇଛୁ, ନେଇନୁ, କୋର୍ଟରେ ମୁହାଁମୁହିଁ

## ସିଡିପିଓଙ୍କ ବିରୋଧରେ ପିସି ଅଭିଯୋଗ

ରାୟଗଡା,(ସବ୍ୟୁ): ଥମିବାର ନାଁ ଧରୁନି ଗୁଣୁପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସୁଷମା ପ୍ରସାଦଙ୍କ ବିରୋଧରେ ଉଠିଥିବା ଦୁର୍ନୀତି ଅଭିଯୋଗ । ଘରଭଡ଼ା ଅନୁଦାନରୁ ପିସି ଆଦାୟ, ଛତୁଆ, ଚାଉଳ ଓ ଅଣ୍ଡା ଭଳି ପ୍ରାପ୍ୟ ସାମଗ୍ରୀ ହଡ଼ପ ଅଭିଯୋଗ ଉପରେ ଶୁକ୍ରବାର ଉପଜିଲ୍ଲାପାଳଙ୍କ କୋର୍ଟ ରୁମ୍ରେ ପୁନଃ ଶୁଣାଣି ହୋଇଛି । ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୁଧାଲ ଅଭିଷେକ ଦିଲୀପଙ୍କ ନିର୍ଦ୍ଦେଶକ୍ରମେ ୮ ଜଣ ଅଙ୍ଗନବାଡ଼ି କର୍ମୀ, ୪ ଜଣ ପୂର୍ବତନ ସୁପର ଭାଇଜର ଏବଂ ସିଡିପିଓ ନିଜେ ଶୁଣାଣିରେ ଉପସ୍ଥିତ ଥିଲେ । ଶୁଣାଣି ଚାଲିଥିବା ସମୟରେ କୋର୍ଟ ରୁମ୍ରେ ଉଭୟ ପକ୍ଷଙ୍କ ମଧ୍ୟରେ ତୀବ୍ର କଥା କଟାକଟି ହୋଇଥିବା ଜଣାପଡ଼ିଛି । ଶୁଣାଣି ସମୟରେ ସୁପରଭାଇଜରମାନେ ସେମାନଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ । ସେମାନେ କୌଣସି ଟଙ୍କା ଗ୍ରହଣ କରିନଥିବା ଦର୍ଶାଇ ନିଜ ପକ୍ଷରେ ସଫେଇ ଦେଇଥିଲେ । ତେବେ ଏହାକୁ ଅଙ୍ଗନବାଡ଼ି କର୍ମୀମାନେ ଦୃଢ଼ ଭାବେ ବିରୋଧ କରିଥିଲେ । ଅଭିଯୋଗ ଅନୁଯାୟୀ, ବାଧ୍ୟ ହୋଇ ଟେବୁଲ ଉପରେ ଗଣି ଗଣି ଟଙ୍କା ଦେବାକୁ ପଡ଼ିଥିବା ସେମାନେ ଉପଜିଲ୍ଲାପାଳ ଓ ସିଡିପିଓଙ୍କ ସମ୍ମୁଖରେ ବୟାନ ଦେଇଥିଲେ । ଏହି ଶୁଣାଣିରେ ୮ ଜଣ ଅଙ୍ଗନବାଡ଼ି କର୍ମୀ ନିଜ ନିଜର ବୟାନ ରେକର୍ଡ କରାଇଥିବା ବେଳେ ଉପସ୍ଥିତ ଦୁଇଟି ଏସଏଚଜି ଗ୍ରୁପ୍ର ସଦସ୍ୟମାନେ ମଧ୍ୟ ନିଜ ପକ୍ଷ ରଖିଥିଲେ। ସେମାନେ କାହାରିକୁ ଟଙ୍କା ଦେଇନଥିବା କହିଥିଲେ । ସୂଚନାଯୋଗ୍ୟ ଏହି ଅଭିଯୋଗକୁ ନେଇ ପୂର୍ବରୁ ଅଲ ଓଡ଼ିଶା ଅଙ୍ଗନବାଡ଼ି ୱାର୍କର୍ସ ଆସୋସିଏସନ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସମସ୍ତଙ୍କୁ ଉଚିତ୍ ନ୍ୟାୟ ମିଳିବ ବୋଲି ସଂଘ ଆଶା ପ୍ରକାଶ କରିଛି । ଏଥିସହ ଅଭିଯୋଗରେ ଦୋଷୀ ପ୍ରମାଣିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ସମସ୍ତ ଅଙ୍ଗନବାଡ଼ି କର୍ମୀ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଶୁଣାଣି ଶେଷ ହୋଇଥିବା ବେଳେ ଏବେ ଉପଜିଲ୍ଲାପାଳଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

## କେରଳରୁ ଉଦ୍ଧାର ହେଲେ ପୀଡ଼ିତା

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଜୈନିକ ନାବାଳିକାଙ୍କୁ ଅପହରଣ କରି କେରଳ ନେଇ ଦୁଷ୍କର୍ମ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅଞ୍ଚଳରେ ଘଟିଥିଲା ଭଳି ଘଟଣା । ଅଭିଯୁକ୍ତ ଜଣକ ହେଲେ ଶାସନ ଥାନା ଅନ୍ତର୍ଗତ ତବଲା ଗ୍ରାମର ନବଘନ ବାରିକଙ୍କ ପୁଅ ବ୍ରଜକିଶୋର ଓରଫ କିଶୋର ବାରିକ (୨୭) । ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ ୨୪ ତାରିଖ ଦିନ ଅଭିଯୁକ୍ତ କିଶୋର ବାରିକ ଜଣେ ନାବାଳିକାଙ୍କୁ ଅପହରଣ କରି କେରଳ ନେଇ ଯାଇଥିଲା। ସେଠାରେ ନାବାଳିକାଙ୍କ ଇଚ୍ଛା ବିରୋଧରେ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଜମନକିରା ଥାନାରେ ମାମଲା କେସ ନଂ- ୧୧୮/୨୦୨୬, ଦଫା ୧୩୭(୨)/୬୪(୨)ଏବଂ ୬ ପୋସ୍କୋ ଆକ୍ଟ ରୁଜୁ କରାଯାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ପୁଲିସ ଟିମ କେରଳରୁ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ଅଭିଯୁକ୍ତ କିଶୋର ବାରିକଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କୁ ସମ୍ବଲପୁର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି । ଘଟଣାରେ ଅଧିକ ତଦନ୍ତ ଓ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି ।

## ସନ୍ଥ ସିରୋମଣି ଗୁରୁ ରବିଦାସଙ୍କ ଜନ୍ମ ବାର୍ଷିକୀ ଅବସରରେ ମହିମା ପୀଠରୁ ପୁଣ୍ୟ ମୃତ୍ତିକା କଳସ ଭୁବନେଶ୍ୱର ଗଲା

ବୌଦ୍ଧ, (ସବ୍ୟୁ) : ସନ୍ଥ ସିରୋମଣି ଶ୍ରୀ ଗୁରୁ ରବିଦାସଜୀଙ୍କ ୬୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ 'ସମରସତା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବୌଦ୍ଧ ଜିଲ୍ଲାରେ ଏକ ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲାର ବଲାସିଙ୍ଘା ସ୍ଥିତ ପ୍ରସିଦ୍ଧ ମହିମା ଗୋସେଇଁଙ୍କ ମହୁଲ ମୂଳ ପୀଠରୁ ପୁଣ୍ୟ ମୃତ୍ତିକାକୁ ଏକ କଳସରେ ସଂଗ୍ରହ କରାଯାଇ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରକୁ ପଠାଯାଇଛି । କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ରାଜ୍ୟ ଉପ-ସଭାପତି ଯତୀନ ମହାନ୍ତି ଏବଂ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ରାମଚନ୍ଦ୍ର ତାଣ୍ଡି ଉପସ୍ଥିତ ରହି ପୁଣ୍ୟ ମୃତ୍ତିକା ସଂଗ୍ରହ ପ୍ରକ୍ରିୟା ପରିଚାଳନା କରିଥିଲେ । ସାମାଜିକ ସମରସତା, ସମାନତା ଓ ଭାଇଚାରାର ବାର୍ତ୍ତା ଦେଉଥିବା ଏହି ଅଭିଯାନ ମାଧ୍ୟମରେ ସନ୍ଥ ରବିଦାସଜୀଙ୍କ ମାନ୍ୟତା ଓ ଆଦର୍ଶକୁ ଲୋକଲୋଚନକୁ ଆଣିବା ପାଇଁ ଭାଜପା ପକ୍ଷରୁ ପ୍ରୟାସ କରାଯାଉଛି ।

# ଶକ୍ତିଶ୍ରୀ ମହିଳା ସଶକ୍ତିକରଣ ଅଭିଯାନ ଶିବିର ଉଦଯାପିତ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡ଼ିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଗତ ୦୩ ତାରିଖରୁ ଛଅ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଶକ୍ତିଶ୍ରୀ ମହିଳା ସଶକ୍ତିକରଣ ଅଭିଯାନ ତାଲିମ ଶିବିର ଶନିବାର ଉଦଯାପିତ ହୋଇଯାଇଛି । ଉଭୟ ଉଦଘାଟନୀ ଓ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ନାୟକ,ସମ୍ମାନୀତ ଅତିଥି ଅଧ୍ୟାପକ ଗୁଣସାଗର ମେହେର ଓ ସୋମେଶ ଦତ୍ତ ହୋତା, ମୁଖ୍ୟବକ୍ତା ଅଧ୍ୟାପକ ଦିଲ୍ଲୀପ କୁମାର ପଶାୟତ ଆତ୍ମ ସୁରକ୍ଷା ଜୀବନ ରକ୍ଷାବୋଲି ମତବ୍ୟକ୍ତ କରିଥିବା ବେଳେ ଦକ୍ଷ ପ୍ରଶିକ୍ଷିକା ଯାଜ୍ଞସେନୀ ମାଝୀ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଏହି ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିରରେ ପ୍ରଥମ ଓ ଶେଷ ବର୍ଷର ୭୦ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ । ଶକ୍ତିଶ୍ରୀ ଶିବିର କାର୍ଯ୍ୟକ୍ରମକୁ ସଂଯୋଜିକା ଅଧ୍ୟାପିକା ଯଶୋସ୍ମିତା ବେହେରା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସରିତା ରଣା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମହିଳାମାନେ କିପରି ନିଜେ ନିଜର ଆତ୍ମ ସୁରକ୍ଷା କରିପାରିବେ ଏବଂ ନିଜକୁ ନିଜେ ସୁରକ୍ଷା ଦେବାର କୌଶଳ ବିଷୟରେ ବିଷଦ ଆଲୋଚନା ହୋଇଥିଲା । ଛାତ୍ରୀମାନେ ପାଇଥିବା ତାଲିମର ଅନୁଭୂତି ବର୍ଣ୍ଣନା କରିଥିଲେ ଓ ସେହି ଶିକ୍ଷାକୁ କିପରି କାର୍ଯ୍ୟରେ ପରିଣତ କରିବେ ଶପଥ ନେଇଥିଲେ । ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପକ ଘନଶ୍ୟାମ ଖମାରୀ, ଭ୍ରୀଙ୍ଗରାଜ ରଣା, ଫାଲଗୁନୀ ଦାସ, ପ୍ରେମଚାନ୍ଦ ତାଣ୍ଡି, ଛନ୍ଦାଚରଣ ଖୁଣ୍ଟିଆ,ପଙ୍କଜ ସାହୁ, ଶୈଳିକା ନାଏକ,ପର୍ଶୁରାମ ବାଗ,ଚନ୍ଦ୍ରିକା ସାହୁ,ବାସୁଦେବ ଦଳାଇ,ଶରତ ପଧାନ,ଲଳିତ ବଘାର,ଶଶି ପଶାୟତ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ପିଏମ ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁସଭା

ଅମ୍ବାଭୋନା,(ସବ୍ୟୁ) : ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଅମ୍ବାଭୋନା ସ୍ଥାନୀୟ ପିଏମ ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଶିଶୁସଭା ଓ ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିଶୁ ସଭା ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ପ୍ରତିଭା, ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶର ଏକ ଉତ୍ତମ ମଞ୍ଚ ବୋଲି ପ୍ରଧାନଶିକ୍ଷକ ଶ୍ରୀ ରଥ



କହିଥିଲେ । ଶିକ୍ଷକ ମନୋହର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କୁ ଗୀତ, ଗଳ୍ପ, କବିତା, ଅଭିନୟ, ନୃତ୍ୟ, ସମ୍ବାଦ ପଠନ, କୁଇଜ ଓ ପ୍ରଶ୍ନୋତ୍ତର ଭଳି ବିଭିନ୍ନ କାର୍ଯ୍ୟକଳାପରେ ସାମିଲ କରାଯାଇଥିଲା । ଶିକ୍ଷୟିତ୍ରୀ ପିଙ୍କି ଭୋଇ ଆତ୍ମବିଶ୍ୱାସ ଓ ଯୋଗାଯୋଗ କୌଶଳ, ସୈରେନ୍ଦ୍ରୀ ରଥ ପ୍ରତିଭା ପ୍ରଦର୍ଶନ, ସରସ୍ୱତୀ ଭୋଇ ସହଯୋଗ ମନୋଭାବ, ସ୍ୱପ୍ନା ସାହୁ ସୃଜନଶୀଳତା ଏବଂ ଶିକ୍ଷକ ପ୍ରସନ୍ନ ଭୋଇ ସମ୍ବାଦ ପଠନର ଗୁରୁତ୍ୱ ଉପରେ ମତ ରଖିଥିଲେ । ଶିକ୍ଷକ ଦୀନବନ୍ଧୁ ପଣ୍ଡା ଚିନ୍ତନଶକ୍ତି ବିକାଶ, ମଧୁସୂଦନ ବାରିକ ଶୃଙ୍ଖଳା ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ଶିଶୁସଭା ମାଧ୍ୟମରେ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ସହିତ ନିଜେ ଅଂଶଗ୍ରହଣ କରି ଶିଖିବା, ଚିନ୍ତା କରିବା ଓ ନେତୃତ୍ୱ ନେବାର ସୁଯୋଗ ପାଇଥାନ୍ତି ବୋଲି ପ୍ରଧାନଶିକ୍ଷକ ଶ୍ରୀ ରଥ କହିଥିଲେ । ଶେଷରେ ଶିକ୍ଷୟିତ୍ରୀ ଜୟସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଠାବ

### ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ

କୋକସରା,(ସବ୍ୟୁ): କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବଡ଼କେନ୍ଦୁଗୁଡ଼ା ଗ୍ରାମ ନିକଟ ଏକ ଚାଷଜମି ହୁଡ଼ାରୁ ୩ତାରିଖରୁ ନିଖୋଜ ଥିବା ଜଣେ ବିବାହିତା ମହିଳାଙ୍କ ମୃତଦେହ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି । ମୃତା ବିବାହିତା ମହିଳା ଦର୍ଲିପଡ଼ା ଗ୍ରାମର ଦୈତାରୀ ଗୋପାଳଙ୍କ ପତ୍ନୀ ସସ୍ମିତା ଗୋପାଳ(୩୪) ବୋଲି ଜଣାପଡିଛି ।ସୂଚନା ଅନୁସାରେ, ସସ୍ମିତା ଗୋପାଳ ଗତ ମଙ୍ଗଳବାର ସକାଳୁ ଘରୁ ଶୌଚ ପାଇଁ ବାହାରିଥିଲେ। ହେଲେ ଦୀର୍ଘ ସମୟ ପରେ ମଧ୍ୟ ଘରକୁ ଫେରିନଥିଲେ । ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ପରେ ଆମପାଣି ଥାନାରେ ମହିଳାଙ୍କ ନିଖୋଜ ନେଇ ଅଭିଯୋଗ ହୋଇଥିଲା । ଆମପାଣି ପୁଲିସ ଏନେଇ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସସ୍ମିତା ଗତ କିଛି ମାସ ହେବ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ବାପ ଘର ବଡ଼କେନ୍ଦୁଗୁଡ଼ାରେ ରହୁଥିଲେ। ତାଙ୍କ ମାନସିକ ସ୍ଥିତି ଠିକ ନଥିଲା ବୋଲି ପରିବାର ଲୋକ କହିଛନ୍ତି । ତାଙ୍କ ସ୍ୱାମୀ ଗତ ରବିବାର ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ ପରେ ମୃତଦେହ ଜବତ କରିଛି । ମୃତ ମହିଳାଙ୍କ ସ୍ୱାମୀ ମଧ୍ୟ ଆଜି ଘଟଣା ପରେ ଗାଁ କୁ ଫେରିଥିବା ବେଳେ ପରିବାର ଲୋକଙ୍କ ଉପସ୍ଥିତିରେ ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପହଞ୍ଚିବା ପରେ ସେହି ସ୍ଥାନରେ ଶବ ବ୍ୟବଚ୍ଛେଦ କରାଯାଇଛି । ଆମପାଣି ପୁଲିସ କେଶ ନମ୍ବର ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

# ଯୁବଗୋଷ୍ଠୀଙ୍କ ଉଦ୍ୟମରେ ସୁଧୁରିଲା ବ୍ରିଜ ରାସ୍ତା

ରାୟଗଡା, (ସବ୍ୟୁ): ଦୀର୍ଘଦିନ ଧରି ବର୍ଷାଜଳ ଜମି ରହିବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଜେ.କେ.ପୁର ନିକଟ ନାଇଡୁପେଟାସ୍ଥିତ ୩୨୬ ନମ୍ବର ଜାତୀୟ ରାଜପଥର ବ୍ରିଜ ରାସ୍ତାକୁ ସ୍ଥାନୀୟ ଯୁବଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ମରାମତି କରିଛନ୍ତି । ଯୁବକମାନଙ୍କ ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି । ସାମାନ୍ୟ ବର୍ଷା ହେଲେ ମଧ୍ୟ ବ୍ରିଜ ଉପରେ ଆଣ୍ଠୁଏ ଉଚ୍ଚତାର ପାଣି ଜମି ରହୁଥିଲା । ଉଭୟ ପାର୍ଶ୍ୱରେ ଥିବା ଡ୍ରେନ ଜାମ ହୋଇଯାଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନଥିଲା । ଫଳରେ ଡ୍ରେନ ପାଣି ବ୍ରିଜ ଉପରେ ଜମି ରହିବା ସହ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା। ଏଥିଯୋଗୁଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଥିଲା । ଏନେଇ ଅଞ୍ଚଳବାସୀ ସମ୍ପୃକ୍ତ ଜାତୀୟ ରାଜପଥ ବିଭାଗ ନିକଟରେ ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ । ତେବେ ଦୀର୍ଘଦିନ ଧରି କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇ ନଥିବାରୁ ସମସ୍ୟା ଜଟିଳ ହୋଇପଡ଼ିଥିଲା । ଶେଷରେ ସ୍ଥାନୀୟ ଯୁବଗୋଷ୍ଠୀ ଆଗକୁ ଆସି ନିଜସ୍ୱ ଉଦ୍ୟମରେ ଜେସିବି ମେସିନ ଓ ଟ୍ରାକ୍ଟର ଯୋଗାଡ଼ କରି ଗତ ଦୁଇଦିନ ଧରି ବ୍ରିଜ ଖାଲ ଗୁଡ଼ିକରେ ମାଟି ଓ ଗୋଡ଼ି ପକାଇବା ସହ ଡ୍ରେନରେ ଜମିଥିବା ଆବର୍ଜନା ସଫା କରିଥିଲେ। ଫଳରେ ବର୍ତ୍ତମାନ ବ୍ରିଜ ଉପରେ ଜଳ ନିଷ୍କାସନ ବ୍ୟବସ୍ଥା କିଛିଟା ସୁଧୁରିବା ସହ ଯାତାୟାତରେ ମଧ୍ୟ ସୁବିଧା ହୋଇଛି । ଏହି କାର୍ଯ୍ୟରେ ସ୍ଥାନୀୟ ସାମାଜିକ କର୍ମୀ ପ୍ରଭାତ ସ୍ୱାଇଁଙ୍କ ସମେତ ସାମ୍ବାଦିକ ଦୁର୍ଗା ପ୍ରସାଦ ପାଢ଼ୀ, ଗୁରିନ୍ଦର ସିଂ, କୈଳାଶ ସ୍ୱାଇଁ, ସ୍ଥାନୀୟ ଯୁବକ ସୁରେଶ କଣ୍ଡା, କଳିଙ୍ଗ ମହାରଣା, ଇଶ୍ୱର ରାଓ, ଗୋରପା, ଏସ. ମୁରଲୀ ପ୍ରସାଦଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ । ନିଜର ସମୟ ବାହାର କରି ଦୁଇଦିନ ଧରି ଯୁବକମାନେ ଏହି କାର୍ଯ୍ୟରେ ଲାଗିପଡ଼ିଥିଲେ। ଅନ୍ୟପକ୍ଷରେ ରାସ୍ତା ମରାମତି ସମୟରେ ଯାତାୟାତ ସମସ୍ୟା ନ ଉପୁଜିବା ପାଇଁ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସୱାଇଁଙ୍କ ନେତୃତ୍ୱରେ ଦୁଇଜଣ କନେଷ୍ଟବଲଙ୍କୁ ନିୟୋଜିତ କରାଯାଇଥିଲା । ସେମାନେ ଘଟଣାସ୍ଥଳରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ସରକାରୀ ବିଭାଗର ଅବହେଳା ମଧ୍ୟରେ ଅଞ୍ଚଳବାସୀଙ୍କ ସମସ୍ୟାକୁ ନିଜର ସମସ୍ୟା ଭାବି ଯୁବଗୋଷ୍ଠୀଙ୍କ ଏଭଳି ସାମାଜିକ ଦାୟିତ୍ୱବୋଧ ପ୍ରଦର୍ଶନ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ସୃଷ୍ଟି କରିଛି ।

## ମାୟାବର୍ହା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଏସ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ପ୍ରଧାନଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଅଗଷ୍ଟ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ମାୟାବର୍ହା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ପୌରଭି କର୍ମୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ପି ପି ଟି ମାଧ୍ୟମରେ ଶିକ୍ଷକ କିରନ କୁମାର ପୁଟେଲ ସଚେତନ କରାଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ମାନେ ନୃତ୍ୟ ଓ ଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ । ସଂସ୍କୃତ ଶିକ୍ଷକ ରାଜୁ ମେହେର ସଭା ପରିଚାଳନା କରିଥିଲେ ଓ ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଦିପ୍ତିଶିଖା ବାଗ ଓ ସାଥୀ ସ୍ୱାଗତ ସଙ୍ଗୀତ କରିଥିଲେ ।

## ଆଷାଢ଼ରେ ନିଆରା ପରମ୍ପରା : ଦେବୀଙ୍କୁ ଝିଅ ମାନି ଭାର ସମର୍ପଣ

ରାୟଗଡା,(ସବ୍ୟୁ): ଆଷାଢ଼ ମାସରେ ଦେବୀଙ୍କୁ ଘରର ଝିଅ ଭାବେ ମାନି ଶାଢ଼ୀ, ମିଠା, ଫଳମୂଳ ଓ ବିଭିନ୍ନ ସୌଭାଗ୍ୟ ସାମଗ୍ରୀ ଭାର ଆକାରରେ ଅର୍ପଣ କରିବା ତେଲୁଗୁ ସମ୍ପ୍ରଦାୟର ଏକ ନିଆରା ପରମ୍ପରା । ଏହି ପରମ୍ପରାକୁ ରାୟଗଡ଼ା ସହରର ରାଣୀଗୁଡ଼ା ଫାର୍ମ ଅଞ୍ଚଳବାସୀ ଭକ୍ତି ଓ ନିଷ୍ଠାର ସହ ପାଳନ କରିଆସୁଛନ୍ତି । ଚଳିତବର୍ଷ ମଧ୍ୟ ଆଷାଢ଼ ମାସ ଅବସରରେ ରାଣୀଗୁଡ଼ା ଫାର୍ମବାସୀଙ୍କ ପକ୍ଷରୁ ରାୟଗଡ଼ା ସହରର ଅଧିଷ୍ଠାତ୍ରୀ ଗ୍ରାମଦେବୀ ବୁରଦଲା ପୋଲମ୍ମା ଏବଂ ଆରାଧ୍ୟ ଦେବୀ ମା' ମଝିଘରିଆଣୀଙ୍କୁ ଶାଢ଼ୀ ଓ ଭାର ସମର୍ପଣ କରାଯାଇଛି । ଏହି ଅବସରରେ ରାଣୀଗୁଡ଼ା ଫାର୍ମସ୍ଥିତ ମା' ମଝିଘରିଆଣୀଙ୍କ ମଣ୍ଡପରେ ପ୍ରଥମେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ପରେ ମଙ୍ଗଳ ବାଦ୍ୟର ତାଳେ ଶତାଧିକ ମହିଳାଙ୍କ ଉପସ୍ଥିତିରେ ଏକ ଭକ୍ତିମୟ ଶୋଭାଯାତ୍ରା ବାହାରିଥିଲା। ଭକ୍ତମାନେ ଶାଢ଼ୀ, ମିଠା, ଫଳ, ନଡ଼ିଆ, ହଳଦୀ, ସିନ୍ଦୂର, ଚୁଡ଼ି ସମେତ ବିଭିନ୍ନ ସୌଭାଗ୍ୟ ସାମଗ୍ରୀ ଭାର ଭାବେ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ବୁରଦଲା ପୋଲମ୍ମା ମନ୍ଦିରରେ ପହଞ୍ଚିବା ପରେ ସେଠାରେ ମଧ୍ୟ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଦେବୀଙ୍କ ନିକଟରେ ଭାର ସମର୍ପଣ କରାଯାଇଥିଲା। ତେଲୁଗୁ ସମ୍ପ୍ରଦାୟର ବିଶ୍ୱାସ ଅନୁଯାୟୀ, ଆଷାଢ଼ ମାସରେ ବିବାହିତ ଝିଅ ଯେପରି ବାପାଙ୍କ ଘରକୁ ଆସି ଭାର ନେଇ ଶାଶୁଘରକୁ ଫେରିଥାଏ, ସେହିଭଳି ଦେବୀଙ୍କୁ ମଧ୍ୟ ଘରର ଝିଅ ଭାବେ ସମ୍ମାନ ଦେଇ ଭାର ଅର୍ପଣ କରାଯାଏ । ଗତ ତିନି ବର୍ଷ ଧରି ରାଣୀଗୁଡ଼ା ଫାର୍ମ ଅଞ୍ଚଳବାସୀ ଏହି ପରମ୍ପରାକୁ ନିୟମିତ ଭାବେ ପାଳନ କରିଆସୁଛନ୍ତି । ଚଳିତବର୍ଷ ଜିଲ୍ଲା ତେଲୁଗୁ ସାମ୍ମୁଖ୍ୟର ଶତାଧିକ ମହିଳା ଏଥିରେ ସାମିଲ ହୋଇଥିଲେ । ଦେବୀଙ୍କ ନିକଟରେ



ପୂଜାର୍ଚ୍ଚନା କରି ସେମାନେ ଜିଲ୍ଲାବାସୀଙ୍କ ମଙ୍ଗଳ, ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ଏବଂ ନିଜ ନିଜ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ଆଷାଢ଼ ମାସରେ ଦେବୀଙ୍କୁ ନିଜ ଘରର ଝିଅ ଭାବି ଏହି ସାମଗ୍ରୀ ଭାର ସମର୍ପଣ କରିବାର ପରମ୍ପରା ତେଲୁଗୁ ସମ୍ପ୍ରଦାୟର ଭକ୍ତି, ସଂସ୍କୃତି ଓ ପରିବାରିକ ଭାବନାର ଏକ ସୁନ୍ଦର ପ୍ରତିଫଳନ ହୋଇଛି। ପ୍ରକାଶ ଥାଉ କି, ଆମ ଓଡ଼ିଆମାନଙ୍କ ପାଇଁ ବର୍ତ୍ତମାନ ଶ୍ରାବଣ ମାସ ଚାଲୁଥିବାବେଳେ, ତେଲୁଗୁ ସମ୍ପ୍ରଦାୟରେ ଆଷାଢ଼ ମାସ ଚାଲୁଛି ।

## ଶିବ ମନ୍ଦିର ନିକଟରେ ମାଛ ବଜାରକୁ ନେଇ ବଢୁଛି ଜନଅସନ୍ତୋଷ

ଜୁନାଗଡ଼,(ସବ୍ୟୁ): ଅନ୍ୟତମ ମନ୍ଦିର ମାଳିନୀ ସହର ଭାବେ ପରିଚିତ ଜୁନାଗଡ଼ର ବଜାରପଡାସ୍ଥିତ ପ୍ରାଚୀନ ଶିବ ମନ୍ଦିର ନିକଟରେ ମାଛ ବଜାର ଥିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜନଗହଳିପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ଥିବା ଏହି ମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଦର୍ଶନ ପାଇଁ ଆସୁଥିବାବେଳେ ମନ୍ଦିର ସଂଲଗ୍ନ ମାଛ ବଜାର ଯୋଗୁ ପରିବେଶ ଅସ୍ୱାସ୍ଥ୍ୟକର ହେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମାଛ ଧୋଇବା ପାଣି ମନ୍ଦିର ପରିସରକୁ ପ୍ରବେଶ କରୁଥିବାରୁ ପରିଷ୍କାର-ପରିଚ୍ଛନ୍ନତା ବ୍ୟାହତ ହେଉଛି । ବିଶେଷକରି ପବିତ୍ର ଶ୍ରାବଣ ମାସରେ ମଧ୍ୟ ମନ୍ଦିରର ଭକ୍ତିମୟ ପରିବେଶ ପ୍ରଭାବିତ ହେଉଥିବା ନେଇ ଭକ୍ତ ଓ ପଡ଼ାବାସୀ ଉଦବେଗ ପ୍ରକାଶ କରିଛନ୍ତି । ଦୁର୍ଗନ୍ଧ ଓ ଅପରିଷ୍କାର ପରିବେଶ ଯୋଗୁ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ କହିଛନ୍ତି । ଏନେଇ ପଡ଼ାବାସୀ ଅନେକ ଥର ଜୁନାଗଡ଼ ଏନଏସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା କହିଛନ୍ତି । ଅନ୍ୟପକ୍ଷରେ, ପଡ଼ାବାସୀଙ୍କ ଅଭିଯୋଗ ପରେ ଏନଏସି ପକ୍ଷରୁ ମାଛ ବ୍ୟବସାୟୀଙ୍କୁ ବାରମ୍ବାର ତାଗିଦ କରାଯାଇଥିଲେ ମଧ୍ୟ ସେମାନେ ନିର୍ଦ୍ଦେଶକୁ ମାନୁନଥିବା ଏନଏସି ପକ୍ଷରୁ କୁହାଯାଇଛି । ଏହା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି । ମନ୍ଦିରର ପବିତ୍ରତା ଓ ସ୍ୱଚ୍ଛ ପରିବେଶ ରକ୍ଷା ଦୃଷ୍ଟିରୁ ମାଛ ବଜାରକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ାବାସୀ ଦାବି କରିଛନ୍ତି ।

# କୁଚିଣ୍ଡା-ଫାଶିମାଲ ରାସ୍ତାରେ ବନ୍ୟାଜଳ

## ଯାତାୟାତ ବାଧାପ୍ରାପ୍ତ

ଜମନକିରା,(ସବ୍ୟୁ): ଚଳିତ ବର୍ଷ ଅତ୍ୟଧିକ ବର୍ଷା ଜଳ ଯୋଗୁଁ କୁଚିଣ୍ଡା-ଲାଡ- ଫାଶିମାଲ ଭାୟା ଧୁଡ଼ିପାଲି ଘଉ ରାସ୍ତାରେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଛି । ତିହାଡ଼ିପାଲି ଶିବ ମନ୍ଦିର ନିକଟରେ ଥିବା ନାଳର ପୋଲଟି ସୁରକ୍ଷିତ ଓ ଠିକ ଥିଲେ ହେଁ, ପ୍ରବଳ ବର୍ଷା ହେତୁ ଜଳସ୍ତର ହଠାତ୍ ବୃଦ୍ଧି ପାଇ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ ଏହି ମୁଖ୍ୟ ମାର୍ଗରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଉପର ମୁଣ୍ଡରେ ଅବିଶ୍ରାନ୍ତ ବର୍ଷା ହେତୁ ନାଳରେ ପ୍ରବଳ ଜଳସ୍ରୋତ ସୃଷ୍ଟି ହୋଇ ପୋଲ ଉପରେ ବହିବାରେ ଲାଗିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିବା ସହ ସ୍ଥାନୀୟ ଅଞ୍ଚଳବାସୀ, ନିତ୍ୟ ଦିନିଆ ଯାତ୍ରୀ, ସ୍କୁଲ-କଲେଜ ଛାତ୍ରଛାତ୍ରୀ ଓ ଜରୁରୀକାଳୀନ ସେବା ପାଇଁ ଆସୁଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏଭଳି ବିପଜ୍ଜନକ ପରିସ୍ଥିତି ସତ୍ତ୍ୱେ କେତେକ ଦୁଃସାହସୀ ଚାଳକ ଓ ସ୍ଥାନୀୟ ଲୋକେ ପ୍ରବଳ ପାଣିର ସ୍ରୋତ ମଧ୍ୟରେ ଜୀବନକୁ ବାଜି ଲଗାଇ ବାଇକ ଓ ଅନ୍ୟାନ୍ୟ ଗାଡ଼ି ଠେଲି ପାର୍ କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଏହା ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ପ୍ରବଳ ବର୍ଷା ସମୟରେ ଏହିପରି ଜଳପ୍ଲାବନ ସମସ୍ୟା ସୃଷ୍ଟି ହେଉଥିବାରୁ, ଭବିଷ୍ୟତରେ ଯାତାୟାତ ସୁଗମ କରିବା ଏବଂ ବିପଦ ଏଡ଼ାଇବା ପାଇଁ ଏହି ସ୍ଥାନରେ ରାସ୍ତା ଓ ସେତୁର ଉଚ୍ଚତା ବୃଦ୍ଧି କରିବାକୁ ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି ।



## ଫାଷ୍ଟାଗ୍‌ରୁ ବେଆଇନ ଟଙ୍କା କଟିବା ମାମଲାର ଶୁଣାଣି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଗାଡ଼ି ଗ୍ୟାରେଜରେ ଥିବା ସତ୍ତ୍ୱେ ଫାଷ୍ଟାଗ୍‌ରୁ ବେଆଇନ ଭାବେ ଟଙ୍କା କାଟିବା ଘଟଣାରେ ଟୋଲୱେ କମ୍ପାନୀ, ଜାତୀୟ ରାଜପଥ ପ୍ରାଧିକରଣଏବଂ ଇଣ୍ଡିଆନ ହାଇୱେ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡକୁ ଜରିମାନା ଦଣ୍ଡାଦେଶ ହୋଇଛି । କମିଶନର ଅଧ୍ୟକ୍ଷ ଡ. ରମାକାନ୍ତ ଶତପଥୀ ଓ ସଭ୍ୟ ସଦାନନ୍ଦ ତ୍ରିପାଠୀଙ୍କୁ ନେଇ ଗଠିତ ପୀଠ ଅଭିଯୋଗକାରୀ ସୁଧୀର କୁମାର ଦେବତାଙ୍କ ଆବେଦନର ବିଚାର କରି ଏହି ଆଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ବଉଦିଆପଡ଼ାର ସୁଧୀର କୁମାର ଦେବତାଙ୍କ କାର ଗାଡ଼ି ନମ୍ବର(ଓଡି୧୫ଏସ୍-୨୧୭୩) ଗତ ୨୮ ଡିସେମ୍ବର, ୨୦୨୫ ଦିନ ଗ୍ୟାରେଜରେ ଥିଲା। ସେଦିନ ସକାଳେ ସମ୍ବଲପୁର-ବରଗଡ଼ ଟୋଲୱେ ଦେଇ ନଯାଇ ସୁଦ୍ଧା ତାଙ୍କ ଆଇସିଆଇସିଆଇ ବ୍ୟାଙ୍କ ଫାଷ୍ଟାଗ୍‌ରୁ ୧୬୫ଟଙ୍କା କଟିଥିଲା। ଏନେଇ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଏହା ଜଣାପଡିବା ପରେ ସେ ତୁରନ୍ତ ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିବା ସହ ନିଜ ଗାଡ଼ି ଓ ଫାଷ୍ଟଯାଗର ଅପବ୍ୟବହାର ସନ୍ଦେହରେ ବୁର୍ଲା ଥାନା ଓ ଆରଟିଆଇ ଜରିଆରେ ସିସିଟିଭି ଫୁଟେଜ ମାଗିଥିଲେ । ପରବର୍ତ୍ତୀ ସମୟରେ ବିପକ୍ଷ ପକ୍ଷ କାରିଗରୀ ତ୍ରୁଟି ଦର୍ଶାଇ ୧୬୫ ଟଙ୍କା ଫେରସ୍ତ ହୋଇଥିଲା। ମାତ୍ର ଆବେଦନକାରୀ ହୋଇଥିବା ହଇରାଣ ଯୋଗୁଁ ସେ ଗ୍ରାହକ ଅଦାଲତଙ୍କ ଦ୍ୱାରସ୍ତ ହୋଇଥିଲେ । ମାମଲାର ଶୁଣାଣି କରି ଅଦାଲତ କହିଛନ୍ତି ଯେ, ଟଙ୍କା ଫେରସ୍ତ କରିବା ଦ୍ୱାରା କର୍ତ୍ତୃପକ୍ଷ ନିଜର ଭୁଲ ସ୍ୱୀକାର କରିଛନ୍ତି। ଗ୍ରାହକ ଅଭିଯୋଗ କରିନଥିଲେ ସେମାନଙ୍କର ବେଆଇନ ଲାଭ ହୋଇଥାନ୍ତା। କାରିଗରୀ ତ୍ରୁଟି ଦର୍ଶାଇ ସେମାନେ ନିଜ ଦାୟିତ୍ୱରୁ ଓହରି ପାରିବେ ନାହିଁ । ତେଣୁ ଅଦାଲତ ସମ୍ପୃକ୍ତ ତିନୋଟି ଯାକ ସଂସ୍ଥାକୁ ୧୦,୦୦୦ ଟଙ୍କା ଲେଖାଁଏ କ୍ଷତିପୂରଣ ଓ ୩,୦୦୦ ଟଙ୍କା ମାମଲା ପରିଚାଳନା ଖର୍ଚ୍ଚ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥରାଶି ଏକ ମାସ ମଧ୍ୟରେ ପରିଶୋଧ ନକଲେ ବାର୍ଷିକ ୭ ପ୍ରତିଶତ ସୁଧ ଲାଗୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି । ଏହି ମାମଲାକୁ ଆଇନଜୀବୀ ରବିନ୍ଦ୍ର ନନ୍ଦ ଓ ଶରତଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ।

## ମାର୍କଫେଡ ଗୋଦାମକୁ ନାହିଁ ପକ୍କା ରାସ୍ତା, ସାର ସୁଷମ ବଣ୍ଟନରେ ବାଧା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କ ମୌଜା ଖଇରପାଲିରେ ଏକ ମାର୍କଫେଡ ଗୋଦାମ ରହିଛି । ଏହାର କ୍ଷମତା ୨୦୦୦ମେଟ୍ରିକ୍ ଟନ୍ ଅଟେ । ତେବେ ଗୋଦାମକୁ ଯିବା ପାଇଁ ପକ୍କା ରାସ୍ତା ନଥିବାରୁ ସାର ସୁଷମ ବଣ୍ଟନରେ ଅନେକ ଅସୁବିଧା ସୃଷ୍ଟି ହେଉଛି । ସଠିକ୍ ସମୟରେ ଚାଷୀଙ୍କୁ ସାର ମିଳୁନଥିବା ଅଭିଯୋଗ ହୋଇଛି । ମାର୍କଫେଡ ଗୋଦାମ ଖାଲି ପଡିଥିବା ବେଳେ ଚାଷୀମାନେ ସାର ପାଇଁ ହନ୍ତସନ୍ତ ହେଉଛନ୍ତି । ଅନ୍ୟପଟେ ଡିଆରସିଏସ୍ ଗୋଦାମ ଗୁଡିକରେ ସାର ରଖାଯାଉଛି । ସେଠାରେ ମଧ୍ୟ ସ୍ଥାନାଭାବ ରହିଛି। ଏଥିଯୋଗୁଁ ଆବଶ୍ୟକ ପରିମାଣର ସାର ମହଜୁଦ ରଖାଯାଇ ପାରୁନାହିଁ। ଏଭଳିସ୍ଥଳେ ଅନେକ ସମୟରେ ସାର ସିଧାସଳଖ ଡିଲରଙ୍କ ହାତରେ ଟେକି ଦିଆଯାଉଛି । ଫଳରେ ବିତରଣରେ ସ୍ୱଚ୍ଛତା ଅଭାବ ଓ ସାର କଳାବଜାରୀ ଆଶଙ୍କା ବଢୁଛି । ଅନେକ ସମୟରେ ଚାଷୀଙ୍କୁ ସାର ମିଳୁନଥିବା ବେଳେ ଅଧିକ ଦାମରେ ସେମାନେ କିଣିବାକୁ ବାଧ୍ୟ ହେଉଛନ୍ତି । ସାରର ସୁଷମ ବଣ୍ଟନ ପାଇଁ ସୋସାଇଟିକୁ ୬୦% ଓ ଡିଲରଙ୍କୁ ୪୦ପ୍ରତିଶତ ଦେବାର ନିୟମ ରହିଛି । ଏଥିପାଇଁ ଜିଲ୍ଲାରେ ୪୬ଟି ସୋସାଇଟି ଓ ୧୭୪ଟି ଡିଲର ବା ପେକ୍ସ ରହିଛି ।

ଖରିଫ ଓ ରବି ଋତୁରେ ଚାହିଦାକୁ ଦୃଷ୍ଟିରେ ରଖି ସାର ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି । ଏଥିପାଇଁ ଖଇରପାଲି ଗ୍ରାମରେ ମାର୍ଫେଡ ପକ୍ଷରୁ ଗୋଦାମ ବ୍ୟବସ୍ଥା ହୋଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ୮ଜୁଲାଇ, ୨୦୨୫ରେ ଅତିରିକ୍ତ ୪ଟି ଗୋଦାମ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ଏଥିପାଇଁ ମୋଟ ୩ କୋଟି ୫୮ଲକ୍ଷ ୫ହଜାର ୬୮ଟଙ୍କା ଖର୍ଚ୍ଚ କରାଯାଇଛି । ତେବେ ଏହାର ନିର୍ମାଣ କାମ ଶେଷ ହୋଇଛି । ମାତ୍ର ଏହି ଗୋଦାମକୁ ସାର ଆସିବା ପାଇଁ ଭଲ ରାସ୍ତା ନାହିଁ। ଭାରୀଯାନ ଯାତାୟତ ଅସୁବିଧା ଯୋଗୁଁ ସରକାରୀ ଗୋଦାମ ବନ୍ଦ ହୋଇ ପଡିଛି । ଚାହିଦା ଅନୁଯାୟୀ ଷ୍ଟକ ରହି ପାରୁନାହିଁ। ସିନ୍ଦୁରପଙ୍କ ଛକ ଠାରୁ ଗୋଦାମର ଦୂରତା ପ୍ରାୟ ୨କିମି । ଗୋଦାମ ପର୍ଯ୍ୟନ୍ତ ଯିବା ପାଇଁ ପକ୍କା ରାସ୍ତା ନାହିଁ । ଫଳରେ ବଡବଡ ସାର ବୋଝେଇ ଟ୍ରକ ଗୋଦାମ ପର୍ଯ୍ୟନ୍ତ ଯାଇପାରୁନାହିଁ । ବର୍ଷାଦିନେ ରାସ୍ତାର ଅବସ୍ଥା ନକହିବା ଭଲ । ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପାଣି ଓ କାଦୁଅ ପୂର୍ଣ୍ଣ ହୋଇଛି । ତେବେ ପକ୍କା ରାସ୍ତା ନିର୍ମାଣ ସହ ଗୋଦାମକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି । ଏହାଦ୍ୱାରା ଚାଷୀ ମାନେ ବେଶ ଉପକୃତ ହୋଇପାରିବେ। ନଚେତ୍ ଆଗାମୀ ଦିନରେ ସାର ଅଭାବ ଯୋଗୁଁ ଚାଷ ଉପରେ ପ୍ରଭାବ ପଡିବ । ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ୍‌ଙ୍କୁ ପଚାରିବାକୁ ଗୋଦାମକୁ ଯିବା ପାଇଁ ଭଲ ରାସ୍ତା ନଥିବା ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି ବୋଲି କହିଥିଲେ।

## ସୁକମାନିପୁର-କୁକୁରିପାଲି ରାସ୍ତା ଅବସ୍ଥା ଶୋଚନୀୟ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଭଣ୍ଡାରପୁରୀ ପଞ୍ଚାୟତ ଅଧିନସ୍ଥ ସୁକମାନିପୁର-କୁକୁରିପାଲି ରାସ୍ତାର ଦୁରାବସ୍ଥା କହିଲେ ନସରେ । ବର୍ଷାଦିନ ଯୋଗୁଁ ରାସ୍ତାରେ ବଡ ଖାଳ ଥିବାରୁ ପାଣି ଭର୍ତ୍ତି ହୋଇଯାଉଛି । ଫଳରେ ଲୋକେ ଯିବାଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସକାଳ ପାହିଲେ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଇଥାନ୍ତି । ଯେହେତୁ ଭଣ୍ଡାରପୁରୀ ପଞ୍ଚାୟତ ଅଟେ ତେଣୁ ଜନସାଧାରଣ ପିଡିଏସ ଚାଉଳ, ବାର୍ଦ୍ଧକ୍ୟ ଭତ୍ତା,ବ୍ୟାଙ୍କ ରୁ



ଟଙ୍କା ଉଠାଣ,ଜମା କରିବା ପାଇଁ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି । ଏହା ବ୍ୟତୀତ ଚାଷୀମାନେ ମଣ୍ଡିକୁ ବିଭିନ୍ନ ଯାନବାହାନ ରେ ଧାନ ନେବ ଏବଂ ବିଭିନ୍ନ ସରକାରୀ କାଗଜପତ୍ର କରିବା ପାଇଁ ଏହି ରାସ୍ତା ରେ ନିର୍ଭରଶୀଳ । ସୁକମାନିପୁରର ଜନସାଧାରଣ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଟିକା,ଭେକ୍ସିନ ଏବଂ ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏହି ରାସ୍ତା ଦେଇ ପାଦରେ ଚାଲି ଚାଲି କୁକୁରିପାଲି କୁ ଯାଇଥାନ୍ତି । ଏହି ରାସ୍ତାକୁ ଯଥାଶୀଘ୍ର ମରାମତି କରା ନ ଗଲେ ଧନହାନି ପ୍ରାଣହାନି ହେବାର ଆଶଙ୍କା ରହିଛି । ତେଣୁ ଏହି ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

## ବୌଦ୍ଧରେ ବିଜ୍ଞାନ ମେଳା

ବୌଦ୍ଧ,(ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବୌଦ୍ଧର ୩୮ ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରାହ୍ମଣୀପାଲି ଉଚ୍ଚ ମାଧ୍ୟମିକ ଦୀପ ପ୍ରଜ୍ୱଳିତ ହୋଇଥିଲା । ବିଦ୍ୟାଳୟର ପରିଚାଳନା କମିଟି ର ସଭାପତି ଟଙ୍କଧରସାହୁ ,କୋଷାଧ୍ୟକ୍ଷ ଅଭିଷେକ ଅଗ୍ରୱାଲ , ସଦସ୍ୟା ପୁଷ୍ପାଞ୍ଜଳି ନାୟକ ଉପସ୍ଥିତ ଥିଲେ । ବିଦ୍ୟାଳୟର ଜଣେ ବିଜ୍ଞାନୀ ହେବା ପାଇଁ ପରାମର୍ଶ ଦେଇ ଥିଲେ । ଉଦଯାପନୀ ସମାରୋହରେ ବୀରନରସିଂହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓମପ୍ରକାଶ ପ୍ରଧାନ ମୁଖ୍ୟ ଅତିଥି,



ବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ମହାକୁଡ଼ ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି , ପି.ଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ କାତ୍ୟାୟନୀ ପାଢ଼ୀ , ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ର ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପିକା ଶ୍ୱେତା ସୁମନ ପଣ୍ଡାଙ୍କ କର କମଳରେ ଜ୍ଞାନ ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅତିଥି ପରିଚୟ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ପ୍ରାକ ଶିଶୁ , ଶିଶୁ ବର୍ଗ , ବାଲ ବର୍ଗ ଓ କିଶୋର ବର୍ଗରେ ଉଭୟ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ରେ ୧୬୦ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ଅତିଥିଗଣ ଶିକ୍ଷାର୍ଥୀଙ୍କୁ ସର୍ବଦା ଜିଜ୍ଞାସୁ ମନୋଭାବ ରଖି ଜଣେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଟଙ୍କଧର ସାହୁ , ସମ୍ପାଦକ ପଦ୍ମନାଭ ସୁବୁଦ୍ଧି , ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଉପସ୍ଥିତ ଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। । ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ନରେନ୍ଦ୍ର ମହାକୁଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଡାକ ସବଡିଭିଜନ ସ୍ଥାନାନ୍ତରକୁ ବିରୋଧ

ଜୟପାଟଣା,(ସବ୍ୟୁ): ଡାକବିଭାଗ ପକ୍ଷରୁ ବିଭାଗୀୟ ପାରଦର୍ଶିତା ଏବଂ ଦ୍ରୁତ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏକ ନୂଆ ଡାକମଣ୍ଡଳ ତଥା ଡିଭିଜନ ଗଠନ ସ୍ଥିର ହୋଇଥିବା ଜଣାପଡିଛି । ପ୍ରସ୍ତାବିତ ନବରଙ୍ଗପୁର ଡିଭିଜନ ଗଠନ ସହ ଏହାର ମୁଖ୍ୟ କାର୍ଯ୍ୟାଳୟ ଜୟପୁରଠାରେ ସ୍ଥିତିକୃତ ହେବାର ସୂଚନା ରହିଛି । ଏହି ଡିଭିଜନରେ କଳାହାଣ୍ଡି ଡିଭିଜନ ଅନ୍ତର୍ଗତ ଧର୍ମଗଡ଼ ଓ ଜୟପାଟଣା ଦୁଇଟି ଡାକ ସବ୍‌ଡିଭିଜନକୁ ସାମିଲ କରିବାର ଯୋଜନା ଥିବା ଜଣାପଡ଼ିଛି । ଜୟପାଟଣା ପୋଷ୍ଟାଲ ସବଡ଼ିଭିଜନରେ ଜୟପାଟଣା, ଆମ୍ବପାଣି, କଲମପୁର, ମୁଖିଗୁଡ଼ା ଏବଂ ରାମପୁର ଆଦି ୫ଟି ସବ ପୋଷ୍ଟ ଅଫିସ ସହ ୭୬ଟି ଶାଖା ଡାକଘର ରହିଛି । ପ୍ରଶାସନିକ ସେବା,ଆର୍ଥିକ ନେଣଦେଣ ଓ ଅନ୍ୟାନ୍ୟ ସେବା ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ବର୍ତ୍ତମାନ ଭବାନୀପାଟଣା ଜିଲ୍ଲା ମୁଖ୍ୟାଳୟରୁ ପରିଚାଳିତ ହେଉଛି । ଜୟପାଟଣାରୁ ଭବାନୀପାଟଣା ମୁଖ୍ୟ ଡାକଘରର ଦୂରତା ପ୍ରାୟ ୭୦ କିଲୋମିଟର ଭିତରେ । ଯଦି ଧର୍ମଗଡ଼ ଏବଂ ଜୟପାଟଣା ସବ ଡିଭିଜନକୁ ନବରଙ୍ଗପୁର ଡିଭିଜନରେ ସାମିଲ କରାଯାଏ, ତେବେ ଏହାର ମୁଖ୍ୟାଳୟ ଜୟପୁରଠାରେ ହେବାରୁ ଧର୍ମଗଡ଼ଠାରୁ ଏହାର ଦୂରତା ପ୍ରାୟ ୧୨୦କିଲୋମିଟରରୁ ଅଧିକ ହେବ । ଏପରି ସ୍ଥିତିରେ ଡାକଯୋଗେ ଆସୁଥିବା ବିଭିନ୍ନ ଅତ୍ୟାବଶ୍ୟକ ଚିଠି, କାଗଜପତ୍ର, ପାର୍ସଲ, ପାସପୋର୍ଟ, ଜମିପଟ୍ଟା, ପ୍ରମୋଶନ ,ଗ୍ରେଡେସନ,ପାନକାର୍ଡ, ଆଧାର କାର୍ଡ, ବିଭିନ୍ନ ସାର୍ଟିଫିକେଟ, ଆର୍ପିଏଲ, ପିଏଲଆଇ ବଣ୍ଟନ ପେପର ଆଦି ଲୋକଙ୍କ ପାଖରେ ପହଞ୍ଚିବାରେ ବିଳମ୍ବ ହେବାର ଆଶଙ୍କା ରହିଛି । ସେହିପରି ଡାକଘରେ ଥିବା ସଞ୍ଚୟ ଖାତାରୁ ଟଙ୍କା ଉଠାଣ ସମୟରେ ମଧ୍ୟ ବିଳମ୍ବ ହୋଇପାରେ। ବର୍ତ୍ତମାନ ଏସବୁ କାର୍ଯ୍ୟ ଭବାନୀପାଟଣା ଡିଭିଜନ କାର୍ଯ୍ୟାଳୟ ପରିସରଭୁକ୍ତ ଥିବାରୁ ଲୋକେ ସହଜରେ, ସୁବିଧାରେ ଏବଂ ଶୀଘ୍ର ଡାକସେବା ସହ ଅନ୍ୟାନ୍ୟ ସେବା ପାଇପାରୁଛନ୍ତି। ଡାକ ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ମଧ୍ୟ ଏହି ପରିବର୍ତ୍ତନ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ଜୟପୁରଠାରେ ମୁଖ୍ୟ କାର୍ଯ୍ୟାଳୟ ହେଲେ ସେଠାକୁ ଯାତାୟାତକରି କାର୍ଯ୍ୟ କରିବାରେ ଏହି ଦୁଇ ସବଡିଭିଜନ ର କର୍ମଚାରୀ ମାନଙ୍କୁ ଅଧିକ ସମୟ ଲାଗିବ। କଳାହାଣ୍ଡି ଜିଲ୍ଲାର ଏହି ଦୁଇଟି ସବଡ଼ିଭିଜନକୁ କଳାହାଣ୍ଡି ଜିଲ୍ଲାରେ ନରଖି ଅନ୍ୟ ଏକ ଜିଲ୍ଲା ନବରଙ୍ଗପୁରକୁ ସ୍ଥାନାନ୍ତର କରିବା ପାଇଁ ହୋଇଥିବା ନିଷ୍ପତ୍ତି କେତେଦୂର ଗ୍ରହଣୀୟ ତାହା ଉପରେ ଆଲୋଚନା ଜରୁରୀ । ଏହି ପ୍ରସ୍ତାବ ପ୍ରଶାସନିକ ଓ ଭୌଗୋଳିକ ଦୃଷ୍ଟିରୁ ମଧ୍ୟ ଯୁକ୍ତିସଙ୍ଗତ ନୁହଁ ବୋଲି ମନେହୁଏ। ଏଣୁ ଧର୍ମଗଡ଼ ଓ ଜୟପାଟଣା ଡାକ ସବଡ଼ିଭିଜନକୁ ନବରଙ୍ଗପୁର ଡିଭିଜନରେ ସାମିଲ କରିବା ପ୍ରସ୍ତାବକୁ ବାତିଲ କରାଯିବା ସହ ଏହାକୁ ପୂର୍ବଭଳି ଭବାନୀପାଟଣାସ୍ଥିତ କଳାହାଣ୍ଡି ଡିଭିଜନ ଅଧୀନରେ ରଖାଯାଇ ପ୍ରସ୍ତାବିତ ସ୍ଥାନାନ୍ତରକୁ ବାତିଲ କରାଗଲେ ସ୍ଥାନୀୟ ଅଞ୍ଚଳବାସୀ ଙ୍କ ହିତ ରକ୍ଷା ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

## ନୃସିଂହ ଗୁରୁ: ସମୟ ଔର ସଂଘର୍ଷ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ମାଟିର ମହକ କାର୍ଯ୍ୟକ୍ରମରେ ପ୍ରଫେସର ଡକ୍ଟର ଜୟନ୍ତ କର ଶର୍ମାଙ୍କ ଲିଖିତ ହିନ୍ଦୀ ପୁସ୍ତକ ପ୍ରଧାନ, ଡକ୍ଟର ଜିତେନ୍ଦ୍ରୀୟ ହରିପାଲ, ପଟ୍ଟାୟତ ସାହୁ, ଡକ୍ଟର ମହେନ୍ଦ୍ର ମିଶ୍ର, କୈଳାଶ ମେହେର, ଜିଏମ୍‌ୟୁ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା



'ନୃସିଂହ ଗୁରୁ: ସମୟ ଔର ସଂଘର୍ଷ' ଉନ୍ମୋଚିତ ହୋଇଯାଇଛି । ନୃସିଂହ ଗୁରୁ ସମିତି ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ସମିତିର ଉପାଧ୍ୟକ୍ଷ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ପଦ୍ମଶ୍ରୀ ଡକ୍ଟର ଶ୍ରୀନିବାସ ଉଦ୍‌ଗାତା, ମିତ୍ରଭାନୁ ଗୌନ୍ତିଆ, ଡକ୍ଟର ହଲଧର ନାଗ, ଭାଗବତ ଓ ଡକ୍ଟର ପ୍ରଭାସ ସିଂ ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ । ସ୍ମୃତି ସମିତିର ସଂପାଦକ ହେମନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ନୃସିଂହ ଗୁରୁଙ୍କ ୧୨୫ ତମ ଜୟନ୍ତୀ ଅବସରରେ ଏହି ପୁସ୍ତକ ପ୍ରକାଶିତ ହୋଇଛି ।

## ମଞ୍ଚରେ କେକ କାଟି ବିଧାୟକଙ୍କ ଜନ୍ମଦିନ ପାଳନ କଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ୭୭ ତମ ଜନ୍ମଦିନ ଅବସରରେ ରେଢ଼ାଖୋଲରେ ଆୟୋଜିତ କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମଞ୍ଚ ଉପରେ କେକ କାଟି ବିଧାୟକଙ୍କ ଜନ୍ମଦିନ ପାଳନ କରିଥିଲେ । ଶ୍ରୀ ପ୍ରଧାନ ଶ୍ରୀ ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ତାଙ୍କର ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। ସେ କହିଥିଲେ ଯେ ରେଢ଼ାଖୋଲର ବିକାଶ ପାଇଁ ଶ୍ରୀ ଆଚାର୍ଯ୍ୟଙ୍କ ଅବଦାନ ଅତୁଳନୀୟ । ତାଙ୍କ ନେତୃତ୍ୱରେ ଏହି ଅଞ୍ଚଳ ଶିକ୍ଷା ଓ ବିକାଶର ନୂତନ ମାପଦଣ୍ଡ ସ୍ଥାପନ କରିବ । ଏହି ସ୍ନେହଭରା ଦୃଶ୍ୟକୁ ଦେଖି ଉପସ୍ଥିତ କର୍ମୀ ଓ ସମର୍ଥକମାନେ ଜୋରଦାର ତାଳି ଓ ନାରା ଦେଇ ବିଧାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବିଲରାମ ବନ୍ଦୋର, ଆଇଜି ହିମାଂଶୁ ଲାଲ ସମେତ ବହୁ ବରିଷ୍ଠ ଅଧିକାରୀ ନେତା ଓ ଶହ ଶହ କର୍ମୀ ଉପସ୍ଥିତ ଥିଲେ।




## ସାଂସଦଙ୍କ ଗସ୍ତ ପୂର୍ବରୁ କଂଗ୍ରେସ ଓ ବିଜେଡି କର୍ମୀ ଅଟକ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨ଦିନିଆ ଗସ୍ତରେ ଆସିଥିବା ବେଳେ ବିରୋଧିଙ୍କ ବିରୋଧ ଆଶଙ୍କାକୁ ଦୃଷ୍ଟିରେ ରଖି ପୋଲିସ ଆଗୁଆ ପଦକ୍ଷେପ ଗ୍ରହଣ କରିଛି । ଶନିବାର ସମ୍ବଲପୁର ଗସ୍ତ ପୂର୍ବରୁ କଂଗ୍ରେସ ଓ ବିଜେଡି କର୍ମୀଙ୍କୁ ଅଟକ ରଖିଛି । କଂଗ୍ରେସର ୧୭ଜଣ କର୍ମୀଙ୍କୁ କ୍ଷେତରାଜପୁର ଥାନା ଓ ବିଜେଡିର ୨୭ଜଣଙ୍କୁ ରିଜର୍ଭ ପୋଲିସ ଲାଇନରେ ଅଟକ ରଖା ଯାଇଥିଲା। ଖବର ପାଇ ବିରୋଧି ଦଳ ଉପନେତା ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଅଟକ ବିଜେଡି କର୍ମୀଙ୍କୁ ଭେଟିଥିଲେ । ଏଥିରେ ବିଜେଡିର ଦେବାଶିଷ ପରିଡା, ଧର୍ମରାଜ ମରେଇ, ଅନମୋଲ ଦାସ, ଶୁଭ୍ରାଂଶୁ ପାଢୀ, ସଂଯୁକ୍ତା ମେହେର, ବସନ୍ତ ମିଶ୍ର, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାସ, ଗୋକୁଳ ମେହେରା, ଲିଲିମା ମଲ୍ଲିକ, ଅନିତା ଓରାମ, ସୁରେଖା ସାହୁ , ସରିତା ଦାସ ଓ ସସ୍ମିତା ଦୀପ ପ୍ରମୁଖ ସାମିଲ ଥିଲେ। ସେହିପରି କଂଗ୍ରେସ ଜିଲ୍ଲା ସଭାପତି ଇଂ. ଅମିତ ଗୁରୁ, ବିଜୟ ଲକ୍ଷ୍ମୀ ବେହେରା, ନିରଞ୍ଜନ ତ୍ରିପାଠୀ, ଜୟରାମ ବଣିଆ, ମୋହନ ଶାହ, ସଞ୍ଜୟ ଛୁରିଆ, ରବି ରାଉତ, ପ୍ରେମରଞ୍ଜନ ପ୍ରଧାନ, ସୁବର୍ଣ୍ଣ ମେହେର, ଲକ୍ଷ୍ମୀ ଶତପଥି, ସୁଭଦ୍ରା ବେହେରା, ତ୍ରିବେଣୀ ତରିଆ, ମେଘା ଓରାମ ଓ ନନ୍ଦିନୀ ଓରାମ ପ୍ରମୁଖ ଅଟକ ଥିଲେ।

## କୁନାସିଲା-ମହିବିଲା ରାସ୍ତା ଶୋଚନୀୟ

### ପିଚୁ ରାସ୍ତା ନିର୍ମାଣ ଦାବି

କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ କୁନାସିଲା -ବରଗାଁ ଗ୍ରାମପଞ୍ଚାୟତ ମହୀବିଲା ପର୍ଯ୍ୟନ୍ତ ଯାଇଥିବା ୨.୫କିମି ରାସ୍ତା ଶୋଚନୀୟ ପଡ଼ିରହିଛି । ସାମାନ୍ୟ ବର୍ଷା ହେଲେ ଖାଲଖମାରେ ଭର୍ତ୍ତି ହୋଇଯାଉଥିବାରୁ ଅନେକ ଲୋକ ପଡ଼ିଯିବା ସହ ଆହତ ମଧ୍ୟ ହେଉଥିବା ଅଞ୍ଚଳ ବାସୀ କହୁଛନ୍ତି। ଅନେକ ଗାଡ଼ି ଭାଙ୍ଗିଯିବା ସହ ଜିନିଷ ପତ୍ର ମଧ୍ୟ ନଷ୍ଟ ହେଇଛି । ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ମଧ୍ୟ ଏହି ରାସ୍ତା ଦେଇ ଆସିପରୁ ନାହିଁ । ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବାଆସିବା ଅଞ୍ଚଳ ବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବର୍ଷା ଦିନରେ ଚାରିଚକିଆ ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି । ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ



କରୁଛନ୍ତି ହେଲେ ବିଭାଗୀୟ ଅଧିକାରୀ ଙ୍କ ଅବହେଳା ଯୋଗୁଁ ରାସ୍ତା ମରଣ ଯନ୍ତା ପାଲଟିଛି। ଗତ କିଛି ମାସ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାକୁ ସର୍ଭେ ମଧ୍ୟ ନିର୍ମାଣା ସରିଛି । ହେଲେ ଆଜି ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ହୋଇନାହିଁ। ବର୍ଷା ଦିନ ପୂର୍ବରୁ ଏହି ରାସ୍ତାକୁ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳ ବାସି ଦାବି କରୁଛନ୍ତି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି ।

## ରେଢ଼ାଖୋଲ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଭୂମିପୂଜନ ଓ ଅସ୍ଥାୟୀ ଭବନ ଉଦ୍‌ଘାଟିତ

ରେଢ଼ାଖୋଲ,(ସବ୍ୟୁ): ଯେଉଁ ଅଞ୍ଚଳରେ ଶିକ୍ଷାର ମୂଳଦୁଆ ମଜବୁତ ଥାଏ, ସେହି ଅଞ୍ଚଳର ପ୍ରଗତିକୁ କେହି ରୋକିପାରିବେ ନାହିଁ ବୋଲି ଶନିବାର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ ଭବନର ଶୁଭ ଉଦ୍ଘାଟନ କରିବା ଅବସରରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶ୍ରାବଣର ଏହି ପବିତ୍ର ମାସରେ ରେଢ଼ାଖୋଲରେ ଶିକ୍ଷାର ଏଭଳି ଏକ ସ୍ଥାୟୀ ଭିତ୍ତିଭୂମିର ଶୁଭାରମ୍ଭ ହେବା ସମଗ୍ର ଅଞ୍ଚଳ ପାଇଁ ଶୁଭ ସଙ୍କେତ । ଏହି ବିଦ୍ୟାଳୟ ଆରମ୍ଭ ହେବା ଦ୍ୱାରା ଆମ ଅଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ପାଠପଢ଼ା ପାଇବା ସହ ଆଧୁନିକ ଦୁନିଆ ସହ ସହଜରେ ଯୋଡ଼ିହୋଇପାରିବେ । ସେ ଆହୁରି କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ କେବଳ ଗୋଟିଏ ସ୍କୁଲ ନୁହେଁ, ବରଂ ଏହା ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା,



ଜାତୀୟତାବୋଧ ଏବଂ ସାମଗ୍ରିକ ବିକାଶର ପ୍ରମୁଖ କେନ୍ଦ୍ରବିନ୍ଦୁ। ସେ କହିଛନ୍ତି କେରାଣ୍ଡି ସେତୁ ନିର୍ମାଣ ପାଇଁ ସରକାରଙ୍କ ଦ୍ୱାରା ୨୨ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ରେଢ଼ାଖୋଲ ସବଡିଭିଜନର ସବୁ ଗାଁ ଓ ଅଞ୍ଚଳକୁ ୧୨ ମାସିଆ ପକ୍କା ରାସ୍ତା ସହ ମୋବାଇଲ ନେଟୱର୍କ ପହଞ୍ଚାଇବାକୁ ପ୍ରାଥମିକତା ଦିଆଯାଉଛି । ଜଳସେଚନ ବ୍ୟବସ୍ଥାର ସୁଧାର ସହ ଏଠାକାର ପନିପରିବା, ଫଳ ଓ ଫୁଲ ଚାଷକୁ ପ୍ରୋତ୍ସାହିତ କରି କୃଷିଜାତ ଦ୍ରବ୍ୟକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏବଂ ବିଦେଶକୁ ରପ୍ତାନି କରିବା ଦିଗରେ କାର୍ଯ୍ୟ ଚାଲିଛି ।

ନବୀନ ବାବୁ ମୋତେ ଗୋ ବେକ କହୁଛନ୍ତି ଆଉ ବଦମାସ କହୁଛନ୍ତି ବୋଲି ପ୍ରକାଶ କରିଥିଲେ । ମୁଁ ଏଠିକାର ହାଳିଆ, ମୁଁ ଆସିଲେ ମୋତେ ମନା କରିବ କି ବୋଲି ଜନସାଧାରଙ୍କୁ ଉଦବୋଧନରେ ପ୍ରକାଶ କରିଥିଲେ । ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ନବୀନ ବାବୁଙ୍କୁ ଟାର୍ଗେଟ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ସାଂସଦ ଶ୍ରୀ ପ୍ରଧାନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବିଳରାମ ବନ୍ଦୋର ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଓଡ଼ିଶାର ଉପ ଆୟୁକ୍ତ ସରଦାର ସିଂ ଚୌହାନ, ଉତ୍ତରାଞ୍ଚଳ ପୋଲିସ ମହା ନିରୀକ୍ଷକ ହିମାଂଶୁ ଲାଲ , ସମ୍ବଲପୁର ଏସପି ମୁକେଶ ଭାମୁ , ପ୍ରକଳ୍ପ ଅଧିକାରୀ ପ୍ରସନ୍ନ ପାତ୍ର, ଉପଜିଲ୍ଲାପାଳ ରଶ୍ମି ରଂଜନ ମହନ୍ତ , ରେଢ଼ାଖୋଲ ଏନଏସି ଅଧକ୍ଷ ଶିବରାମ ସାହୁ, ରେଢ଼ାଖୋଲ ପଂଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ନାକାଟିଦେଉଳ ବ୍ଲକ ଅଧକ୍ଷ ସ୍ୱରୂପାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଏସପି ଅଜୟ ମିଶ୍ର, ରେଢାଖୋଲ ଏସଡିପିଓ ରଜନୀକାନ୍ତ ମିଶ୍ର, ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ସେନାପତି, ଏନଏସି ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା , ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ତାମିଲନାଡୁରୁ ଆସିପାରିଲାନି ଯୁବକଙ୍କ ମୃତଦେହ

ଭବାନୀପାଟଣା,(ସବ୍ୟୁ) : କୌଣସି ନା କୌଣସି କାରଣରୁ ରାଜ୍ୟ ବାହାରକୁ ରୋଜଗାର କରିବାକୁ ଯାଉଥିବା ଶ୍ରମିକ ଟିଏ ଯଦି ସଶରୀରରେ ଗାଁ ଫେରିନପାରେ, ମୃତ୍ୟୁ ପରେ ଶବ ବି ଆସିନପାରେ ତେବେ ତା ଠାରୁ ବଳି ଦୁଃଖ କଣ ହୋଇପାରେ। ଏପରି ଏକ ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ଅଞ୍ଚଳରେ। ଏହି ବ୍ଲକର ଗଜବାହାଲ ପଞ୍ଚାୟତର ଅବୁଜବାହାଲ ଗ୍ରାମର ବେଣୁଧର ସାହୁଙ୍କ ପୁଅ ସୀମାଞ୍ଚଳ ସାହୁ (୩୦) । ପ୍ରାୟ ୬ମାସ ତଳେ ରୋଜଗାର ପାଇଁ ତାମିଲନାଡୁର ତ୍ରିପୁର ଅଞ୍ଚଳକୁ ଯାଇଥିଲେ। ଏହା ପୂର୍ବରୁ ମଧ୍ୟ ଅତୀତରେ ସେଠାରେ ସେ ତିନିବର୍ଷ ଥିଲେ ।


ତେବେ ଶୁକ୍ରବାର ହଠାତ ଝାଡାବାନ୍ତି ହେବାରୁ ସହଯୋଗୀମାନେ ସ୍ଥାନୀୟ ମେଡିକାଲରେ ଭର୍ତ୍ତୀ କରିଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ୫ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଶବକୁ ନିଜ ଗାଁକୁ ଆଣିବା ପାଇଁ ଚେଷ୍ଟା କରିଥିଲେ । ସ୍ୱେଚ୍ଛାସେବୀ ରକ୍ତଦାତା ରବିନାରାୟଣ ସାହୁ ଯୋଗାଯୋଗ କରି ଏଦିଗରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ସଞ୍ଜୟ ମହାରଣା ଗୋଲାମୁଣ୍ଡା ବିନ୍ଦୁ ଫାଉଣ୍ଡେସନ ପକ୍ଷରୁ ଉଦ୍ୟମ କରାଯାଇ ଥିଲା । ଏପରିକି ଫାଉଣ୍ଡେସନ ପକ୍ଷରୁ ଏୟାରଲିଫ୍ଟ ପାଇଁ ଫ୍ଲାଇଟ ବୁକିଂ ମଧ୍ୟ ସରିଥିଲା ।

ତେବେ ମେଡିକାଲରେ ସୀମାଞ୍ଚଳଙ୍କ ରେଜିଷ୍ଟ୍ରେସନରେ ଭୁଲ ରହିଥିଲା। ଯଦ୍ୱାରା ସେଠାରୁ ଶବ ଛଡାଗଲା ନାହିଁ । ନିଜେ ମେଡିକାଲ କର୍ମଚାରୀ ନାମ ଭୁଲ ଲେଖିଥିବା ବେଳେ ତାର ଶୀକାର ହେଲେ ମୃତକଙ୍କ ପରିବାର । ସକାଳେ ମଧ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ତ୍ରୁଟି ଯୋଗୁଁ ଶବ ଛଡାଗଲା ନାହିଁ । ଫଳରେ ସେଠାରେ ଶନିବାର ଦିନ ୨ଟାରେ ଶବସତ୍କାର କରାଯାଇଥିବା ତାଙ୍କ ପରିବାର ସୂତ୍ରରୁ ଜଣାଯାଇଛି ।

ସୂଚନାଯୋଗ୍ୟ, ସୀମାଞ୍ଚଳ ପ୍ରାୟ ଦୁଇବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଦେଢବର୍ଷର ଝିଅ ମଧ୍ୟ ଅଛି। ଏବେ ସ୍ତ୍ରୀ ରାଜେନ୍ଦ୍ରୀ ଓ କୁନି ଝିଅ ସମାଇରା ବାହୁନି ବାହୁନି କାନ୍ଦୁଛନ୍ତି । ସ୍ୱାମୀର ମୁହଁ ଦେଖିନପାରିବାରୁ ସ୍ତ୍ରୀ ରାଜେନ୍ଦ୍ରୀ କୋହ ସମ୍ଭାଳି ପାରୁନାହାନ୍ତି । ମୃତକଙ୍କ ପରିବାରରେ ସୀମାଞ୍ଚଳ ଜଣେ ରୋଜଗାରିଆ ପୁଅ ହୋଇଥିବାରୁ ଅସହାୟ ସ୍ତ୍ରୀ, ଝିଅର ପ୍ରତିପୋଷଣ ପାଇଁ ପ୍ରଶାସନ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଶିଳାପଦ୍ମ : ଯେତେବେଳେ ପଥର କଥା କହେ

## ପୁନରାବଲୋକନ-୨୪



**ଭାସ୍କର ପରିଚ୍ଛା**


ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖିକା ଡ. ପ୍ରତିଭା ରାୟଙ୍କ ଶିଳାପଦ୍ମ ଇତିହାସ, ଲୋକକଥା, ପ୍ରେମ ଓ ଦାର୍ଶନିକ ଚିନ୍ତନର ଏକ ମନୋମୁଗ୍ଧକର ସମନ୍ୱୟ ।

ତ୍ରୟୋଦଶ ଶତାବ୍ଦୀର ମହିମାମୟ କୋଣାର୍କ ସୂର୍ଯ୍ୟମନ୍ଦିରକୁ ପୃଷ୍ଠଭୂମି କରି ରଚିତ ଏହି ଉପନ୍ୟାସରେ ପଥର କେବଳ ସ୍ଥାପତ୍ୟର ଉପାଦାନ ନୁହେଁ ତାହା ସ୍ମୃତି, ଆକାଂକ୍ଷା, ବେଦନା ଓ ମାନବୀୟ ସୃଜନଶୀଳତାର ଏକ ଜୀବନ୍ତ ଭଣ୍ଡାର । କୋଣାର୍କକୁ ଲେଖିକା ଏପରି ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଛନ୍ତି, ଯେଉଁଠି ବର୍ତ୍ତମାନ ଓ ଅତୀତ ପରସ୍ପର ସହିତ ମିଶିଯାଏ ।

ଉପନ୍ୟାସର ଆରମ୍ଭ ଆଧୁନିକ ଓଡ଼ିଶାରୁ । ବିଦେଶୀ ଗବେଷକ ଚାର୍ଲସ ତାଙ୍କ ବାଗ୍‌ଦତ୍ତାଙ୍କ ସହ କୋଣାର୍କ ଅଞ୍ଚଳକୁ ଆସେ । କୋଣାର୍କର ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ଅଧ୍ୟୟନ କରିବା ତା'ର ଉଦ୍ଦେଶ୍ୟ । କିନ୍ତୁ ତା'ର ଗବେଷଣା ଧୀରେ ଧୀରେ ଏକ ରହସ୍ୟମୟ ଅନୁଭୂତିରେ ପରିଣତ ହୁଏ । ତାଳପତ୍ର ପୋଥି, ପୁରୁଣା ଦଲିଲ ଏବଂ ପିଢ଼ି ପରେ ପିଢ଼ି ମୁଖେ ମୁଖେ ଚାଲିଆସିଥିବା କାହାଣୀ ତା'କୁ ଏକ ଅନ୍ୟ ଯୁଗର ଦ୍ୱାର ଖୋଲିଦିଏ । ବିଶେଷକରି ଜଣେ ନାରୀଙ୍କ ମୂର୍ତ୍ତି ତା'କୁ ଅଦ୍ଭୁତ ଭାବେ ଆକର୍ଷିତ ଓ ବିଚଳିତ କରେ । ଶେଷରେ ସେ ଏପରି ଏକ ଅନୁଭବ ମଧ୍ୟରେ ପ୍ରବେଶ କରେ, ଯେଉଁଠି ଅତୀତ ଓ ବର୍ତ୍ତମାନର ସୀମା ଧୀରେ ଧୀରେ ଅଦୃଶ୍ୟ ହୋଇଯାଏ ।

କାହାଣୀ ତା'ପରେ ଦୁଇଟି ସମୟଧାରାରେ ଆଗକୁ ବଢ଼େ । ତ୍ରୟୋଦଶ ଶତାବ୍ଦୀର କୋଣାର୍କ ନିର୍ମାଣ ସମୟର ପ୍ରେମକାହାଣୀ ଓ ମାନବୀୟ ସମ୍ପର୍କର ଅନ୍ତରାଳରୁ ଅନେକ ଅକୁହା କଥା ଉଜାଗର ହୁଏ । ଏଥି ସହିତ ଚାର୍ଲସଙ୍କ ବର୍ତ୍ତମାନ ଜୀବନରେ ମଧ୍ୟ ଏକ ନୂଆ ପ୍ରେମର ଅଙ୍କୁରୋଦ୍‌ଗମ ହୁଏ । ଇତିହାସ ଓ କଳ୍ପନା, ବାସ୍ତବତା ଓ ରହସ୍ୟ-ସବୁକିଛିକୁ ଲେଖିକା ଏକାଠି କରି ପାରିଛନ୍ତି ।


ଶିଳାପଦ୍ମର ସବୁଠାରୁ ବଡ଼ ଆକର୍ଷଣ ହେଉଛି କୋଣାର୍କ ମନ୍ଦିରର ଉପସ୍ଥାପନା ।




ମନ୍ଦିରଟି ଏଠାରେ କେବଳ ଏକ ଐତିହାସିକ କୀର୍ତ୍ତି ନୁହେଁ ଏହା ଏକ ନିରବ ସାକ୍ଷୀ । ରାଜାଙ୍କ ସ୍ୱପ୍ନ, ଶିଳ୍ପୀଙ୍କ ସାଧନା, ମାନବୀୟ ପ୍ରେମ, ଆକାଂକ୍ଷା ଓ ବଳିଦାନ-ସବୁକିଛିକୁ ନିଜ ମଧ୍ୟରେ ଧାରଣ କରିଛି କୋଣାର୍କ । ସେହି ଦୃଷ୍ଟିରୁ ଦେଖିଲେ କୋଣାର୍କ ଉପନ୍ୟାସର ଏକ ନିରବ କିନ୍ତୁ ଅତ୍ୟନ୍ତ ପ୍ରଭାବଶାଳୀ ଚରିତ୍ର ।

ନାରୀ ଚରିତ୍ର ଓ ନାରୀ-ଅସ୍ତିତ୍ୱର ପ୍ରଶ୍ନ ମଧ୍ୟ ଉପନ୍ୟାସର ଏକ ମୁଖ୍ୟ ଦିଗ । ମନ୍ଦିରର ଗାତ୍ରରେ ଖୋଦିତ ନାରୀମୂର୍ତ୍ତିଗୁଡ଼ିକୁ ସାଧାରଣତଃ ସୌନ୍ଦର୍ଯ୍ୟ, ଲାବଣ୍ୟ ଓ କାମନାର ପ୍ରତୀକ ଭାବରେ ଦେଖାଯାଏ । ପ୍ରତିଭା ରାୟ ତା'ର ଅନ୍ତରାଳରେ ଲୁଚିଥିବା ନାରୀ ଜୀବନକୁ ଖୋଜିବାକୁ ମଧ୍ୟ ଚେଷ୍ଟା କରିଛନ୍ତି । ସେହି ପଥରର ନାରୀ କେବଳ ଏକ ଶିଳ୍ପକୃତି ନୁହେଁ ସେ ଏକ ନିରବ ଜୀବନ, ଏକ ଦମିତ ସ୍ୱର ଓ ନାରୀର ଅସ୍ତିତ୍ୱର ପ୍ରତୀକ । ଏହି ଦୃଷ୍ଟିରୁ ଉପନ୍ୟାସଟି ପିତୃତାନ୍ତ୍ରିକ ସମାଜରେ ନାରୀର ସ୍ଥାନକୁ ନେଇ ଏକ ଗଭୀର ପ୍ରଶ୍ନ ଉଠାଏ ।

ଲେଖିକାଙ୍କ ଗବେଷଣାର ଛାପ ସାରା ଉପନ୍ୟାସରେ ସ୍ପଷ୍ଟ । ଲୋକକଥା, କିମ୍ବଦନ୍ତୀ, ଇତିହାସ ଓ କୋଣାର୍କକୁ ଘେରି ରହିଥିବା




ସାଂସ୍କୃତିକ ସ୍ମୃତିକୁ ସେ କଳ୍ପନାର ସହିତ ଏପରି ଭାବେ ମିଶାଇଛନ୍ତି ଯେ ତାହା ଶୁଷ୍କ ଇତିହାସ ହୋଇ ରହିନାହିଁ । ବରଂ ଇତିହାସର ଆଧିକାରିକ ଦଲିଲ ଯାହା କହିପାରେ ନାହିଁ, ଲୋକସ୍ମୃତି ଓ ମିଥ୍ ତାହାକୁ କିପରି ସଂରକ୍ଷଣ କରିପାରେ-ଉପନ୍ୟାସଟି ତାହା ଦେଖାଇଥାଏ ।

ଶିଳାପଦ୍ମ ମୂଳତଃ ମାନବଜୀବନ ଓ କଳାର ଅମରତ୍ୱ ସମ୍ପର୍କରେ ଏକ ସାମଗ୍ରିକ ଚିନ୍ତନ । ମଣିଷ ମରିଯାଏ, ରାଜବଂଶ ଲୋପ ପାଏ, ସମୟ ଅନେକ ସ୍ମୃତିକୁ ମାଟି ତଳେ ପୋତିଦିଏ କିନ୍ତୁ କଳା ରହିଯାଏ ।

ତଥାପି ଏକ ମୌଳିକ ପ୍ରଶ୍ନ ଉଠେ-ସ୍ମାରକଗୁଡ଼ିକ କି ସତରେ ତାହାକୁ ସୃଷ୍ଟି କରିଥିବା ମଣିଷମାନଙ୍କୁ ସଂରକ୍ଷଣ କରନ୍ତି, ନା ପରବର୍ତ୍ତୀ ପିଢ଼ି ଯେଉଁ ଅର୍ଥ ଦେବାକୁ ଚାହେଁ, କେବଳ ସେହି ଅର୍ଥକୁ?

ଏହି କାରଣରୁ ଶିଳାପଦ୍ମ କେବଳ ଏକ ଐତିହାସିକ ପ୍ରେମ ଉପନ୍ୟାସ ନୁହେଁ । ଏହା ସ୍ମୃତି, ନାରୀ-ଅସ୍ତିତ୍ୱ, କଳା, ପ୍ରେମ ଓ ମାନବୀୟ ସୃଜନଶୀଳତାର ଏକ ଗଭୀର ଅନ୍ୱେଷଣ ।

ଚାର୍ଲସଙ୍କ ମାଧ୍ୟମରେ ପ୍ରତିଭା ରାୟ ବର୍ତ୍ତମାନକୁ ଅତୀତ ସହିତ ଯୋଡ଼ି ଦେଇଛନ୍ତି । ଶତାବ୍ଦୀ ପରେ ମଧ୍ୟ କୋଣାର୍କର ପଥର ଯେ ମଣିଷର ପ୍ରେମ, ବେଦନା ଓ ସ୍ୱପ୍ନର କଥା କହିପାରେ-ଶିଳାପଦ୍ମ ସେହି ଅନନ୍ତ ସଂଳାପର ଏକ ସୁନ୍ଦର ସାହିତ୍ୟିକ ରୂପ ।

ଆନନ୍ଦର କଥା ଯେ ଶିଳାପଦ୍ମ ଉପନ୍ୟାସ ଇଂରାଜୀରେ ଅନୁବାଦ ହୋଇଛି । Citadel of Love ଶୀର୍ଷକରେ ମୋନାଲିସା ଜେନା ଏହାର ଅନୁବାଦ କରିଛନ୍ତି ଓ ରୁପା ପବ୍ଲିକେସନ୍ସ ଏହାକୁ ପ୍ରକାଶ କରିଛନ୍ତି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ବହ୍ନିକନ୍ୟା ସରଳା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି



**ପ୍ରହଲାଦ କୁମାର ସିଂହ**

୧୯୧୯ ଏପ୍ରିଲ ମାସରେ ପଞ୍ଜାବର ଜାଲିଆନାୱାଲାବାଗ୍‌ଠାରେ ବ୍ରିଟିଶ ସରକାର ଘଟାଇଥିବା ଗଣହତ୍ୟାର ପ୍ରତିବାଦ କରି କଟକ ସହରରେ ସେତେବେଳେ ହୋଇଥିବା ପ୍ରତିବାଦ ଶୋଭାଯାତ୍ରାର ଅଗ୍ରଭାଗରେ ଥିଲେ ଜଣେ ମାତ୍ର ଯୁବତୀ । ହାତରେ କଳାପତାକା ଧରି ବ୍ରିଟିଶ ସରକାର ବିରୋଧରେ ସ୍ଲୋଗାନ୍ ଦେଇ ଆଗେଇ ଚାଲିଥିବା ଏହି ସଦ୍ୟ ପରିଣିତା ଯୁବତୀଙ୍କ ବୟସ ପ୍ରାୟ ୧୫ ବର୍ଷ । ସେ ସମୟର ରକ୍ଷଣଶୀଳ ସମାଜର ଟାହିଟାପରାକୁ ଭ୍ରୂକ୍ଷେପ ନକରି ଆଗକୁ ଆଗକୁ ମାଡ଼ି ଚାଲିଥିବା ଏହି ଯୁବତୀ ହେଲେ ସତ୍ୟାଗ୍ରହ ସଂଗ୍ରାମରେ ଓଡ଼ିଶାର ପ୍ରଥମ ରାଜବନ୍ଦିନୀ ସରଳା ଦେବୀ, ଯାହାଙ୍କୁ ଏକଦା ନାରୀକବି ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ ସମ୍ବୋଧନ କରିଥିଲେ 'ବୀରବାଳା ମା' ସରଳା' ବୋଲି ।

୧୯୨୧ରେ ମହାତ୍ମା ଗାନ୍ଧିଙ୍କ ପ୍ରଥମ ଓଡ଼ିଶା ଗସ୍ତ ସମୟରେ ଆୟୋଜିତ ମହିଳା ସଭାରେ ବି ସରଳା ଦେବୀ ସାମ୍ନାକୁ ଆସି ଗାନ୍ଧିଜୀଙ୍କ ଭାଷଣର ଓଡ଼ିଆ ଅନୁବାଦ କରି ଶୁଣାଉଥିଲେ ଓଡ଼ିଆଣୀମାନଙ୍କୁ । ୧୯୨୪ରେ କାରାମୁକ୍ତ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ କଟକରେ ଅନୁଷ୍ଠିତ ଯେଉଁ ସଭାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଉତ୍କଳମଣି ବୋଲି ସମ୍ବୋଧନ କରିଥିଲେ ସେହି ସଭାରେ ମଧ୍ୟ ମଞ୍ଚ ଉପରକୁ ଯାଇ ସରଳା ଦେବୀ ଭାଷଣ ଦେବାରେ ରକ୍ଷଣଶୀଳ ସମାଜ ତାଙ୍କୁ ଅନେକ ସମାଲୋଚନା କରିଥିଲା । ଏହାକୁ ସେ ଭ୍ରୂକ୍ଷେପ ନକରି ଗାଁ ଗାଁରେ ବୁଲି ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରୁଥିଲେ । ଏମିତିକି ୧୯୩୧ରେ ଅନୁଷ୍ଠିତ କରାଚି କଂଗ୍ରେସ ଅଧିବେଶନ ମଞ୍ଚରୁ ପ୍ରତିନିଧିମାନଙ୍କୁ ମଧ୍ୟ ସେ ଭାଷଣ ଦେଇଥିଲେ । ପରିଣାମକୁ ଖାତିର ନକରି ବ୍ରହ୍ମପୁରରେ ଉଦ୍‌ଯୋଗ ମନ୍ଦିର ଗଢ଼ି ସେ ଗାଁ ଗାଁରେ ବୁଲି ସତ୍ୟାଗ୍ରହୀ ସଂଗ୍ରହ କଲେ । ତାଙ୍କ ଯୋଗଦାନ ଫଳରେ ଶୋଭାବତୀ ପଣ୍ଡା, ହେମଲତା ଦେବୀଙ୍କ ସମେତ ବହୁ ମହିଳା ମୁକ୍ତି ଆନ୍ଦୋଳନରେ ସାମିଲ ହୋଇଥିଲେ । ୧୯୩୦ର ଲବଣ ସତ୍ୟାଗ୍ରହ ବେଳେ ସେ ଅଭୂତପୂର୍ବ ସାହସିକତାର ପ୍ରମାଣ ଦେଇଥିଲେ । ତାଙ୍କୁ ଜବତ କରିବା ପାଇଁ ବ୍ରିଟିଶ ପୁଲିସ ସେ ଯାଉଥିବା ମାନ୍ଦ୍ରାଜ୍ ମେଲ୍ ରେଳଗାଡ଼ିକୁ ବାଟରେ ଅଟକାଇ ଗିରଫ କରିଥିଲା । କେବଳ ସେତିକି ନୁହେଁ, ତାଙ୍କୁ ଭେଲୋର୍ ଜେଲ୍‌ରେ ଅଟକ ରଖାଯାଇଥିଲା ।

ଜେଲ୍‌ରେ ତାଙ୍କୁ ଯେତେ ନିର୍ଯାତନା ଦିଆଗଲେ ବି ସେ ଦବି ନଥିଲେ । ମାଟି ପିଣ୍ଡି ଉପରେ ବିନା ତକିଆରେ ଶୋଇବାକୁ ଦିଆଯାଉଥିଲା । ଶାଢ଼ି ବଦଳରେ ଜେଲ୍ ପୋଷାକ ପିନ୍ଧିବାକୁ ବାଧ କରାଯିବା ସଂଗେ ସଂଗେ ତାଙ୍କ ହାତରୁ ଚୁଡ଼ି କାଢ଼ି ନିଆ ଯାଇଥିଲା । ଭେଲୋର୍ ଜେଲ୍‌ରେ ତାଙ୍କର ସହବନ୍ଦିନୀ ଥିଲେ ପ୍ରଫେସର ଏନ୍.ଜି. ରଙ୍ଗାଙ୍କ ପତ୍ନୀ ପଦ୍ମାବତୀ ଶୁଭଦ୍ରାମା ଓ ଦୁର୍ଗାବାଈ ଦେଶମୁଖ ପ୍ରମୁଖ । ଭେଲୋର୍ ଜେଲ୍‌ରୁ ଖଲାସ ହେବା ପରେ ତାଙ୍କୁ ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କଟକରେ ସରଳାଙ୍କୁ ସ୍ୱାଗତ କରିବା ପାଇଁ ବୀଣାପାଣି ଦେବୀଙ୍କ ପୌରୋହିତ୍ୟରେ ଯେଉଁ ସଭା ଅନୁଷ୍ଠିତ ହୋଇଥିଲା, ସେଥିରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରଚିତ ଏକ ସଂଗୀତ ବୋଲା ଯାଇଥିଲା ଯେଉଁଥିରେ ବୀରବାଳା ମା ସରଳା ବୋଲି ସମ୍ବୋଧନ କରାଯାଇଥିଲା । କୁନ୍ତଳା କୁମାରୀଙ୍କ ଆହ୍ୱାନ-'ଆମ୍ଭେ ନାରୀଗଣ କୋଣରୁ ବାହାରି / ଧରିବୁ ଅସହଯୋଗ ତରବାରୀ / ଅହିଂସା ଅସହଯୋଗ ରଣାଙ୍ଗନେ / କର୍ମୀ ହୋଇ ବାହାରିବୁ ଜଣେ ଜଣେ/ ମହାତ୍ମା ଆହ୍ୱାନ ଦେଇଛନ୍ତି ଆଜି / ଆସ ମୋ ଭଉଣୀ ଦୁର୍ଗାବେଶ ସାଜି' । ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା ।

୧୯୩୨ରେ ଜାହ୍ନବୀ ଦେବୀ, କୋକିଳା ଦେବୀ ଆଦିଙ୍କ ଉଦ୍ୟମରେ ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିଲା ବିଶାଳ ମହିଳା ସମ୍ମିଳନୀ । ଏଥିରେ ସଭାପତିତ୍ୱ କରିଥିଲେ କୁନ୍ତଳା କୁମାରୀ ସାବତ । ରମାଦେବୀ, ସରଳା ଦେବୀ, ପୁରୁବାଈଙ୍କ ଭଳି ଅଗ୍ରଗଣ୍ୟାମାନେ ଏହି ସମ୍ମିଳନୀକୁ ସଫଳ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୂର୍ବରୁ ସରଳା ଦେବୀଙ୍କ ଉଦ୍ୟମରେ ଗଞ୍ଜାମ, କଟକ, ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ମହିଳା ସମ୍ମିଳନୀମାନ ହୋଇଥିଲା । ସେ ବହୁବାର ସପରିବାର କାରାବରଣ କରିଥିଲେ । ସରଳା ଦେବୀ କିମ୍ବା ଭାଗୀରଥି ମହାପାତ୍ରଙ୍କ ଭଳି ପୁତ୍ର ଅମିତାଭ ମଧ୍ୟ ଜେଲ୍ ଯାଇଥିଲେ । ଆନ୍ଦୋଳନ କାଳରେ ଗାଁ ଗାଁ ବୁଲି ସେ ଗାଉଥିଲେ, 'ନ ଜାଗିଲେ ଆଉ ଭାରତ ରମଣୀ / ଜାଗିବ ନାହିଁଟି ଏ ଭାରତ ପୁଣି / ଜାଗ ମାତା ଜାଗ କନ୍ୟା ଓ ଭଗିନୀ / ହୁଅ ବୀରଜାୟା ବୀରର ଜନନୀ।'

ମାତ୍ର ୧୭ ବର୍ଷ ବୟସ୍କା ସରଳା ଦେବୀ ଲେଖିଥିବା ଏକ ଚିଠି ଗାନ୍ଧିଜୀ 'ୟଙ୍ଗ୍ ଇଣ୍ଡିଆ'ରେ ୧୯୨୧ ଜୁଲାଇ ୨୧ ତାରିଖରେ ଛପାଇଥିଲେ । ଏହି ଚିଠିରେ ସରଳା ଦେବୀ ପ୍ରଶ୍ନ କରିଥିଲେ, ଆପଣ କଣ ସ୍ୱୀକାର କରନ୍ତି ନାହିଁ ଯେ ସ୍ତ୍ରୀ ଲୋକମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଅସ୍ପୃଶ୍ୟତା ପରି ଭୟଙ୍କର ରୋଗ ବୋଲି? ମୁଁ ଯେଉଁ ଜାତୀୟତାବାଦୀ ଯୁବକମାନଙ୍କ ସଂପର୍କରେ ଆସିଛି ସେମାନଙ୍କ ଭିତରୁ ଶତକଡ଼ା ୯୦ ଜଣଙ୍କର ଦୃଷ୍ଟିକୋଣ ଏ ସମ୍ବନ୍ଧରେ ପଶୁବତ୍ ଥିବା ଲକ୍ଷ୍ୟ କରିଛି । ଭାରତରେ କେତେଜଣ ଅସହଯୋଗୀ ଅଛନ୍ତି, ଯେଉଁମାନେ ମହିଳାମାନଙ୍କୁ କେବଳ ଭୋଗ୍ୟ ବସ୍ତୁ ବୋଲି ନଭାବନ୍ତି ? ମହିଳାମାନଙ୍କ ପ୍ରତି ନିଜର ଦୃଷ୍ଟିକୋଣ ସମ୍ବନ୍ଧରେ ପରିବର୍ତ୍ତନ ନକରି ଏମାନେ କଣ ସଫଳତାର ଆବଶ୍ୟକ ସର୍ତ୍ତ ଆତ୍ମଶୁଦ୍ଧିକୁ ସମ୍ଭବ କରିପାରିବେ ? ସରଳାଙ୍କ ଦୀର୍ଘ ଇଂରାଜୀ ପତ୍ରଟି ଛପାଇ ଗାନ୍ଧିଜୀ ତାଙ୍କ ମନ୍ତବ୍ୟରେ ଲେଖିଥିଲେ, ଏଠାରେ ମୁଁ କହି ରଖୁଛି ଯେ ପ୍ରକୃତ ସ୍ୱରାଜ ପାଇଁ ଉପଯୁକ୍ତ ହେବାକୁ ହେଲେ ନାରୀ ଓ ନାରୀଜାତିର ପବିତ୍ରତା ପ୍ରତି ପୁରୁଷକୁ ଅଧିକ ସମ୍ମାନ ପ୍ରଦର୍ଶନ କରିବାକୁ ପଡ଼ିବ ।

ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ଥାନାର ନରିଲୋ ଗାଁର ବାସୁଦେବ କାନୁନ୍‌ଗୋ ଓ ପଦ୍ମାବତୀ ଦେବୀଙ୍କ ଔରସରୁ ସେ ଜନ୍ମ ହୋଇଥିଲେ ୧୯୦୪ ମସିହାର ଆଜିର ଦିବସରେ । ବାସୁଦେବଙ୍କ ସାନଭାଇ ବାଳମୁକୁନ୍ଦ କାନୁନ୍‌ଗୋଙ୍କ ପତ୍ନୀ ହେମନ୍ତ କୁମାରୀ ତାଙ୍କୁ ଜନ୍ମପରଠାରୁ ପାଳିଥିଲେ । ହେମନ୍ତ କୁମାରୀଙ୍କ ବାପା ନନ୍ଦକିଶୋର ଦାସ ଓ ଭାଇ ରାଜକିଶୋର ଦାସ ଇଂରେଜ ରାଜୁତି କାଳରେ ଥିଲେ ଉଚ୍ଚପଦସ୍ଥ ଅଧିକାରୀ । ନନ୍ଦକିଶୋରଙ୍କ ଅନ୍ୟଜଣେ କନ୍ୟା ବସନ୍ତ କୁମାରୀ ବିବାହ କରିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳ ବଲ୍ଲଭ ଦାସଙ୍କୁ । ଗୋପାଳ ବଲ୍ଲଭ ଓ ବସନ୍ତ କୁମାରୀଙ୍କ ସୁପୁତ୍ରୀ ହେଉଛନ୍ତି ରମାଦେବୀ । ସରଳାଙ୍କଠାରୁ ବୟସରେ ସେ ପ୍ରାୟ ୫ବର୍ଷ ବଡ଼ । ସଂପର୍କରେ ରମାଦେବୀ ଓ ସରଳା ଦେବୀ ଦୁଇ ଭଉଣୀ ।



ଭର୍ଣ୍ଣାକୁଲାର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ସେତେବେଳର ଚଳଣୀ ଓ କଟକଣା ଯୋଗୁ ସରଳାଙ୍କ ସ୍କୁଲ ଶିକ୍ଷାରେ ଡୋରି ବନ୍ଧା ଯାଇଥିଲା । କିନ୍ତୁ ତାଙ୍କ ମା' ହେମନ୍ତ କୁମାରୀ ଗୃହ ଶିକ୍ଷୟିତ୍ରୀ ନିଯୁକ୍ତ କରି ତାଙ୍କୁ ଇଂରାଜୀ, ବଙ୍ଗଳା, ହିନ୍ଦୀ, ଓଡ଼ିଆ ଆଦି ବିଷୟ ପଢ଼ାଇଥିଲେ । ପିଲାଦିନୁ ସରଳା ଜାତିପ୍ରଥାର ବିରୋଧୀ ଥିଲେ ଏବଂ ଝିଅମାନଙ୍କ ପ୍ରତି ସମାଜ ଲଗାଇଥିବା କଟକଣା ବିରୋଧରେ ବିଦ୍ରୋହ କରୁଥିଲେ । ବିଭିନ୍ନ ଭାଷାର ବହି ପଢ଼ି ସେ ନିଜ ଜ୍ଞାନ ବଢ଼ାଇବା ସହ ଦେଶର ସ୍ୱାଧୀନତା ଓ ସମାଜ ସଂସ୍କାର ପାଇଁ ପିଲାଦିନୁ ସଂକଳ୍ପ କରିଥିଲେ ।

ସାବାଳିକା ହେବା ପୂର୍ବରୁ ତାଙ୍କୁ ବିବାହ କରି ଦିଆଯାଇଥିଲା ଜଗତସିଂହପୁର ଅନ୍ତର୍ଗତ ଚାଟରା ଜମିଦାର ପରିବାରର ଭାଗୀରଥି ମହାପାତ୍ରଙ୍କ ସହ । ଖେରସ ଜମିଦାର ପରିବାର ଥିଲା ଏହି ସଂପର୍କରେ ଭାଗୀରଥିଙ୍କ ମାମୁ ଘର । ଖେରସ ଜମିଦାର ପରିବାରର ଗୋକୁଳାନନ୍ଦ ଚୌଧୁରୀଙ୍କ ବଡ଼ପୁଅ ଗୋପବନ୍ଧୁ ଚୌଧୁରୀ ବିବାହ କରିଥିଲେ ରମାଦେବୀଙ୍କୁ । ଏଭଳି ପାରିବାରିକ ସଂପର୍କରେ ଭାଗୀରଥି ଓ ସରଳା ଛନ୍ଦି ହୋଇଯାଇଥିଲେ ଉତ୍କଳ ଗୌରବ ମଧୁସୂଦନ ଓ ଚୌଧୁରୀ ବିରାଦରି ସହିତ ।

ଭାଗୀରଥି ମହାପାତ୍ର ଆଇନ୍ ଡିଗ୍ରୀ ହାସଲ କରିବା ପରେ ଉତ୍କଳ ଗୌରବ ମଧୁସୂଦନଙ୍କ ନିକଟ ବଳୟରେ ଆସି କଟକରେ ଜଣେ ପ୍ରତିଷ୍ଠିତ ଓକିଲ ଭାବେ ନାମ କମାଇଥିଲେ । ଭାଗୀରଥି ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସତୀର୍ଥ । ୧୯୨୦ ମସିହାରେ ମହାତ୍ମା ଗାନ୍ଧି ଅସଯୋଗ ଆନ୍ଦୋଳନ ଡାକରା ଦେବା ପରେ ଗୋପବନ୍ଧୁ, ଭାଗୀରଥି ଆଦି ଓକିଲାତି ଛାଡ଼ିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ଭାଗୀରଥି ମଧ୍ୟ ବେଶ୍ ସକ୍ରିୟ ଥିଲେ । ସ୍ୱାଧୀନତା ଚେତା ଭାଗୀରଥି ସରଳାଙ୍କ ଆତ୍ମିକ ବିକାଶରେ ବାଧକ ନହୋଇ ସାଧକ ହେଉଥିଲେ । ୧୯୨୦ ନାଗପୁର କଂଗ୍ରେସ ଅଧିବେଶନରେ ସେତେବେଳେ ଓଡ଼ିଶାରୁ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଯେଉଁ ଅଳ୍ପ କେତେଜଣ ପ୍ରତିନିଧି ଯୋଗ ଦେଇଥିଲେ ସେମାନଙ୍କ ଭିତରେ ଥିଲେ ଏକମାତ୍ର ମହିଳା ପ୍ରତିନିଧି ସରଳା ଦେବୀ । ୧୯୨୧ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଧକ୍ଷତାରେ ଗଠିତ ପ୍ରଥମ ଉତ୍କଳ କଂଗ୍ରେସ କମିଟିର ଭାଗୀରଥି ଥିଲେ ଅନ୍ୟତମ କାର୍ଯ୍ୟକର୍ତ୍ତା ।।

୧୯୨୨ରେ ଜଗତସିଂହପୁରଠାରେ ପ୍ରତିଷ୍ଠା କରାଗଲା ଅଳକା ଆଶ୍ରମ। ଏହି ଆଶ୍ରମ ପରିଚାଳନାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେବେଠାରୁ ସରଳା ଦେବୀ ଆଉ କେବେ ପଛକୁ ଚାହିଁ ନାହାନ୍ତି । ସତ୍ୟାଗ୍ରହ ମାର୍ଗରେ ଯେଉଁ ପାଦ ଥରେ ଆଗକୁ ବଢ଼ିଥିଲା ତାହା ପୁଣି ମାଡ଼ିମାଡ଼ି ଚାଲିଲା । ବିଦେଶୀ ବସ୍ତ୍ର ବର୍ଜନ, ନିଶା ନିବାରଣ, ନାରୀ ଶିକ୍ଷା, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଖଦି, କୁଟୀରଶିଳ୍ପ, ସମବାୟ ଆନ୍ଦୋଳନ, ସାହିତ୍ୟ ସାଧନା ଆଦି ବିଭିନ୍ନ କାମରେ ସରଳା ଦେବୀ ମନୋନିବେଶ କରିବା ସହିତ ଅଧିକରୁ ଅଧିକ ସଂଖ୍ୟକ ମହିଳା କିଭଳି କଂଗ୍ରେସର ସଦସ୍ୟ ହେବେ ଏବଂ ସତ୍ୟାଗ୍ରହ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିବେ, ସେହି କାମରେ ମାତିଲେ । ୧୯୨୨ରେ ଗୋପବନ୍ଧୁ ଦାସଙ୍କ ସହ ଭାଗୀରଥି ମହାପାତ୍ର କାରାଦଣ୍ଡ ଭୋଗିଲେ ହଜାରିବାଗ ଜେଲ୍‌ରେ । ଏଥିରେ ଭାଙ୍ଗିପଡ଼ିବା ପରିବର୍ତ୍ତେ ସରଳା ଦେବୀ ଅଧିକ ଉତ୍ସାହ ପାଇଲେ ।

୧୯୩୭ରେ ହୋଇଥିବା ଓଡ଼ିଶା ବିଧାନସଭାର ପ୍ରଥମ ନିର୍ବାଚନରେ ଦୁଇଜଣ ମହିଳା ନିର୍ବାଚିତ ମନୋନୀତ ହୋଇଥିଲେ, ସେମାନେ ହେଲେ ଯଥାକ୍ରମେ ସରଳା ଦେବୀ ଓ ଏ. ଲକ୍ଷ୍ମୀବାଈ । ଓଡ଼ିଶା ବିଧାନସଭାରେ ପୌରୋହିତ୍ୟ କରିବା କ୍ଷେତ୍ରରେ ମଧ୍ୟ ସେ ଥିଲେ ପ୍ରଥମ ମହିଳା । କେବଳ ସେତିକି ନୁହେଁ, ଯେଉଁଦିନ ସରଳା ଦେବୀ ବିଧାନସଭାରେ କାମଚଳା ବାଚସ୍ପତି ଭାବରେ ପୌରୋହିତ୍ୟ କରିବାର ସୁଯୋଗ ପାଇଲେ ସେଦିନ ସେ ବ୍ରିଟିଶ ସରକାରଙ୍କ ପରମ୍ପରାକୁ ଭାଙ୍ଗି ଓଡ଼ିଆ ଭାଷାରେ ବିଧାନସଭାରେ ବକ୍ତବ୍ୟ ରଖିବା ଲାଗି ସଦସ୍ୟମାନଙ୍କୁ ସୁଯୋଗ ଦେଇଥିଲେ । ଉତ୍କଳ ସାହିତ୍ୟ ସମାଜର ସଂପାଦିକା ହେବା କ୍ଷେତ୍ରରେ ମଧ୍ୟ ସେ ଥିଲେ ପ୍ରଥମ ମହିଳା । ସଂପତ୍ତି ଉପରେ ନାରୀର ଅଧିକାର, ପୋଇଲି ପ୍ରଥାର ବିଲୋପ, ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନ ପଛରେ ସରଳା ଦେବୀଙ୍କର ଅବଦାନ ରହିଛି। ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତି ଚୌଧୁରୀ ଆଦି ଗଢ଼ିଥିବା ଉତ୍କଳ କଂଗ୍ରେସ ସାମ୍ୟବାଦୀ ସଂଘରେ ସରଳା ଦେବୀ ସକ୍ରିୟ ଭୂମିକା ଗ୍ରହଣ କରି ଚାଷୀମାନଙ୍କୁ ସଂଗଠିତ କରିବା ସହିତ ସେମାନଙ୍କ ସମସ୍ୟା ଦୃଢ଼ ଭାବେ ଉଠାଉଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ସଭାପତି ଥିବାବେଳେ ପଣ୍ଡିତ ଜବାହରଲାଲ ନେହରୁଙ୍କ ଅଧକ୍ଷତାରେ ଗଢ଼ାଯାଇଥିବା ଜାତୀୟ ଯୋଜନା କମିଟିରେ ସେ ଥିଲେ ଜଣେ ଆଗଧାଡ଼ିର ସଦସ୍ୟା ।

ଛଅ ଦଶନ୍ଧିରୁ ଅଧିକ କାଳ ଧରି ଦେଶ ମାତୃକାର ସେବା କରିଥିବା ବହ୍ନିକନ୍ୟା ସରଳା ଦେବୀଙ୍କର ଦେହାବସାନ ଘଟିଲା ୧୯୮୬ ଅକ୍ଟୋବର ୪ ତାରିଖରେ ୮୨ ବର୍ଷ ବୟସରେ । ସ୍ୱାଧୀନତା ଦିବସ ଅବସରରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ବେଳେ କେତେଜଣ ମନେ ରଖିଛନ୍ତି ସରଳା ଦେବୀ, ରମାଦେବୀ, କୁନ୍ତଳାକୁମାରୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁନାମଣି ଦେବୀ, ମାଳତୀ ଦେବୀ, ପ୍ରଭାବତୀ ଦେବୀ ଆଦିଙ୍କ ଭଳି ଅଗ୍ରଗଣ୍ୟାମାନଙ୍କର ସେବା, ସଂଗ୍ରାମ ଓ ତ୍ୟାଗକୁ?

> **ଛଅ ଦଶନ୍ଧିରୁ ଅଧିକ କାଳ ଧରି ଦେଶ ମାତୃକାର ସେବା କରିଥିବା ବହ୍ନିକନ୍ୟା ସରଳା ଦେବୀଙ୍କର ଦେହାବସାନ ଘଟିଲା ୧୯୮୬ ଅକ୍ଟୋବର ୪ ତାରିଖରେ ୮୨ ବର୍ଷ ବୟସରେ । ସ୍ୱାଧୀନତା ଦିବସ ଅବସରରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ବେଳେ କେତେଜଣ ମନେ ରଖିଛନ୍ତି ସରଳା ଦେବୀ, ରମାଦେବୀ, କୁନ୍ତଳାକୁମାରୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁନାମଣି ଦେବୀ, ମାଳତୀ ଦେବୀ, ପ୍ରଭାବତୀ ଦେବୀ ଆଦିଙ୍କ ଭଳି ଅଗ୍ରଗଣ୍ୟାମାନଙ୍କର ସେବା, ସଂଗ୍ରାମ ଓ ତ୍ୟାଗକୁ?**

**E-mail: prahalladsinha@gmail.com**
**ମୋ-୯୪୩୭୦୧୭୩୯୫**
**(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)**

# ପ୍ରକୃତିର କବି ଗଙ୍ଗାଧର ମେହେର



**ଡଃ. ଚନ୍ଦ୍ରକଳା ନାୟକ**

ସ୍ୱଭାବ କବି ଗଙ୍ଗାଧର ମେହେର ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବରେ ନିଜର ଲେଖନୀ ଚାଳନା କରି ଓଡ଼ିଆ ପ୍ରାଣରେ ଅମୃତୋପଲବ୍ଧ ଆଣି ଦେଇଛନ୍ତି । ତାଙ୍କର କବିତା ଆଜି ନୁହେଁ ବରଂ ଯୁଗ ଯୁଗ ଧରି ଓଡ଼ିଆ ସାହିତ୍ୟ ଜଗତକୁ ପୁଷ୍ପିତ ଓ ଫଳପ୍ରସୁ କରିବା ସହ ଗର୍ବିତ କରୁଥିବ । ସେ ସମୟରେ ପ୍ରତିଷ୍ଠିତ କବି ମାନଙ୍କ ସଂଖ୍ୟା ଥିଲା ବେଶ ସ୍ୱଳ୍ପ ଓ ସୀମିତ । ସେମାନଙ୍କ ମଧ୍ୟରେ ଗଙ୍ଗାଧର ଥିଲେ ଅନ୍ୟତମ ଶ୍ରେଷ୍ଠ କବି ।

ସ୍ୱଭାବ କବିଙ୍କର ଜୀବନଯାତ୍ରାର ସ୍ୱତନ୍ତ୍ରତା ରହିଛି । ତାଙ୍କ ପାଖରେ ସାହିତ୍ୟ ପାଇଁ ନଥିଲା ଅଭିଜ୍ଞତା । ପ୍ରତିକୂଳ ପରିସ୍ଥିତିରେ ଜୀବନ ଯାତ୍ରାର ସମସ୍ତ ପ୍ରକାର ପ୍ରତିରୋଧକୁ ସାମନା କରିଥିଲେ । ଏହାସତ୍ତ୍ୱେ ସାହିତ୍ୟ ପାଇଁ କେବଳ ନିଜର ପ୍ରଚଣ୍ଡ ଇଚ୍ଛାଶକ୍ତି ଓ କଠିନ ଅଧ୍ୟବସାୟ ନିକଟରେ ଜୀବନର ସବୁ ଜଟିଳତା ହାର ମାନିଥିଲା । ସୁନାକୁ ଯେତେ ନିଆଁରେ ପକାଇ ଆଉଟିଲେ ଏବଂ ପିଟିଲେ ତାହା ଅଧିକ ଉଜ୍ଜ୍ୱଳ ହେବାପରି ଦୁଃଖ ବିରୋଧରେ ତାଙ୍କର ଅନ୍ତରାତ୍ମାର ସଂଘର୍ଷ ପାଇଁ ପ୍ରେରଣା ହିଁ ତାଙ୍କୁ ସ୍ୱାଭାବକବିର ମର୍ଯ୍ୟାଦା ଦେଇଥିଲା । ତାଙ୍କର ସାହିତ୍ୟ ସୃଷ୍ଟିର ପ୍ରେରଣା ଥିଲା ଦୃଢ ଇଚ୍ଛାଶକ୍ତିରୁ ପ୍ରାପ୍ତ ବିଭୁକୃପା । ଏହି ବିଭୁକୃପାରୁ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା ବିଶ୍ୱ ଭାବନା, ଜାତୀୟ ପ୍ରୀତି, ପ୍ରକୃତି ପ୍ରତି ଅତୁଟ ମୋହ ଓ ରସଘନ ସାହିତ୍ୟିକ ଅଭିବ୍ୟକ୍ତି । ସମାଲୋଚକ ବୈଷ୍ଣବ ସାମଲଙ୍କ ମତରେ-ପ୍ରାଚୀନ ଭାରତୀୟ ସାଂସ୍କୃତିକ ଆଦର୍ଶକୁ ସେ ନବଯୁଗରେ ରୁଚିର ଅନୁକୂଳ କରି ନୂତନ ଭାବରେ କାବ୍ୟ ରଚନା କରିଛନ୍ତି ।

ପ୍ରକୃତି କବି ଗଙ୍ଗାଧର ସାହିତ୍ୟର ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ପ୍ରକୃତି ସହ ନିଜର ଗଭୀର ଆନ୍ତରିକ ଭାବ ପ୍ରତିଷ୍ଠା କରି ପ୍ରକୃତିକୁ ଏକ ନୂତନ ରୂପ ପ୍ରଦାନ କରିଛନ୍ତି ସେ । ପ୍ରକୃତି ହିଁ କବିଙ୍କର ପ୍ରେରଣାର ଉତ୍ସ । ପ୍ରକୃତି ସହ କବିଙ୍କର ଏକ ନୂତନ ସମ୍ବନ୍ଧ ଗଢି ଉଠିଛି । ମନୁଷ୍ୟ ଓ ଜୀବ ଜଗତ ତିଷ୍ଠି ରହିବା ପାଇଁ ପ୍ରକୃତିର ସ୍ଥିତି ସହ ସମୃଦ୍ଧି ଅତ୍ୟାବଶୀକଓ। ପ୍ରକୃତିକୁ ବାଦ ଦେଇ ଜୀବ ଜଗତ ଓ ମାନବ ସମାଜ ଦଣ୍ଡେ ନିମିଷେ ବଞ୍ଚିବା ଅସମ୍ଭବ । ଜୀବନର ଆନନ୍ଦ-ଯନ୍ତ୍ରଣା, ପ୍ରେମ-ବିରହ ପରି ପ୍ରତ୍ୟେକ ଅନୁଭବରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରକୃତିର ଉପସ୍ଥିତି ରହିଥାଏ । ଝରଣାର କୁଳୁକୁଳୁ ନାଦ, କୋଇଲିରମଧୁର ସ୍ୱର, ବନଲତାର ନୀଳ ସବୁଜିମା ଓ ମୃଦୁ ମଳୟ ଆଦି ମଣିଷକୁ ଅପାର ଆନନ୍ଦ ପ୍ରଦାନ କରେ । ଶାନ୍ତିର ନିଃଶ୍ୱାସଟିକେ ତ ପ୍ରକୃତିରୁ ହିଁ ମିଳିଥାଏ । ବାସ୍ତବରେ ପ୍ରକୃତି ବିନା ମଣିଷ ଜୀବନର ଗତି ପରିକଳ୍ପନା କରାଯାଇ ନପାରେ । ଏହାକୁ ସ୍ୱଭାବ କବି ନିବିଡ ଭାବେ ବୁଝିଥିଲେ ।


**ସେଥିପାଇଁ ସ୍ୱଭାବକବିଙ୍କ କାବ୍ୟରେ ପ୍ରକୃତି ସର୍ବଦା ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟମୟ । କେତେବେଳେ ଶାନ୍ତ, ସୁନ୍ଦର, ଆନନ୍ଦମୟ ତ ପୁଣି କେତେବେଳେ ଅଶାନ୍ତ, ରୌଦ୍ର ଓ ପ୍ରଚଣ୍ଡ ହୋଇ ଉଠିଛି । ଗଙ୍ଗାଧରଙ୍କ ଦୃଷ୍ଟିରେ ମାଧୁର୍ଯ୍ୟ ମଣ୍ଡିତ ପ୍ରକୃତି ସୁନ୍ଦରୀ ଅପରୂପ ବ୍ୟକ୍ତିତ୍ୱର ଅଧିକାରିଣୀ । ଆଧୁନିକ ଯୁଗରେ ଗଙ୍ଗାଧର ଏକମାତ୍ର କବି ଯିଏ, ପ୍ରକୃତି ମଧ୍ୟରେ ବ୍ୟକ୍ତିତ୍ୱମୟୀ ରୂପ ସନ୍ଦର୍ଶନ କରିଥିଲେ ।**

ଗଙ୍ଗାଧର ମେହେରଙ୍କସାହିତ୍ୟରେ ପ୍ରକୃତି କେବଳ ସହଯୋଗୀ ଉପାଦାନ ହୋଇ ପାରିଲା ନାହିଁ । ପ୍ରକୃତି ତାର ସ୍ୱାଧୀନ ସ୍ଥିତି ପାଇଲା । ମାନବୀୟ ଗୁଣରେ ଭୂଷିତ ହୋଇ ସେ ହୋଇଗଲେ ଜୀବନ୍ତ । ସଂସ୍କୃତି ସାହିତ୍ୟରେ ପାଣ୍ଡିତ୍ୟ ତାଙ୍କୁ ସଂସ୍କୃତ କବି କାଳିଦାସଙ୍କୁ ଅନୁକରଣ କରିବାକୁ ଅଧିକ ଉତ୍ସାହିତ କରିଥିଲା । କାଳିଦାସୀୟ ଶୈଳୀରେ ସ୍ପଷ୍ଟ ପ୍ରତିଫଳନ ତାଙ୍କ ପ୍ରକୃତି ଚିତ୍ରରେ ଦେଖିବାକୁ ମିଳିଥିଲା । କାଳିଦାସୀୟ ପ୍ରକୃତି ଚିତ୍ରଣକୁ ଅନୁସରଣ କରି କବି ଗଙ୍ଗାଧର ନିଜର କବିତାକୁ ଯେଭଳି ସମ୍ବେଦନଶୀଳ କରାଇଛନ୍ତି, ତାହା ଓଡ଼ିଆ ସାହିତ୍ୟର ବିରଳ । ନିର୍ବାସିତା ସୀତାଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସମଗ୍ର ବନଭୂମି କାନ୍ଦି ଉଠିଛି । ଯାହା କାଳିଦାସଙ୍କ ବର୍ଣ୍ଣନାରେ ଜୀବନ୍ତ ଭାବେ ପ୍ରକାଶ ପାଇଛି । ତାହା ମଧ୍ୟ ସ୍ୱାଭବକବିଙ୍କ ତପସ୍ୱିନୀ କାବ୍ୟରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । କବି ଗଙ୍ଗାଧରଙ୍କ କାବ୍ୟରେ ମୟୂରମାନେ ଦୁଃଖରେ ନୃତ୍ୟ ତ୍ୟାଗ କରୁଛନ୍ତି । ବୃକ୍ଷମାନେ ପୁଷ୍ପ ବର୍ଷା ଛଳରେ ଅଶ୍ରୁମୋଚନ କରୁଛନ୍ତି ।

ଗଙ୍ଗାଧରଙ୍କ ପ୍ରକୃତିଧର୍ମୀ କାବ୍ୟ କେବଳ ପ୍ରକୃତି ପାଇଁ ରଚିତ ନୁହେଁ । ବରଂ କବିଙ୍କ ଲେଖନୀରେ ଅମୃତମୟ ସ୍ପର୍ଶରେ ପ୍ରକୃତି ମାନବୀୟ ଗୁଣ ବହନ କରି ଏକ ସମ୍ବେଦନଶୀଳ ଚରିତ୍ର ଭାବେ ଆତ୍ମପ୍ରକାଶ କରିଛି । ମଣିଷର ସୁଖ, ଦୁଃଖ, ଚିନ୍ତା ଓ ଚେତନାରେ ନିଜକୁ ସମଭାଗୀ କରିଛି । ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ଏକ ଉପାଦାନ ନୁହେଁ ବରଂ ନିଜକୁ ବିରାଟ ସଂସାରରେ ଏକ ଉପାଦାନ ଭାବେ ସ୍ୱୀକାର କରିଛନ୍ତି । କବି ଲେଖିଛନ୍ତି-

*'କ୍ରମେ ବୃଦ୍ଧ ହେଲା ଶିଶିର ଶରୀର, ହୋଇଗଲା ବଳହୀନ । ଶଶିକଳା ମତ ବଢିଲା ବସନ୍ତ, ନରମେ ହେଲା ପ୍ରବୀଣ ।'*

ପ୍ରକୃତିର ଏପରି ମାନବୀୟ ଅଭିନୟ କେବଳ ଐଶ୍ୱରିକ ପ୍ରତିଭା ଯୋଗୁଁ ହିଁ ସମ୍ଭବ ହୋଇଛି । ପ୍ରଭାତ ସତୀ ସୀତାଙ୍କୁ ଦର୍ଶନ ନିମନ୍ତେ ଶିଶିର ମୁକ୍ତା ଉପହାର ନେଇ ଉଭା ହୁଏ । ଶାରିକା ହୁଳହୁଳି ପକାଏ । ଦିବଙ୍ଗନାମାନେ ନୂତନ ବସ୍ତ୍ରରେ ନିଜକୁ ବିମଣ୍ଡିତ କରାନ୍ତି । କପୋତ କଣ୍ଠରେ ଶୁଭେ ବିଳାପର ରାଗିଣୀ । ସମୀର ଦୂତ କାର୍ଯ୍ୟ କରି ବୋହିଆଣେ ସୁରଭିର ସୁଗନ୍ଧିତ ସୁବାସ । ଏହିପରି ପ୍ରକୃତିର ଚଳଚଞ୍ଚଳମୟ ଜୀବନ୍ତ ସଂସାର ମଧ୍ୟରେ ଗଙ୍ଗାଧର ବର୍ଣ୍ଣନା ଶୈଳୀଟି ବେଶ ସ୍ୱତନ୍ତ୍ରତା ବଜାୟ ରଖିଛି । ଯେପରି କବି ଲେଖିଛନ୍ତି-'ମଙ୍ଗଳେ ଅଇଲା ଉଷା, ବିକଚ-ରାଜୀବ-ଦୃଶା, ଜାନକୀ-ଦର୍ଶନ-ତୃଷା, ହୃଦୟେ ବହି,କର-ପଲ୍ଲବେ ନୀହାର-ମୁକ୍ତା ଧରି ଉପହାର, ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି। କଳକଣ୍ଠ-କଣ୍ଠେ କହିଲା,
ଦରଶନ ଦିଅ ସତି! ରାତି ପାହିଲା।। ୧।।'



ମନୁଷ୍ୟ ସହ ସମ୍ବନ୍ଧ ସ୍ଥାପନ ହିଁ କବିଙ୍କ ପ୍ରକୃତିର ଏକ ବିରାଟ ଦିଗ । ରାମ, ସୀତା, କୀଚକ. ଦ୍ରୌପଦୀ ଆଦି ଚରିତ୍ର ପରି ଆମେ ଏଠାରେ ପ୍ରକୃତିକୁ ମଧ୍ୟ ଏକ ଚରିତ୍ର ରୂପେ ପାଇଥାଏ । ପ୍ରକୃତି ମନୁଷ୍ୟ ପରି ସର୍ବଦା ପ୍ରତିକ୍ରିୟାଶୀଳ ।

ସତୀ ସୀତାଙ୍କ ନିର୍ବାସିତା ହେବା ଦୁଃଖରେ ପ୍ରକୃତି ସମବେଦନା ଜଣାଇବା ସହ ନିୟତି ବିରୋଧରେ ମୁହାଁମୁହିଁ ସଂଘର୍ଷ କରିବାକୁ ପଛାଇ ନାହିଁ । ଯେପରି-

'କରିବାକୁ ନିୟତିର ସହିତ ସମର
ଭୃଣରାଜ ଖଡ୍‌ଗ- କରେ ଗର୍ଜିଲା ପ୍ରଖର
ବାୟାବସା ତୃଣୀରକୁ ଝାଡି ବାରମ୍ବାର
ପଙ୍କ କଙ୍କ ପତ୍ର କଲ କି ଅବା ବାହାର ।'

ସ୍ୱଭାବ କବିଙ୍କ ଲେଖନୀରେ ପ୍ରକୃତି କେତେବେଳେ ସଖୀ, ଧାତ୍ରୀ, ମାତା, ଗୁରୁ, ବନ୍ଧୁ, ସହୋଦର ରୂପେ ବିଭିନ୍ନ ସମୟରେ ମନୁଷ୍ୟର ସୁଖ ଦୁଃଖ, ହସ ବିଷାଦରେ ସମ୍ବେଦନଶୀଳ ହୋଇ ଆତ୍ମୀୟତା ପ୍ରକାଶ କରିଛି । ମନୁଷ୍ୟ ସହ ପ୍ରକୃତି ଏପରି ଏକାକାର ହୋଇ ଉଠିଛି, ଯେମିତି ମନୁଷ୍ୟ ସହିତ ସୁଖରେ ହସିଛି ଓ ଦୁଃଖରେ ଅଶ୍ରୁ ନିଗାଡିଛି । ଆବଶ୍ୟକ ସ୍ଥଳେ ଗଙ୍ଗାଧରଙ୍କ ପ୍ରକୃତି ମନୁଷ୍ୟକୁ ସମବେଦନା ଜ୍ଞାପନ କରି ଆଶ୍ୱାସନା ପ୍ରଦାନ କରି ତାକୁ ଉତ୍ସାହିତ ମଧ୍ୟ କରିଛି । ଗଙ୍ଗାଧରଙ୍କ ପ୍ରକୃତି ମାନବକୁ ଏକ ନୂତନ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ କରିଛି ।

ଗଙ୍ଗାଧରଙ୍କ ପ୍ରକୃତି ସତ୍ତ୍ୱ-ରଜ-ତମ ଗୁଣରେ ମଣ୍ଡିତ ହୋଇ ବିବିଧ ରୂପରେ ବର୍ଣ୍ଣିତ ହେଲେ ମଧ୍ୟ ନିଜର ଅତୀତ ଆଦର୍ଶକୁ ଜାବୋଡି ଧରିନାହିଁ । ପାପୀ, ଉଦ୍ଧତଙ୍କର ବିନାଶ ପରେ ବିରାଟ ଦେଶକୁ ଉଷାର କିରଣ ଆସିବାକୁ କବି ଲେଖିଛନ୍ତି-

*'ଆଇଲା ଉଷା ଯୋଷିତ, କୁସୁମେ ହୋଇ ଭୂଷିତ*
*ଭ୍ରମର ଅନାମୃତ ପଦ୍ମନୟନା*
*ବିହଙ୍ଗସ୍ୱନ କିଙ୍କିଣ, ନିକୂଳିଲା କଣି କିଣି*
*ଜୀବଚିତ୍ତ ନେଲା କିଣି କୁନ୍ଦ ଦଶନା*
*ଅରୁଣ ଚରଣ ସୁନ୍ଦର*
*ପ୍ରଭାତୀ ତାରକା ମଥାମଣି ଭାସ୍ୱରା।'*

ଏଠାରେ ଉଷା ଏକ ନାରୀ । ପାପୀ କିଚକର ମୃତ୍ୟୁରେ ଶାନ୍ତି ଲାଭ କରି ପ୍ରକୃତି ତୃପ୍ତ ହୋଇଛି। ପାପକର୍ମ ଓ ନୀତିହୀନ କାର୍ଯ୍ୟ ପାଇଁ ପ୍ରକୃତି ଏଠି କ୍ରୂର ଓ ନିର୍ମମ ହୋଇଛି । ସେହିପରି ତପସ୍ୱିନୀ କାବ୍ୟରେ ସତୀଙ୍କ ଦର୍ଶନ ନିମନ୍ତେ ଉଷା ଯୋଗେଶ୍ୱରୀ ରୂପରେ ବିରାଜିତା ହୋଇଛି । ଯେପରି-'ଅରୁଣ କଷାୟ ବାସ କୁସୁମ କାନ୍ତି ବିକାଶ

ପ୍ରଶାନ୍ତ ରୂପ ବିଶ୍ୱାସ ଦିଅନ୍ତି ମନେ
ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦଃଖରାଶି ଉପଶମନେ
ଦେବା ପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୂବନ ।'

କବି ଗଙ୍ଗାଧରଙ୍କ ଅର୍ଘ୍ୟଥାଳୀରେ ବିଶ୍ୱ ହୋଇ ଉଠିଛି ତାଙ୍କ ନିକଟରେ ଅମୃତମୟ । ଜୀବନକୁ ସେ ଅମୃତ ସାଗରର ବିନ୍ଦୁ ରୂପେ କଳନା କରିଛନ୍ତି । ଫୁଲର ମହକ, ସୁବାସିତ ସୁଗନ୍ଧ, ଶିଶୁର ହସ, ଆଲୋକ ଓ ଚନ୍ଦ୍ରର ସ୍ନିଗ୍ଧତା ପରି ପୃଥିବୀର ପ୍ରତିଟି ବିନ୍ଦୁରେ କବି ଅମୃତର ସନ୍ଧାନ ପାଇଛନ୍ତି । କବିଙ୍କର ମଧୁମୟ କବିତାରେ ମଧ୍ୟ ପ୍ରକୃତିର ଅମୃତ ଝରଣା ମଧୁର ହୋଇ ଉଠିଛି । କବି ଦେଖିଛନ୍ତି ବିଶ୍ୱର ମଧୁମୟ ରୂପଶ୍ରୀ, ଜୀବନ ତାଙ୍କ ନିକଟରେ ଗିରିଲତା, ଆଲୋକ ସବୁକିଛି ମଧୁଭରା । ସର୍ବତ୍ର ମଧୁମୟର ସଙ୍କେତ ।

ପ୍ରକୃତିର ଏକ ଅନ୍ତରଙ୍ଗ ରୂପ ଚିତ୍ରଣରେ କବି ଗଙ୍ଗାଧର ଥିଲେ ସିଦ୍ଧହସ୍ତ । କବି ଗଙ୍ଗାଧରଙ୍କ ସମ୍ପର୍କରେ କବିବର ରାଧାନାଥ ଲେଖିଥିଲେ, 'ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି। କି ବର୍ହିଃ ପ୍ରକୃତି, କି ଅନ୍ତଃ ପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ ।' ସ୍ୱଭାବ କବି ଯାହା ଲେଖନ୍ତି ତାହା କେବଳ ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ରସୋତୀର୍ଣ୍ଣ ବର୍ଣ୍ଣନାଭଙ୍ଗୀ ମାଧ୍ୟମରେ, ଯେଣୁ ପ୍ରକୃତିପ୍ରୀତି ତାଙ୍କର ସହଜାତ । ଏହି ପ୍ରକୃତି ହିଁ ତାଙ୍କ ଲେଖନୀକୁ ଜ୍ୟୋର୍ତିମୟ, ଚିରଭାସ୍ୱର କରିପାରିଛି। କବିଙ୍କର ପ୍ରକୃତିପ୍ରୀତି ଅସୀମ, ତାହା ପୁଣି ନିଷ୍କାମ। ପ୍ରକୃତି ସହ ଆନ୍ତରିକତା ହିଁ ତାଙ୍କ ଲେଖନୀର ମୂଳ ଉତ୍ସ। ପ୍ରକୃତିରେ ଅଛି କେବଳ ହୃଦୟର ନିବିଡତା, ନିଷ୍କାମତା ଓ ସରଳତା । ସ୍ୱଭାବକବିଙ୍କ ପ୍ରକୃତିର ସ୍ୱତନ୍ତ୍ର ବର୍ଣ୍ଣନା ଚିରଦିନ ପାଇଁ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ଆସନର ଅଧିକାରୀ କରି ରଖିବ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋ-୯୪୩୭୯୫୭୬୧୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୮ ଏମ୍‌ଓୟୁ...

ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ।

ଏହି ଦୁଇ ଦିନିଆ ଶିଳ୍ପ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଏବଂ ପୂର୍ବ ଭାରତର ଦ୍ରୁତ ବିକାଶର ଆଭିମୁଖ୍ୟ ଅନୁଯାୟୀ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସର ଏକ ଅଂଶ । ଉତ୍ପାଦନ, ପୁଞ୍ଜିନିବେଶ ଏବଂ ନିଯୁକ୍ତି-ଭିତ୍ତିକ ଅଭିବୃଦ୍ଧି ପାଇଁ ଓଡିଶାକୁ ଏକ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ତା'ର ଉଦ୍ୟମକୁ ତ୍ୱରାନ୍ୱିତ କରୁଛି ।

ହାୟର୍ ଉତ୍ପାଦନ କେନ୍ଦ୍ର ପରିଦର୍ଶନ ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଂଜିନିଅର ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ ।

ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ । ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା । ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ ।" ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ ।

ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା । ନୋଏଡ଼ା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡ଼ା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ନାଲ୍‌କୋର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍ଏସ୍ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

ଏହି ଦୁଇ ଦିନିଆ ଅଭିଯାନର ଫଳସ୍ୱରୂପ ଏକାଧିକ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି । ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ୬୬,୩୯୨ କୋଟି ଟଙ୍କା ଥିବାବେଳେ, ୫୪,୧୩୫ଟି ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

ଏହି ଅବସରରେ ମୋଟ ୩୮ ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ସହିତ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଫଳାଫଳଗୁଡ଼ିକ ଓଡ଼ିଶା ପ୍ରତି ଶିଳ୍ପଜଗତର ବଢୁଥିବା ଭରସାକୁ ପ୍ରତିଫଳିତ କରୁଛି । ରାଜ୍ୟରେ ଏକ ଶକ୍ତିଶାଳୀ ଶିଳ୍ପ ପରିବେଶ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ବ୍ୟାପକ ସଫଳତା ହାସଲ କରିଛି । ଏହି ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, "ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ ।"

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, "ଦିଲ୍ଲୀ-ଏନ୍‌ସିଆର୍‌ରେ ଶିଳ୍ପଗୁଡ଼ିକରୁ ମିଳିଥିବା ପ୍ରତିକ୍ରିୟା ଓଡ଼ିଶାର ନିବେଶ ବାତାବରଣ ପ୍ରତି ବର୍ଦ୍ଧିତ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି । ଆମର ପ୍ରାଥମିକତା ହେଉଛି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବା, କ୍ଷେତ୍ର-ନିର୍ଦ୍ଦିଷ୍ଟ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ଏହି ଆଲୋଚନା ମାଧ୍ୟମରେ ସୃଷ୍ଟି ହୋଇଥିବା ନିବେଶ ଆଗ୍ରହକୁ ଯେପରିଜମିରେ ପ୍ରକଳ୍ପରେ ପରିଣତ କରାଯାଇପାରିବ ଏବଂ ରାଜ୍ୟର ଦୀର୍ଘକାଳୀନ ଶିଳ୍ପ ଅଭିବୃଦ୍ଧିରେ ଅବଦାନ ରଖିପାରିବ, ସେଥିପାଇଁ ଆମେ କାର୍ଯ୍ୟ କରୁଛୁ ।"ଦିଲ୍ଲୀ-ଏନ୍‌ସିଆର ରେ ଦୁଇ ଦିନିଆ ସଫଳ କାର୍ଯ୍ୟକ୍ରମ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ମଜବୁତ କରିଛି । ଏଥିରେ 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରୋଡ୍‌ସୋ ବ୍ୟତୀତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ୪୬ଟି ଉଚ୍ଚସ୍ତରୀୟ ବୈଠକ ଏବଂ ମୋଟ ୨୦୮ ଟି ଶିଳ୍ପ ଆଲୋଚନା ଅନ୍ତର୍ଭୁକ୍ତ ରହିଛି ।

## ପାଣି...

ଭଦ୍ରକ ଜିଲ୍ଲା ବେଶୀ ପ୍ରଭାବିତ ହୋଇଥିବା ବେଳେ ୨୩ ଟି ଜିଲ୍ଲା ଆଂଶିକ ଭାବେ ବନ୍ୟା କବଳିତ କରିଥିଲା । ବର୍ତ୍ତମାନ ସୁଦ୍ଧା ବନ୍ୟା କ୍ଷୟକ୍ଷତି ରିପୋର୍ଟ ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଦେଇନଥିବା ବେଳେ ପୁଣି ବନ୍ୟା ଭୟ ଘାରିଛି ଲୋକଙ୍କୁ । ନଦୀଗୁଡିକର ଅବବାହିକାରେ ଜଳସ୍ତର ବଢିଛି । ଯଦି ପୁଣି ବଡ ବର୍ଷା ଆସେ, ତାହା ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ।

ଶନିବାର ସକାଳ ସାଢେ ୮ ଟା ସୁଦ୍ଧା ନୟାଗଡ ଜିଲ୍ଲାର ଖଣ୍ଡପଡାରେ ୧୨୪.୬ ମିମି ବର୍ଷା ହୋଇଥିବା ବେଳେ ସମ୍ବଲପୁରର କୁଚିଣ୍ଡାରେ ୧୧୫ ମିମି, କେନ୍ଦ୍ରାପଡାରେ ୧୧୦ ମିମି, ଡେରାବିଶରେ ୧୦୮ ମିମି, ରାଜକନିକାରେ ୧୦୨ ମିମି, ନବରଙ୍ଗପୁରରେ ୧୦୧ ମିମି, ରିଆମାଳରେ ୯୩ ମିମି. ଘସିପୁରାରେ ୯୦ ମିମି, ନାଟିଦେଉଳରେ ୮୨ ମିମି, ପୁରୀରେ ୮୦ ମିମି, ପଟ୍ଟାମୁଣ୍ଡାଇରେ ୮୦ ମିମି, ହୀରାକୁଦରେ ୪୩ ମିମି, ଦେବଗଡରେ ୬୬ ମିମି ଓ ଭୁବନେଶ୍ୱରରେ ୨୮ ମିମି ବର୍ଷା ରେକର୍ଡ କରାଯାଇଛି । ଶନିବାର ସକାଳ ସାଢେ ୮ ଟାରୁ ସନ୍ଧ୍ୟା ୫.୩୦ ସୁଦ୍ଧା ରାୟଗଡାରେ ୨୫ ମିମି, ନବରଙ୍ଗପୁରରେ ୨୪.୫ ମିମି, ଭବାନୀପାଟଣାରେ ୨୬ ମିମି, ଅନୁଗୋଳରେ ୧୯ ମିମି, ନୟାଗଡରେ ୧୭ ମିମି, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ୧୨ ମିମି ବର୍ଷା ହୋଇଥିବା ଜଣାପଡିଛି ।

ଆସନ୍ତାକାଲି (ରବିବାର) ସୁନ୍ଦରଗଡା, ଝାରସୁଗୁଡା, ବରଗଡ ଓ ସମ୍ବଲପୁର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଆଦି ଜିଲ୍ଲା ଘଡଘଡି ସହ ବର୍ଷା ଲାଗି ରହିବାର ସମ୍ଭାବନା ଅଛି ।

## ଆଜିଠୁ...

ପାଳନ କରାଯିବ । ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।

ଚଳିମାସ ୯ ତାରିଖ ଅର୍ଥାତ ରବିବାର କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ରାଜ୍ୟ ସ୍ତରୀୟ ତ୍ରିରଙ୍ଗା ରାଲି ଆୟୋଜନହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ହେବ । ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ । ଶନିବାର ମଧ୍ୟାହ୍ନ ସୁଦ୍ଧା ପ୍ରାୟ ୪୫ ଲକ୍ଷ ୪୦ ହଜାର ପତାକା ପ୍ରସ୍ତୁତ ହୋଇସାରିଛି । ପତାକା ତିଆରି ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ଆର୍ଥିକ ରାଶି ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଛି । ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପତାକା ଓଡ଼ିଶାର ଘରେ ଘରେ ପହଞ୍ଚିବ ।

ଚଳିତମାସ୧୪ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ । ଅଗଷ୍ଟ ୧୫ ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବିନ୍ଦ୍ର ମଣ୍ଡପରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଭାରତୀୟମ୍‌ର ଆୟୋଜନ କରାଯିବ । ଏଥିସହ ବନ୍ଦେ ମାତରମ୍‌ର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ କନସର୍ଟର ଆୟୋଜନ କରାଯିବ । ବାଲୁକା କଳା, ବିଶାଳ ରଙ୍ଗୋଲି ପ୍ରଦର୍ଶନୀ ସହ ସେଲ୍ଫି ୱିଥ୍ ତ୍ରିରଙ୍ଗା ବୁଥ୍ ସ୍ଥାପନ କରାଯିବ ।

ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ନିଜର ସେଲ୍ଫି ଉଠାଇ ନିଜର ଫଟୋକୁ ହରଘର ତ୍ରିରଙ୍ଗା ଡ଼ଟ କମ୍ ୱେବସାଇଟରେ ଅପଲୋଡ୍ କରି ନିଜର ଡିଜିଟାଲ ସାର୍ଟିଫିକେଟ ଡ଼ାଉନଲୋଡ୍ କରିପାରିବେ । ଏଥିସହ ମାଇଁ ଜିଓଭି ପୋର୍ଟାଲରେ ମଧ୍ୟ ଅନଲାଇନ୍ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯିବ । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଘରେ ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ସହ ଅନଲାଇନ କୁଇଜ୍‌ରେ ଅଂଶଗ୍ରହଣ କରିବେ । ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜୟଙ୍କ...

ସବୁ ସାଂସଦମାନଙ୍କର ବୈଠକ ଡାକିଥିଲେ । ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌ରେ ତାମିଲନାଡୁର ଅଧିକା ଯେଭଳି ସାବ୍ୟସ୍ତ ରହିବ ତାହା ଉପରେ ଆଲୋଚନା କରିବାର ଉଦ୍ଦେଶ୍ୟ ଥିଲା । ତେବେ ଜନସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ କଂଗ୍ରେସର ୧୨ ଜଣ ସାଂସଦ ଉପସ୍ଥିତ ଥିବାବେଳେ ଭିସିକେ, ସିପିଆଇ, ସିପିଏମ୍‌ର ଦୁଇଜଣ ଲେଖାଏଁ ଓ ଏମ୍‌ଡିଏମ୍‌କେ, ଆଇୟୁଏମ୍ଏଲ୍‌ର ଜଣେ ଲେଖାଏଁ ସାଂସଦ ଉପସ୍ଥିତ ଥିଲେ । ଏଆଇଡିଏମ୍‌କେର ୪ ସାଂସଦ ଅଛନ୍ତି । ସେମାନେ ଏଥିରେ ସାମିଲ ହୋଇନ୍ଥଲେ । ପିଏମ୍‌କେ, ଏମ୍ଏନ୍ଏମ୍ ଓ ଡିଏମ୍‌ଡିକେର ସାଂସଦମାନେ ବୟକଟ କରିଥିଲେ । ବୟକଟ କରିଥିବା ସାଂସଦମାନଙ୍କର ଅଭିଯୋଗ ହେଉଛି ଯେ କାବେରୀ ଜଳବିବାଦ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏଭଳି କରାଯାଉଛି । ମୌସୁମୀ ଅଧିବେଶନରେ ସରକାର ଏହି ବିଲ୍ ପାରିତ କରିବାକୁ ଯୋଜନା କରିଥିବାରୁ ଏହି ବୈଠକ ଡକାଯାଇଛି ବୋଲି ଟିଭିକେ ପକ୍ଷରୁ କୁହାଯାଇଥିଲା । ଡିଏମ୍‌କେ ପକ୍ଷରୁ କୁହାଯାଇଛି ଯେ ତାଙ୍କ ଦଳ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରିବ ।

## ଅନୀତା...

ନ୍ୟାସ ପକ୍ଷରୁ ୪ ର୍ଥ ସରଳା ଦେବୀ ପୁରସ୍କାର ପାଇଁ ଏଥର ବିଶିଷ୍ଟ ଭାରତୀୟ ସାହିତ୍ୟିକା ତଥା ଅବସରପ୍ରାପ୍ତ ପ୍ରଶାସିକା ଅନୀତା ଅଗ୍ନିହୋତ୍ରୀ ପାଇବେ ବୋଲି ସ୍ଥିର ହୋଇଛି । ପୂର୍ବାହ୍ନ ୧୧ ଘଟିକାରେ ମା ସରଳା ଦେବୀଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ ହେଉଛି । ଏହି ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଏବଂ ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁଥିବା ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଅପରାହ୍ଣ ୩ ଘଟିକାରେ ଜୟଦେବ ଭବନରେ ଓଡ଼ିଶା ରାଜନୀତିରେ ମହିଳାମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣ କରିବେ । ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ସୀତା ସାହୁ, ଜଗଦୀଶ ଚନ୍ଦ୍ର କାନୁନଗୋ, ଅନୀତା ମହାନ୍ତି, ପ୍ରହଲ୍ଲାଦ ସିଂ, ଭାସ୍କର ପରିଡା, ପିତାମ୍ବର ବାରିକ, ସୁଶ୍ରୀ ବୈଶାଳୀ ମହାନ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯିବ । ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କ ମଧ୍ୟ ସମ୍ମାନିତ କରାଯିବ ।

# ବଢୁଛି ବୈତରଣୀ: ପୁଣି ସାଳନ୍ଦୀରେ ବନ୍ୟା ଭୟ, ବୁଡ଼ିଲା ରାଜମୁକୁନ୍ଦପୁର ପୋଲ

ଭଦ୍ରକ (ସବ୍ୟୁ): ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭଦ୍ରକ ରାଜଘାଟ ପୋଲ ନିକଟରେ ସାଳନ୍ଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି । ଏଠାରେ ବିପଦ ସଙ୍କେତ ୧୭ ଫୁଟ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୧୬.୮୦ ଫୁଟ ଉପରେ ପ୍ରବାହିତ ହେଉଥିଲା । ସାଳନ୍ଦୀ ଓ ଶାଖା ନାଳିଆ ନଦୀରୁ ବନ୍ୟାଜଳ ମା ଫଳରେ ଭଦ୍ରକ ବ୍ଲକ ଅନ୍ତର୍ଗତ ଅର୍ଣ୍ଣପାଳ ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ରାଜମୁକୁନ୍ଦପୁରଠାରେ ଥିବା ପକ୍କା ପୋଲ ସହିତ ଶହଶହ ହେକ୍ଟର ଚାଷଜମି ବୁ ହଦଗଡ଼ ଡ୍ୟାମ୍ରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନାଳିଆ ନଦୀର ଉଛୁଳା ପାଣି ଧାମନଗର ବ୍ଲକ୍ର ଇଟାପାଳଠାରେ କୂଳବନ୍ଧ ଡେଇଁ ଗାଁକୁ ପଶିବା ଆରମ୍ଭ କରିଛି । ଗ୍ରାମବାସୀ ବନ୍ଧରେ ବାଲି ବସ୍ତା ପକାଇ ଜଗି ରହିଥିବା ଦେଖିବାକୁ ମିଳିଛି । ରାସ୍ତା, ପୋଲ ଉପରେ ୩ ଫୁଟର ପାଣିଇଟାପାଳ ନିକଟସ୍ଥ ନଦୀବନ୍ଧରେ ପାଖାପାଖି ୧୫ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି । ଭଦ୍ରକ ବ୍ଲକ୍ର ହରିପୁର ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପାଣି ଘେରରେ ରହିଛି । ବିଷ୍ଣୁପୁରବିନ୍ଧା-ଗୁଜିଦର ରାସ୍ତା ଏବଂ ରାଜମୁକୁନ୍ଦପୁର ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି ଚାଲୁଛି । ଭଦ୍ରକ ସହରର ବାଉଦପୁର, କୁଆଁଶ, ଅସ୍ତଳ, ମଠସାହି, ପୁରୁଣାବଜାର, ଧନାଟୋଲା ଆଦି ଅଞ୍ଚଳ ସମେତ ସହରତଳି ଅଞ୍ଚଳ ଜଳମୟ ହୋଇଯାଇଛି । ବନ୍ୟା ପରେ ବିପନ୍ନ ଏବେ ଘର ସଜା ଏପରି ସ୍ଥିତିରେ ପୁଣି ବନ୍ୟାପାଣି ଆସି ଘରେ ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ଅନ୍ୟପଟେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଛୁଇଁବାକୁ ଯାଉଛି । ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୮୬ ମିଟର ଥିବାବେଳେ ଏଠାରେ ୧୮.୮୭ ମିଟରରେ ପ୍ରବାହିତ ହେଉଛି ।ନାଳିଆ, ଗେଙ୍ଗୁଟି ଓ ଏହାର ଶାଖା ନଦୀ ନଦୀଗୁ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ବନ୍ୟା ପ୍ରଖର ସ୍ରୋତରେ ଧୋଇଗଲା ସଂଯୋଗ ରାସ୍ତା : ଯାତାୟାତ ଠପ୍

ନୀଳଗିରି,(ସବ୍ୟୁ): ନୀଳଗିରି ବ୍ଲକର ସଜନାଗଡ ପଞ୍ଚାୟତର ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ସଂଯୋଗ କରୁଥିବା ଏକ ପୋଲର ଓ୍ୱାଲ ଏବଂ ରାସ୍ତା ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି । ଯାହା ଫଳରେ ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୋଲକୁ ସଂଯୋଗ କରୁଥିବା ଓ୍ୱାଲ ଏବଂ ରାସ୍ତା ଗତ ତିନି ମାସ ତଳେ ନୀଳଗିରି ଆଇ.ଟି.ଡି.ଏ. ପକ୍ଷରୁ ନିର୍ମାଣ କରାଯାଇଥିଲା । ସୂଚନା ଥାଉକି ସେଠାରେ ଏକ ପୁରୁଣା ପୋଲଟି ଭାଙ୍ଗି ଯାଇଥିବା



ବେଳେ ସେଠାରେ ଆଇ.ଟି.ଡି.ଏ. ପକ୍ଷରୁ ଜୈନିକ ଠିକାଦାର ନୂତନ ପୋଲ ନିର୍ମାଣ କରୁଥିବା ବେଳେ ପୁରୁଣା ପୋଲ ଠାରୁ ନୂତନ ପୋଲ ଅଣଓସାରିଆ କରି ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ଅଣଓସାରିଆ ପୋଲରେ ପାହାଡ ପାଣି ପାରେଇ ପାରିବନି ବିଷୟରେ ଅଭିଯୋଗ କରିଥିଲେ, ହେଲେ ଠିକାଦାର ଯନ୍ତ୍ରୀ ଏହି ବିଷୟକୁ କେହି ଶୁଣି ନଥିଲେ । ଫଳରେ ୩ମାସ ଭିତରେ ଓ୍ୱାଲ ଏବଂ ରାସ୍ତା ଧୋଇ ଯାଇଛି ତାହା ଏବେ ଆଇ.ଟି.ଡି.ଏ.ର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓ୍ୱାଲ ଏବଂ ରାସ୍ତା ଧୋଇ ଯାଇଥିବାରୁ ଦୁଇ ଗ୍ରାମ ବାସୀ ଏବେ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏପରିକି ଏହି ରାସ୍ତା ଦେଇ ସ୍କୁଲ, ସେବାଶ୍ରମ ରହୁଥିବା ଯୋଗୁଁ ପିଲାମାନେ ପାଠପଢ଼ାରୁ ମଧ୍ୟ ହଇରାଣ ହରକତ ହେଉଛନ୍ତି । ଏହା ଜାଣିବା ପରେ ନୀଳଗିରି ପୂର୍ବତନ ବିଧାୟକ ଙ୍ଗ ସୁକାନ୍ତ କୁମାର ନାୟକ ଶନିବାର ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ପରେ ନୀଳଗିରି (ଆଇ.ଟି.ଡି.ଏ, ର ପି.ଏ.) ନୀଳଗିରି ଉପ-ଜିଲ୍ଲାପାଳ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ଯାତାୟତ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ମାଟି ପକାଯାଇ ଯାତାୟାତ ପାଇଁ ସୁବିଧା କରିବାପାଇଁ ଆଲୋଚନା ହୋଇଛି । ତେବେ ତତ୍କାଳ ଯିବା ଆସିବା କରିବା ପାଇଁ ଅସ୍ଥାୟୀ ଭାବେ ବାଉଁଶପୋଲ କରିବାପାଇଁ କିଛି ଅର୍ଥରାଶି ଗ୍ରାମବାଶସୀ ଙ୍କୁ ପୂର୍ବତନ ବିଧାୟକ ଶ୍ରୀ ନାୟକ ପ୍ରଦାନ କରିଛନ୍ତି ।

# ଯୁବକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଅଭିଯୋଗ

ବଣାଇଁଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗଣିଘଷା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ଆସିଛି । ଏହି ଘଟଣାକୁ ନେଇ ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି ।

ସୂଚନା ଅନୁଯାୟୀ, ଗଣିଘଷା ଗ୍ରାମର କାହ୍ନୁ ଚରଣ ମହାନ୍ତ ଶନିବାର ସକାଳେ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଉଥିବା ବେଳେ ଚାରିଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ତାଙ୍କ ଉପରେ ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିବା କୁହାଯାଉଛି । କାହ୍ନୁଚରଣଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା । ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ଆଇଜିଏଚକୁ ସ୍ଥାନାନ୍ତର କରାଯାଇଛି ।

ଜମିଜମା ବିବାଦକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ପରିବାରର ଅଭିଯୋଗ ଅନୁସାରେ, ନିଜ ଜମିରେ ବିନା ଅନୁମତିରେ ପରିବାରର କିଛି ସଦସ୍ୟ ଲିଜ୍ ରେ ପେଟ୍ରୋଲ ପମ୍ପ ଦେଇଥିବା ନେଇ କାହ୍ନୁଚରଣ ଆରଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ । ଏହାକୁ ନେଇ ବିବାଦ ଉପୁଜିଥିବା ଏବଂ ସେହି କାରଣରୁ ତାଙ୍କ ଉପରେ ଆକ୍ରମଣ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରୁ ମାଚିସ, ପେଟ୍ରୋଲ ଥିବା ଏକ ବୋତଲ ଓ ଚପଲ ଜବତ କରିଛି ପୁଲିସ । ତେବେ ଏହି ଆକ୍ରମଣ ପଛରେ କିଏ ଏବଂ ପ୍ରକୃତ କାରଣ କ'ଣ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ଲଘୁଚାପରେ ଠାକୁରମୁଣ୍ଡାରେ ୧୫୬ ମିମି ବର୍ଷା

ଠାକୁରମୁଣ୍ଡା,(ସବ୍ୟୁ): ଚଳିତ ଲଘୁଚାପରେ ଠାକୁରମୁଣ୍ଡାରେ ୧୫୬ ମିମି ବର୍ଷା ହୋଇଛି । ୭ ତାରିଖ ରାତିରୁ ୮ ତାରିଖ ମଧ୍ୟରେ ହୋଇଥିବା ବର୍ଷା ଭେଜିଡିହା ସ୍ଥିତ ଶାଳନ୍ଦୀ ନଦୀ କୂଳରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହା ରେକର୍ଡ କରାଯାଇଛି । ସେହିପରି ଗତ ୨୭/୨୮ ରେ ୨୦୬ ମିମି ଏବଂ ଜୁଲାଇ ୫ ଓ ୬ ତାରିଖରେ ୧୫୧ ମିମି ବର୍ଷା ରେକର୍ଡ କରାଯାଇଥିଲା । ଜମି ବାଡ଼ି ବୁଡି ରହିଥିବା ବେଳେ ପରିବା ଚାଷ ପ୍ରାୟ ଉଜୁଡି ଯାଇଛି । ବର୍ଷା ଧାନ ଚାଷ ପାଇଁ ଅନୁକୂଳ ରହିଥିବା ଚାଷୀ ପ୍ରକାଶ କରିଛନ୍ତି ।

ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଦୋଷୀକୁ ୧୦ ବର୍ଷ କାରାଦଣ୍ଡ

ନବରଙ୍ଗପୁର, (ସବ୍ୟୁ) : ନାବାଳିକାକୁ ଅପହରଣ ଓ ଦୁଷ୍କର୍ମମାମଲାର ବିଚାର କରି ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଦେରାଜଜ ତଥା ପକ୍ସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ବଡ ରାୟ ଶୁଣାଇଛନ୍ତି । ଅଦାଲତ ଦୋଷୀକୁ ୧୦ବର୍ଷ ସଶ୍ରମକାରାଦଣ୍ଡ ସହ ୩୦ହଜାର ଟଙ୍କାର ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଆଉ ଅଧିକା କାରାଦଣ୍ଡ ଭୋଗିବାକୁ ପଡିବ । ଏହା ସହ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଉକ୍ତ ନାବାଳିକାକୁ ଅନୁକମ୍ପାମୂଳକ ସହାୟତା ୭ଲକ୍ଷ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଗତ ୨୦୧୩ମସିହା ଅକ୍ଟୋବର ୧୩ ତାରିଖ ଦିନ ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ଦୁଷ୍ମନ୍ତ ବାଘ ଓରଫ ଦୁର୍ଲ୍ଲବ ବାଘ ଏଭଳି କରିଥିବା ନେଇ ଚନ୍ଦାହାଣ୍ଡି ଥାନାରେ ପରିବାରବର୍ଗ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଓ ପିଡୀତା ନାବାଳିକାଙ୍କର ଡାକ୍ତରୀ ମାଇନା ପୁଲିସ କରାଇଥିଲେ । ଅଭିଯୁକ୍ତ କିଛି ଦିନ ଫେରାର ହୋଇ ପରେ କୋର୍ଟରେ ଆତ୍ମସର୍ମପଣ କରିଥିଲେ । ଏହି ମାମଲାର ବିଚାର ଚାଲିଥିବା ବେଳେ ୧୮ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା । ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମୃତ୍ୟୁଞ୍ଜୟ ମହାରାଣା ମାମଲା ପରିଚାଳନା କରୁଥିଲେ ।

# ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ

ଭୁବନେଶ୍ୱର : (ସ.ବ୍ୟୁ) : ଭୁବନେଶ୍ୱର ପାଣ୍ଡରା ଛକ ନିକଟ କନିକା କନଭେନସନ୍ ଠାରେ ବ୍ରହ୍ମାକୁମାରୀ ପ୍ରଜାପିତା ଈଶ୍ୱରିୟ ବିଶ୍ୱବିଦ୍ୟାଳୟ ଜଗନ୍ନାଥ ନଗର ଶାଖା ତରଫରୁ ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ ଶପଥପାଠ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମଞ୍ଚେଶ୍ୱର ଥାନା ଅଧିକାରିଣୀ ଝୁନୁବାଳା ଶାସମଲ, ରବିନ୍ଦ୍ର ଜଗଦେବ,



ପ୍ରଶାନ୍ତ ଶ୍ରୀଚନ୍ଦନରାଏ, ଜଳନ୍ଧର ସୁବୁଦ୍ଧି, ଏକାଦଶୀ ବେହେରା ଓ ଭାଇଭଉଣୀମାନେ ଯୋଗଦାନ କରିଥିଲେ । ସମାଜସେବୀ ନିଲୁ ଖୁଣ୍ଟିଆ ସଭା ପରିଚାଳନା କରିଥିଲେ ।

# ବରଣ୍ଡୁଆ, ସୁଦର୍ଶନପୁରରେ ତୃତୀୟ ବନ୍ୟା

ବାସୁଦେବପୁର ,(ସବ୍ୟୁ): ଉପର ମୁଣ୍ଡର ବର୍ଷା ପାଣି ଗଡୁଥିବାରୁ ବାସୁଦେବପୁର ବ୍ଲକର ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଶନିବାର ଦିନଦି ତୃତୀୟ ବନ୍ୟା ଦେଖା ଦେଇଛି । ସମଗ୍ର ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ପାଖାପାଖି ଏକ ମାସ ଧରି ପ୍ରତିଦିନ ବର୍ଷା ଲାଗି ରହିଛି । କାହାର ଘରକୁ ପାଣି ପସିଲାଣି ତ କାହା ଘରେ ଫୁଟେ ପାଣି । କାଦୁଅ ଚପ ଚପ ଘର ମଧ୍ୟରେ ବିତୁଛି ଜୀବନ । ଗରିବ ଲୋକମାନଙ୍କ ପାଇଁ ଉଠା ଚୁଲି ସାହା ଭରଷା ପାଲଟିଛି । ଶୁଖିଲା ପତର କୁଟା କାଠି ଅଣ୍ଡାଳି ସାଉଁଟି ଆଣି ଥରେ ରୋଷେଇ କଲେ ଦୁଇ ତିନି ଧରି ପଖାଳ ଖାଇ ଦିନ କାଟୁଛନ୍ତି । ଉପାସରେ ଦିନ କାଟୁଛନ୍ତି ବନ୍ୟା ପ୍ରଭାବିତ ଜନସାଧାରଣ । ପ୍ରଶାସନ ଥରେ ବାସ୍ତବ ଚିତ୍ର ନଦେଖିଲେ ଆଶୁ ସମାଧାନ ବାଟ ଫିଟିବ ନାହିଁ । ପୁଣି ଖସୁଛି ଉପର ମୁଣ୍ଡର ବର୍ଷା ପାଣି । ତଳ ମୁଣ୍ଡର ତୃତୀୟ ଥର ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତରେଚାଷ ଜମିର ତିନିରୁ ପାଞ୍ଚ ଫୁଟ ଉଚ୍ଚତାର ପାଣି ଲହରୀ ଭାଙ୍ଗୁଛି । ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡିବାରୁ ଫୁଲୁଛି କାଂଶବାଂଶ ଓ ଗମେଇ ନଦୀ । ଆଖପାଖ ଚାଷ ଜମି ସମୁଦ୍ରର ଭ୍ରମ ସୃଷ୍ଟି କରିଛି । ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଅଞ୍ଚଳର ଚାଷ ଜମି ବୁଡିଥିବା ବେଳେ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର ଅଞ୍ଚଳର ତଳିଆ ଚାଷ ଜମି ବୁଡି ରହିଛି । ଗମେଇ ନଦୀର ତଳ ମୁଣ୍ଡ ପୋତି ଯାଇ ଥିବାରୁ ଜଳନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି । ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଅଧିକାଂଶ ତଳିଆ ଘର ଜଳ ବନ୍ଦୀ ହୋଇ ପଡିଲେଣି । ତଳି ଓ ବୁଣା ପଚି ଗଲାଣି । ଏଥର ଚାଷୀଙ୍କ ମୁଣ୍ଡରେ ପଡିଛି ଚଡକ । ଉଜୁଡି ଯିବାକୁ ବସିଛି ବର୍ଷକର ଭାତ ହାଣ୍ଡି । ପ୍ରତିବର୍ଷ ବନ୍ୟା ଦେଖା ଦେଉଥିବାରୁ ସ୍ଥାୟୀ ପ୍ରତିକାର ପାଇଁ ଦାବୀ କରୁଛି ଚାଷୀମାନେ ।

9001/115/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୧୦.୦୮.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0056

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୬୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୬୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ-୯୪୩୭୭୭୯୪୪୬, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୬୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୪୩୭୩୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୦୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## କିଟ୍‌ରେ ଜାତୀୟ ମାନବ ସମ୍ବଳ ସମ୍ମିଳନୀ

# ମଣିଷ ଓ ଏଆଇ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ: ସଞ୍ଜୀବ ଅଗ୍ରୱାଲ

ଭୁବନେଶ୍ୱର, (ସବ୍ୟୁ): ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ମଣିଷ ଓ ପ୍ରଯୁକ୍ତି ମଧ୍ୟରେ ସହଯୋଗ ଉପରେ ନିର୍ଭରଶୀଳ। ଏହା 'ମଣିଷ ବନାମ ଏଆଇ' ନୁହେଁ, ବରଂ 'ମଣିଷ ଓ ଏଆଇ'ର ସମନ୍ୱୟ ବୋଲି କହିଛନ୍ତି ମଧ୍ୟପ୍ରାଚ୍ୟ ଓ ଭାରତ ପାଇଁ ପ୍ରୋଟିଭିଟି ମେମ୍ବର ଫାର୍ମର ସିଇଓ ସଞ୍ଜୀବ ଅଗ୍ରୱାଲ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ୧୭ତମ ଜାତୀୟ ମାନବ ସମ୍ବଳ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। 'ଦି ଇକ୍ୱାଲାଇଜିଂ ଇଫେକ୍ଟ ଅଫ୍ ଜେନେରେଟିଭ୍ ଏଆଇ: ବ୍ରିଜିଂ ଦି ସ୍କିଲ୍ସ ଗ୍ୟାପ୍' ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ଅଗ୍ରୱାଲ କହିଲେ, ଜେନେରେଟିଭ୍ ଏଆଇ ମାନବ ସମ୍ବଳ ନିଯୁକ୍ତି, କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପରିଚାଳନା ଏବଂ କର୍ମଶକ୍ତିର ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣୁଛି। ଏଆଇ ଜ୍ଞାନ ଓ ଶିକ୍ଷଣ ସମ୍ବନ୍ଧୀୟ ସାଧନଗୁଡ଼ିକର




ସୁଯୋଗକୁ ଗଣତାନ୍ତ୍ରିକ କରିବାର ସାମର୍ଥ୍ୟ ରଖିଛି। ଫଳରେ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ଥିବା ଦକ୍ଷତାର ଅଭାବକୁ ଦୂର କରିବାରେ ଏହା ସହାୟକ ହୋଇପାରିବ। ସଂଗଠନଗୁଡ଼ିକ ଦିନକୁ ଦିନ ଅଧିକ ପ୍ରଯୁକ୍ତିନିର୍ଭର ହେଉଥିବାରୁ ମାନବ ସମ୍ବଳ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ପହଞ୍ଚିଛି ବୋଲି ସେ କହିଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସମ୍ମିଳନୀର ଔପଚାରିକ ଉଦ୍‌ଘାଟନ କରି ଏଆଇକୁ ଦାୟିତ୍ୱପୂର୍ଣ୍ଣ ଏବଂ ମାନବକୈନ୍ଦ୍ରିକ ଢଙ୍ଗରେ ବ୍ୟବହାର କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଦକ୍ଷତାର ଅଭାବ ଦୂର କରିବାରେ ଏଆଇର ଭୂମିକାକୁ ସ୍ୱୀକାର କରିବା ସହ ସେ ଏହାର ବ୍ୟବହାରରେ ସମାବେଶୀକରଣ ଏବଂ ନୈତିକ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ସଞ୍ଜୀବ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମ୍ମିଳନୀ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସମ୍ମିଳନୀରେ 'ଏଆଇ ସମସ୍ତଙ୍କ ପାଇଁ ନା କେବଳ କିଛି ଲୋକଙ୍କ ପାଇଁ ଦକ୍ଷତା ସମାନୀକରଣର ବାସ୍ତବତା' ଶୀର୍ଷକରେ ଦୁଇଟି ସମାନ୍ତରାଳ ପ୍ୟାନେଲ୍ ଆଲୋଚନା ଆୟୋଜିତ ହୋଇଥିଲା। ଏଥିରେ ଏଆଇ ପ୍ରକୃତରେ ସୁଯୋଗରେ ଥିବା ଅସମାନତାକୁ ଦୂର କରୁଛି କି ନୂଆ ବିଭେଦ ସୃଷ୍ଟି କରୁଛି, ସେନେଇ ବିଶେଷଜ୍ଞମାନେ ମତ ବିନିମୟ କରିଥିଲେ। ଡିଜିଟାଲ୍ ସୁବିଧାରେ ସମାନ ପ୍ରବେଶ, ଆଲଗୋରିଦମ୍‌ରେ ଥିବା ପକ୍ଷପାତ ଏବଂ ସମାବେଶୀ ଶିକ୍ଷଣ ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ଶୁଭାରମ୍ଭ ହେଲା କଂଗ୍ରେସର ମହା ରିଲିଫ କାର୍ଯ୍ୟକ୍ରମ

ଭୁବନେଶ୍ୱର ,(ସବ୍ୟୁ): କଂଗ୍ରେସ ଭବନଠାରେ ବିଭିନ୍ନ ଜିଲ୍ଲାରେ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କ ପାଇଁ କଂଗ୍ରେସର ମହା ରିଲିଫ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଖାଦ୍ୟ ପ୍ୟାକେଟ ବୋଝେଇ ଟ୍ରକଗୁଡିକୁ ଓପିସିସି ସଭାପତି ଭକ୍ତ ଚରଣ ଦାସ ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ସହ ପ୍ରଭାରୀ ଜେଟ୍ଟୀ କୁସୁମ କୁମାର ଏବଂ ରିଲିଫ କମିଟି ଅଧ୍ୟକ୍ଷ ବିଧାୟକ ଅଶୋକ ଦାସ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ ।

ସଭାପତି ଶ୍ରୀ ଦାସ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ଯେ, ବିଗତ ପ୍ରବଳ ବର୍ଷାରେ ବୈତରଣୀ, ମହାନଦୀ ଆଦିରେ ବନ୍ୟା ସୃଷ୍ଟି ହୋଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଜିଲ୍ଲା ଓ କଟକର ବାଙ୍କୀ ଅଞ୍ଚଳର ହଜାର ହଜାର ଚାଷ ଜମି ଜଳମଗ୍ନ ହେବା ସହ ଶହ ଶହ ଗ୍ରାମରେ ବନ୍ୟାଜଳ ଘେରି ସୃଷ୍ଟି ହୋଇଥିଲା । ଫଳରେ ଲୋକେ ନିଜ ବାସସ୍ଥାନ ଛାଡି ଗଛମୂଳ, ସ୍କୁଲ ଆଦିରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଏହି ବିପର୍ଯ୍ୟୟକୁ ଆଖି ଆଗରେ ରଖି କଂଗ୍ରେସ ଦଳ ତତକ୍ଷଣାତ ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ବନ୍ୟା ଅନୁଧ୍ୟାନ ଓ ରିଲିଫ କମିଟି ଗଠନ କରି ବନ୍ୟାଞ୍ଚଳ ଗସ୍ତକରି ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି




ଅନୁଧ୍ୟାନ କରିଥିଲା । କଂଗ୍ରେସ ଏହି ମହତ ମାନବୀୟ ସହାୟତା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । ବିପନ୍ନଙ୍କୁ ଚୂଡ଼ା, ଗୁଡ଼, ବିସ୍କୁଟ ଓ ଜରିପାଲ ବଣ୍ଟନ କରାଯିବ । ପ୍ରଭାବିତ ଜିଲ୍ଲାଗୁଡିକୁ ରିଲିଫ ସାମଗ୍ରୀ ରବିବାର ଠାରୁ ପଠାଯିବାର କାର୍ଯ୍ୟକ୍ରମ ରହିଛି । ରିଲିଫ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ,ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ, ଶିବାନନ୍ଦ ରାୟ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ହୁସେନ,ୟାଶୀର ନାୱାଜ, ହମିଦ ହୁସେନ, ଜୟଶ୍ରୀ ପାତ୍ର, ଜୟସ୍ମିତା ମହାନ୍ତି, ଅମିତା ବିଶ୍ୱାଳ, ମଧୁସ୍ମିତା ସେଠୀ, ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ରେଭେନ୍ସା ବିବାଦ : ବିଧାୟକ ପ୍ରକାଶ ସେଠୀଙ୍କ କୁଶପୁତ୍ତଳିକା ଦାହକଲା ନଗର ଯୁବ କଂଗ୍ରେସ

କଟକ , (ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ପର୍କିତ ନିକଟତର ବିବାଦୀୟ ସମସ୍ୟାକୁ ନେଇ କଟକ ନଗର ଯୁବ କଂଗ୍ରେସ ଆନୁକୂଲ୍ୟରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ବିରୋଧରେ ଏକ ଜୋରଦାର ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗର ଯୁବ କଂଗ୍ରେସ ସଭାପତି ଆଇନଜୀବି ଡ଼ ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ସଂଗଠନର ଶତାଧିକ କର୍ମୀ ଓ ନେତୃବୃନ୍ଦ କଲେଜ ଛକସ୍ଥିତ ରେଭେନ୍ସା ୟୁନିଭର୍ସିଟି ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହୋଇ ବିଧାୟକଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମ ଗୋଚ୍ଛାୟତ, ସଦର ବ୍ଲକ ସଭାପତି ସୀତାକାନ୍ତ ପଣ୍ଡା, ମହିଳା ଜିଲ୍ଲା ସଭାନେତ୍ରୀ ପ୍ରୀତିଛନ୍ଦା ନାୟକ,




ବରିଷ୍ଠ କଂଗ୍ରେସ ନେତା ଶିଶିର ରଥ, ରାଜେଶ ସ୍ୱାଇଁ, ମୁଖପାତ୍ର ଅଶୋକ କୁମାର ସ୍ୱାଇଁ,ତନ୍ମୟ ପାରିଜା ଓ ଚିରଞ୍ଜୀବ ମହାନ୍ତିଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ। ରେଭେନ୍ସା କ୍ୟାମ୍ପସରେ ଉପୁଜିଥିବା ପରିସ୍ଥିତିକୁ ନେଇ କଂଗ୍ରେସ ନେତୃବୃନ୍ଦ ବିଧାୟକଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲେ। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ତରଫରୁ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ଯୁବ ନେତା ବିପ୍ଳବ ଶିଳାଦିତ୍ୟ ଚେତାବନୀ ଦେଇଛନ୍ତି।

## ୫୦ ହଜାର ବଟି ନଦେବାରୁ କଟୁରି ଚୋଟ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୫୦ହଜାର ବଟି ନଦେବାରୁ କାଳିଆ ଗ୍ୟାଙ୍ଗ୍ ଖଣ୍ଡଗିରି ଅଞ୍ଚଳର ଜଣେ ଓମ୍‌ଫେଡ୍ ବ୍ୟବସାୟୀଙ୍କୁ କଟୁରୀ ଚୋଟ ଦେବାରୁ ସେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି । ପୋଲିସ ଏତଲା ଆଧାରରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ବିଜୟ କୁମାର ସାହୁଙ୍କର ରମାମଣି ପେଟ୍ରୋଲ ପମ୍ପ ନିକଟରେ ଏକ ଓମ୍‌ଫେଡ ରହିଛି । ସେହି ଓମ୍‌ଫେଡ୍ ନିକଟରେ ବରବାଡ଼ିର କାଳିଆ ଗ୍ୟାଙ୍ଗ୍ ଖଟି କରିବା ସହ ନିଶା ଦ୍ରବ୍ୟ ଖାଇଥାନ୍ତି । ସେମାନଙ୍କ ନିଶା ଖାଇବାକୁ ବିଜୟ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ଶତ୍ରୁତା ଉପୁଜିଥିଲା । ସେହି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାଳିଆ ଗ୍ୟାଙ୍ଗ୍ ବିଜୟ ଓମ୍‌ଫେଡ୍ ଦୋକାନ ପାଖରେ ପହଞ୍ଚି ୫୦ ହଜାର ବଟି ମାଗିଥିଲେ । ସେ ଦେବନାହିଁ ବୋଲି ମନା କରିବାରୁ କଳି ଝଗଡ଼ା ହୋଇଥିଲା । କାଳିଆ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥବା କଟୁରୀରେ ବିଜୟଙ୍କୁ ଶକ୍ତ ଚୋଟ ମାରିବାରୁ ସେ ସେଠାରେ ରକ୍ତ ଜୁଡ଼ୁବୁଡ଼ୁ ହୋଇ ପଡ଼ିଯାଇଥିଲା । କାଳିଆ ଗ୍ୟାଙ୍ଗର ଗିରଫ ଅଭିଯୁକ୍ତମାନେ ମିଶି ଦୋକାନକୁ ଭଙ୍ଗାରୁଜା କରିବା ସହ ସେଠାରୁ ଖସି ପଳାଇଥିଲେ ।

### ଚାଷୀ ଓ ମହିଳାଙ୍କୁ ହତାଶ କରିଛି ସରକାରଙ୍କ ଖରିଫ ଧାନ କିଣା ବିଜ୍ଞପ୍ତି: ବିଜେଡି

## ରାଜ୍ୟର ଅର୍ଦ୍ଧାଧିକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହେବେ

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବିରୋଧ କରିଛି ବିଜୁ ଜନତା ଦଳ । ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ଭାଗଚାଷୀ, କ୍ଷୁଦ୍ରଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ । ଏହାଛଡା, ରାଜ୍ୟର ମହିଳା ଏସଏଚଜି ମାନଙ୍କୁ ପୂର୍ବ ସରକାରଙ୍କ ଦ୍ୱାରା ଧାନ କ୍ରୟ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଥଲା, ଯାହାକୁ ରାଜ୍ୟ ବିଜେପି ସରକାର ଉଠାଇ ଦେଇଛନ୍ତି । ଏହି ନିଷ୍ପତିକୁ ବିଜେଡି ତୀବ୍ର ନିନ୍ଦା କରିଛି । ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ସହିତ ଏହା ରାଜ୍ୟ ସରକାରଙ୍କର କୃଷକ ଓ ମହିଳା ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କହିଥିଲେ । ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ରାଜ୍ୟ ସରକାରଙ୍କର ସମବାୟ ଓ ଯୋଗାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ଭାଗଚାଷୀ ତଥା କ୍ଷୁଦ୍ର ଚାଷୀ ମାନଙ୍କୁ ପଞ୍ଜିକରଣ କରିବା ପାଇଁ ଜମିର ପ୍ରକୃତ ମାଲିକ ମାନଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବାକୁ ହେବ । ପୂର୍ବରୁ ସମବାୟ ବା ଯୋଗାଣ ଅଧିକାରୀ ମାନେ ଭାଗଚାଷୀ ମାନଙ୍କୁ ଚିହ୍ନଟ କରୁଥିଲେ, ଯାହା ମାଧ୍ୟମରେ ଭାଗଚାଷୀ ମାନେ ପଞ୍ଜିକରଣ କରୁଥିଲେ । ଚଳିତ ବର୍ଷ ପ୍ରକୃତ ମାଲିକଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ ହୋଇଥିବାରୁ ଅଧିକାଂଶ ଭାଗଚାଷୀ ମାନେ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ । ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସମୁଦାୟ ଚାଷୀ ସଂଖ୍ୟାର ଅଧାରୁ ଅଧିକ । ତେଣୁ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ଚଳିତ ବର୍ଷ ପଞ୍ଜିକରଣ କରିବାକୁ ସକ୍ଷମ ହେବେ ନାହିଁ । ଏହା ରାଜ୍ୟ ସରକାରଙ୍କର କୃଷକ ମାରଣ ନୀତିକୁ ଦର୍ଶାଉଛି । ଶ୍ରୀ ଦାସବର୍ମା ଆହୁରି କହିଥଲେ, ଏହି ବିଜ୍ଞପ୍ତିରେ ମହିଳା ଏସଏଚଜି ମାନଙ୍କୁ ଧାନ କିଣା ବିକା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯାଇଛି । ରାଜ୍ୟ ସରକାରଙ୍କର ଏହି ନିଷ୍ପତି ତାଙ୍କର ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ବିଜେଡି ଅଭିଯୋଗ କରିଛି । ଏହି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ଼ ବିରୋଧ କରୁଛି ଏବଂ ଆଗାମୀ ଦିନରେ ବିଧାନସଭା ଓ ରାଜରାସ୍ତାରେ ଏହାର ଦୃଢ଼ ବିରୋଧ କରାଯିବ ।

## ଓରାୟମ୍ ଗ୍ରୁପ୍ ପକ୍ଷରୁ ଓରାୟମ୍ ରିଅଲଟିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅର୍ଥନୈତିକ ଏବଂ ସହରୀ ଅଭିବୃଦ୍ଧି ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଓଡ଼ିଶାର ଅନ୍ୟତମ ପ୍ରମୁଖ ବିବିଧ ଶିଳ୍ପ ସଂସ୍ଥା ଓରିୟମ୍ ଗ୍ରୁପ୍ ଆଜି ନିଜର ସମର୍ପିତ ରିଅଲ୍ ଇଷ୍ଟେଟ୍ ଶାଖା ' ଓରାୟମ୍ ରିଅଲଟିର ଶୁଭାରମ୍ଭ ଘୋଷଣା କରିଛି। ଏହା ପ୍ରଥମେ ଭୁବନେଶ୍ୱର ଓ ରାଜ୍ୟର ଅନ୍ୟାନ୍ୟ ଉଦୀୟମାନ ବିକାଶ କରିଡରଗୁଡ଼ିକରେ ପ୍ରିମିୟମ୍ ଆବାସିକ, ଖୁଚୁରା, ବ୍ୟବସାୟିକ,




ଆତିଥେୟତା ଓ ମିଶ୍ରିତ ବ୍ୟବହାର ପ୍ରକଳ୍ପଗୁଡ଼ିକର ବିକାଶ କରିବ। ରିଅଲ୍ ଇଷ୍ଟେଟ୍‌ରେ ଏହି ରଣନୈତିକ ପ୍ରବେଶ ଗ୍ରୁପ୍‌ର ୨୧ ବର୍ଷର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହା ଇସ୍ପାତ ଓ ଶକ୍ତି, ସ୍ପେଶାଲିଟି କେମିକାଲ୍ସ ଓ ରିଫ୍ରାକ୍ଟରିରେ ଶିଳ୍ପ ଦକ୍ଷତା ନିର୍ମାଣ କରିଛି। ଗ୍ରୁପ୍ ବିଶ୍ୱାସ କରେ ଯେ ଓଡ଼ିଶା ଭିତ୍ତିଭୂମି-ଚାଳିତ ଶିଳ୍ପାୟନ ଓ ସହରୀକରଣର ଏକ ପରିବର୍ତନକାରୀ ପର୍ଯ୍ୟାୟରେ ପ୍ରବେଶ କରୁଛି ଯାହା ସଂଗଠିତ ରିଅଲ୍ ଇଷ୍ଟେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସୁଯୋଗ ସୃଷ୍ଟି କରୁଛି। ବର୍ଷ ବର୍ଷ ଧରି ଓରାୟମ୍ ଗ୍ରୁପ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରାଜେଶ ଅଗ୍ରୱାଲ, ନିର୍ଦ୍ଦେଶକ ଅନିଲ କେଡିଆ ଓ ଦୀପକ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ବିବିଧ ଶିଳ୍ପ ସଂସ୍ଥାରେ ପରିଣତ ହୋଇଛି। ଏହି ଶୁଭାରମ୍ଭ ବିଷୟରେ ଘୋଷଣା କରି ଓରାୟମ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଦୀପକ ଅଗ୍ରୱାଲ କହିଛନ୍ତି ଯେ, "ବିଗତ ୨୧ ବର୍ଷ ଧରି ଓରାୟମ୍ ଗ୍ରୁପ ଓଡ଼ିଶାର ଶିଳ୍ପ ଅର୍ଥନୀତି ଗଠନରେ ଅଂଶଗ୍ରହଣ କରିଛି। ବର୍ତମାନ ଆମେ ବିଶ୍ୱାସ କରୁ ଯେ ରାଜ୍ୟ ନିଜର ପରବର୍ତୀ ନିର୍ଣ୍ଣାୟକ ଅଭିବୃଦ୍ଧି ଚକ୍ରରେ ପ୍ରବେଶ କରୁଛି ଯେଉଁଠାରେ ଶିଳ୍ପ ବିକାଶ ପ୍ରାକୃତିକ ଭାବରେ ଆଧୁନିକ ସହର, ଜୀବନ୍ତ ସମ୍ପ୍ରଦାୟ ଓ ଗୁଣାତ୍ମକ ରିଅଲ୍ ଇଷ୍ଟେଟ୍ ପାଇଁ ଚାହିଦା ସୃଷ୍ଟି କରିବ। ଓରାୟମ୍ ରିଅଲଟି କେବଳ ଏକ ବିବିଧକରଣ ନୁହେଁ; ଏହା ଏକ ଶକ୍ତିଶାଳୀ, ଅଧିକ ସମୃଦ୍ଧ ଓ ଆକାଂକ୍ଷୀ ଓଡ଼ିଶାର ସହରୀ ଭିତ୍ତିଭୂମି ନିର୍ମାଣରେ ଅଂଶଗ୍ରହଣ କରିବାର ଏକ ରଣନୈତିକ ଦୀର୍ଘକାଳୀନ ପ୍ରତିବଦ୍ଧତା।

## ଆଶୀର୍ବାଦ ଅଟାର ଗୁଣାତ୍ମକ ପରମ୍ପରା ପୁରୀରେ ରଥ ନିର୍ମାଣକୁ ଜୀବନ୍ତ କରି ଗଢିତୋଳିଲା

ଭୁବନେଶ୍ୱର (ସବ୍ୟୁ) : ଆଇଟିସିର ଆଶୀର୍ବାଦ ଅଟ୍ଟା ପୁରୀ ରଥ ଯାତ୍ରାରେ ଶହ ଶହ ପୁରାତନ ରଥ ନିର୍ମାଣ ପରମ୍ପରାରେ ଅନୁପ୍ରେରିତ ହୋଇ ଭକ୍ତମାନଙ୍କୁ ଏହି ଧରଣର ପ୍ରଥମ କାର୍ଯ୍ୟକ୍ରମ ଯୋଗାଇଦେଇ ତାହାର "ଗୁଣାତ୍ମକ ପରମ୍ପରା" ପ୍ରଚାର ଅଭିଯାନକୁ ପରିସମାପ୍ତ କରିଛି। ଏହି ଅନନ୍ୟ କାର୍ଯ୍ୟକ୍ରମ ଜରିଆରେ ୧୩୭୫୦ରୁ ଅଧିକ ଭକ୍ତ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥ ଯାତ୍ରାର ଅଂଶବିଶେଷ ହୋଇଥିବାବେଳେ ପିଢି ପରେ ପିଢି ରଥ ନିର୍ମାଣର ପୂଜ୍ୟ ପରମ୍ପରାକୁ ସଂରକ୍ଷିତ କରି ରଖିଆସିଥିବା ବିଶ୍ୱକର୍ମା ମହରାଣା ସମୁଦାୟଙ୍କ ଉତ୍ସର୍ଗୀକୃତ କାରିଗରୀକୁ ପାଳନ କରିଥିଲେ। ଏହି ଅନୁଭୂତିର କେନ୍ଦ୍ରସ୍ଥଳରେ ଥିଲା ୩୬୦-ଡିଗ୍ରୀ ଗୋଲାର୍ଦ୍ଧ ଆକୃତିର ଗମ୍ବୁଜ, ଯେଉଁଥିରେ ବାସ୍ତବ ଓ ଡିଜିଟାଲ ପଥର ଚକ୍କି, ସୁଚାରୁରୂପେ ସଂଯୋଜିତ ରଥ ଚକ ଏବଂ ସେନ୍‌ସର ଭିତ୍ତିକ ପ୍ରଯୁକ୍ତି ସମନ୍ୱିତ ହୋଇଥିଲା। ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରବେଶ କରୁଥିବା ଭକ୍ତଗଣ ୨୧୦ ସେକେଣ୍ଡ ଅବଧି ବିଶିଷ୍ଟ ରଥ ନିର୍ମାଣର ପବିତ୍ର ପଦ୍ଧତି ପୁନଃ ସୃଷ୍ଟିକରିବା ଏବଂ ତାହାପରେ ନୈସର୍ଗିକ ଦର୍ଶନ ଓ ରଥ ଯାତ୍ରା ଅନୁଭୂତି ନେବାର ତଲ୍ଲିନକାରୀ ଯାତ୍ରା ଅନାବରଣ କରିବାକୁ ଚକ୍କିଗୁଡିକୁ ସାମୂହିକ ଭାବରେ ଘୂରାଇଥିଲେ। ଚକ୍କିଗୁଡିକ ଘୂରିବା ସହିତ ଅଂଶଗ୍ରହଣକାରୀମାନେ ରଥ ନିର୍ମାଣର ଗାଥା, ବିଶ୍ୱକର୍ମା ମହରଣାମାନଙ୍କର କାରିଗରୀ ଏବଂ ବଡ ଦାଣ୍ଡରେ ମହାପ୍ରଭୁ ଜଗନ୍ନାଥଙ୍କ ଆଧାତ୍ମିକ ଯାତ୍ରାର ଅନୁଭୂତି ହାସଲ କରିଥିଲେ ଏବଂ ତାହା "ଜୟ ଜଗନ୍ନାଥ" ଉଚ୍ଚାରଣ ମଧ୍ୟରେ ମହାପ୍ରଭୁଙ୍କ ଚକ୍ଷୁର ନୈସର୍ଗିକ ଦର୍ଶନ କରିଥିଲେ। ଗୁଣାତ୍ମକ ପରମ୍ପରା ଜରିଆରେ ଆଶୀର୍ବାଦ ଅଟ୍ଟା ପବିତ୍ର ରଥ ନିର୍ମାଣ ଏବଂ ପ୍ରତ୍ୟେକ ପ୍ୟାକ୍ ଆଶୀର୍ବାଦ ଅଟ୍ଟା ପ୍ରସ୍ତୁତି କ୍ଷେତ୍ରରେ କେନ୍ଦ୍ର ସ୍ଥାନ ନେଉଥିବା ଯତ୍ନ, ନିଖୁଣତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟକୁ ପାଳନ କରି 'କ୍ୱାଲିଟି କି ଗ୍ୟାରେଣ୍ଟିର ପ୍ରତିଶ୍ରୁତିକୁ ଜୀବନ୍ତ କରି ଗଢିତୋଳିଥିଲା।

### ସମାଜକୁ ପରିବର୍ତ୍ତନ କରୁଥିବା

## ଅଜଣା ନାୟକମାନଙ୍କୁ ମିଳିବ 'ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩'

ଭୁବନେଶ୍ୱର (ସବ୍ୟୁ): ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ନିସ୍ୱାର୍ଥ ଭାବେ କାର୍ଯ୍ୟ କରୁଥିବା ଅଜଣା ନାୟକମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବାର ଉଦ୍ଦେଶ୍ୟରେ ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍ସ (ଏସଡିଜି)ପ୍ରତି ସମର୍ପିତ ନୋଡାଲ୍ ସଂସ୍ଥା '୨୦୩୦ କା ଭାରତ' ପକ୍ଷରୁ ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩ (ଜିଆଇଏଏ-୩)ପାଇଁ ନିଃଶୁଳ୍କ ନାମାଙ୍କନ ଆମନ୍ତ୍ରଣ କରାଯାଇଛି। ଏହି ସମ୍ମାନ ମାଧ୍ୟମରେ କ୍ୱାଲିଟି ଏଜୁକେସନ୍, ଜିରୋ ହଙ୍ଗର୍ ଏବଂ ଅଫୋର୍ଡେବଲ୍ ଆଣ୍ଡ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ୨୦୩୦ କା ଭାରତ'ର ସଂସ୍ଥାପକ ଡ଼ଃ ଅତୁଲ୍ ମଲିକରାମ କହିଛନ୍ତି, "ଦେଶ କେବଳ ନୀତି ଓ ଯୋଜନା ଦ୍ୱାରା ପରିବର୍ତ୍ତନ ହୁଏ ନାହିଁ, ବରଂ ସେହି ଲୋକମାନଙ୍କ ଦ୍ୱାରା ପରିବର୍ତ୍ତନ ହୁଏ, ଯେଉଁମାନେ ଅନ୍ୟମାନଙ୍କ ଜୀବନରେ ଆଶା ଓ ପରିବର୍ତ୍ତନ ଆଣିବାର ସଂକଳ୍ପ ନେଇ କାର୍ଯ୍ୟ କରନ୍ତି। ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ ଏପରି ପ୍ରକୃତ ପରିବର୍ତ୍ତନକାରୀମାନଙ୍କୁ ସମ୍ମାନିତ କରିବା ସହ ତାଙ୍କର କାର୍ଯ୍ୟକୁ ସମାଜ ସମ୍ମୁଖରେ ଆଣିବାର ଏକ ପ୍ରୟାସ। ସେ କହିଛନ୍ତି ଯେ, ଏହା ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସର ତୃତୀୟ ସଂସ୍କରଣ। ଆୟୋଜନ କମିଟି ସମାଜର ସମସ୍ତ ନାଗରିକ, ସାମାଜିକ ସଂସ୍ଥା ଏବଂ ସଂଗଠନମାନଙ୍କୁ ଅନୁରୋଧ କରିଛି ଯେ, ଯଦି ସେମାନଙ୍କ ଜ୍ଞାନରେ ଏପରି କୌଣସି ବ୍ୟକ୍ତି ଅଛନ୍ତି, ଯିଏ କ୍ୱାଲିଟି ଏଜୁକେସନ୍, ଜିରୋ ହଙ୍ଗର୍ କିମ୍ବା ଅଫୋର୍ଡେବଲ୍ ଆଣ୍ଡ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରୁଛନ୍ତି, ତେବେ ନିଶ୍ଚୟ ତାଙ୍କର ନାମାଙ୍କନ ପଠାନ୍ତୁ। ପ୍ରାପ୍ତ ନାମାଙ୍କନଗୁଡ଼ିକର ମୂଲ୍ୟାଙ୍କନ ବିଶେଷଜ୍ଞ କମିଟି ଦ୍ୱାରା କରାଯିବ ଏବଂ ଚୟନିତ ପରିବର୍ତ୍ତନକାରୀମାନଙ୍କୁ ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩ ପ୍ରଦାନ କରାଯିବ।

## ସମ୍ ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ୍-୧ରେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ




ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଅଗଷ୍ଟ ୬ ଓ ୭ ତାରିଖ ଦୁଇ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ "ବ୍ରେଷ୍ଟଫିଡିଂ ଫର ଏ ସଷ୍ଟେନେବଲ ଷ୍ଟାର୍ଟ ଇନ୍ ଲାଇଫ୍: ଷ୍ଟ୍ରେନ୍‌ଦେନ୍ ହ୍ୱାଟ ୱାର୍କ୍ସ" କୁ ଆଧାର କରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନ ଅଗଷ୍ଟ ୬ ତାରିଖରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଅନ୍ତର୍ଗତ ଶିଶୁରୋଗ ବିଭାଗର ଓପିଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମା' ଓ ଶିଶୁମାନଙ୍କର ଯତ୍ନ ନେଉଥିବା ନର୍ସମାନଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ଓ ଲାଭ ସଂପର୍କରେ ସଚେତନ କରାଯାଇଥିଲା।

ଦ୍ୱିତୀୟ ଦିନରେ ସମ୍ ନର୍ସିଂ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି କ୍ୟାମ୍ପସ୍-୧ର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ଅସୋସିଏଟ୍ ପ୍ରଫେସର ଶ୍ରୀମତୀ ରୁବି ପ୍ରଧାନ ପ୍ରସଙ୍ଗ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର ଆଦିତ୍ୟ ମହାପାତ୍ର ଏବଂ ଭୁବନେଶ୍ୱର ଏମ୍ସର ଶିଶୁରୋଗ ବିଭାଗର ମୁଖ୍ୟ ତଥା ପ୍ରଫେସର ଡାକ୍ତର ସମରେନ୍ଦ୍ର ମହାପାତ୍ର, ଯୋଗ ଦେଇଥିଲେ। ଏସ୍‌ଏନ୍‌ସିର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତୀ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ଶିଶୁ ନର୍ସିଂ ବିଭାଗର ଅସିଷ୍ଟାଂଟ ପ୍ରଫେସର ଶ୍ରୀମତୀ ମନିଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପରବର୍ତୀ ପର୍ଯ୍ୟାୟରେ ଶିଶୁରୋଗ ଓ ନବଜାତ ଶିଶୁରୋଗ ବିଭାଗର ବିଶେଷଜ୍ଞମାନେ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ।

## ବିଧାୟକଙ୍କ ରେଭେନ୍ସାରେ ଅନଧିକୃତ ପ୍ରବେଶକୁ ନିନ୍ଦା କଲା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଜେପି ବିଧାୟକ ପ୍ରକାଶ ସେଠୀଙ୍କ ବେଆଇନ ଓ ଅନୈତିକ ପ୍ରବେଶ କରି ଦୂଷିତ ବାତାବରଣ ସୃଷ୍ଟି ଉଦ୍ୟମ କରିବାକୁ ନେଇ ଓପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ଏହି ଅନଧିକୃତ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ । ଶ୍ରୀ ମହାନ୍ତି କହିଥିଲେ ଯେ, ଏହା ଏକ ହଷ୍ଟେଲ ବିଷୟ, ବିଶବିଦ୍ୟାଳୟ ନୁହେଁ । ଏହା ଏକ ଶୃଙ୍ଖଳାଗତ ପ୍ରସଙ୍ଗ ଅନୁମତି ବିନା ସାଧାରଣ ରୁମ ବ୍ୟବହାର । ସିନେଟ ଏବଂ ଏହାର କ୍ଷମତା ନୀତିଗତ ବିଷୟ ଗୁଡିକରେ ସୀମିତ, ଶୃଙ୍ଖଳାଗତ କିମ୍ବା ହଷ୍ଟେଲ ନୁହେଁ । ନୂତନ ୨୪ ଆଇନ ଅନୁଯାୟୀ ୨୦୧୬ରେ ଶେଷ ଥର ପାଇଁ ବସିଥିବା ସିନେଟ ୨୦୨୦ରେ ଭାଙ୍ଗି ଯାଇଥିଲା ଏବଂ ଏପର୍ଯ୍ୟନ୍ତ କେବେ ପୂରଣ ହୋଇନାହିଁ । ସିନେଟ ସଦସ୍ୟ ହେବା ପାଇଁ ପ୍ରସ୍ତାବିତ ନାମ ସଦସ୍ୟ ଘୋଷଣା ନହେବା ପର୍ଯ୍ୟନ୍ତ କ୍ଷମତା ଗ୍ରହଣ କରେ ନାହିଁ । ସଦସ୍ୟଙ୍କ ଭୂମିକା କେବଳ ସିନେଟ ବଡି ପର୍ଯ୍ୟନ୍ତ ସୀମିତ ଏବଂ ୭୮ ସଦସ୍ୟ ବିଶିଷ୍ଟ ବଡିର ମୋଟ ସଂଖ୍ୟା ଗରିଷ୍ଠ ମତାମତ ବଡି ସିନେଟର ମତାମତ ହେବ ଯାହା କ୍ଷମତାରେ ପରାମର୍ଶଦାତା ବିଶେଷକରି ହଷ୍ଟେଲ ଏବଂ ଶୃଙ୍ଖଳା ପ୍ରସଙ୍ଗ ସେମାନଙ୍କ କ୍ଷେତ୍ରାଧିକାରର ଅଂଶ ନୁହେଁ । ଶିକ୍ଷାଦାନ ଅଧ୍ୟାପକମାନେ ବିଶବିଦ୍ୟାଳୟର କର୍ମଚାରୀ ଏବଂ ସରକାରଙ୍କ ନୁହେଁ ।

## ସ୍ୱର୍ଗତ ଓ. ପି. ଜିନ୍ଦଲଙ୍କ ଜୟନ୍ତୀ ଅବସରରେ ରକ୍ତଦାନ, ସାମୁଦାୟିକ ସେବା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ପ୍ରତିଷ୍ଠାତା ସ୍ୱର୍ଗତ ଓ. ପି. ଜିନ୍ଦଲଙ୍କ ଜୟନ୍ତୀକୁ କର୍ମଚାରୀମାନଙ୍କ ନେତୃତ୍ୱରେ ଆୟୋଜିତ ବିଭିନ୍ନ ସାମୁଦାୟିକ ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରିଛି। ଏହି ପଦକ୍ଷେପଗୁଡ଼ିକ ତାଙ୍କର କରୁଣା, ସମୁହିକ ଉନ୍ନତି ଓ ଅନ୍ତର୍ଭୁକ୍ତିମୂଳକ ବିକାଶର ଦୂରଦର୍ଶୀ ଚିନ୍ତାଧାରାକୁ ପ୍ରତିଫଳିତ କରିଛି। ଏହି ଅବସରରେ କାରଖାନା ପରିସରସ୍ଥିତ ସ୍ୱର୍ଗତ ଓ. ପି. ଜିନ୍ଦଲଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପାଞ୍ଜଳି ଓ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିନ୍ଦଲ ଷ୍ଟେନଲେସର ଅଧ୍ୟକ୍ଷ ରତନ ଜିନ୍ଦଲ, ଯାଜପୁର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦିନବ୍ୟାପୀ କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଏବଂ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଯୋଗରେ ଆୟୋଜିତ ରକ୍ତଦାନ ଶିବିର। ଏଥିରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ଠିକାଦାରମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ପ୍ରାୟ ୫୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା, ଯାହା ଅଂଚଳର ଜରୁରୀ ସ୍ୱାସ୍ଥ୍ୟସେବା ଆବଶ୍ୟକତା




ପୂରଣରେ ସହାୟକ ହେବ।

ଏହି ଅବସରରେ ସ୍ୱେଚ୍ଛାସେବକମାନେ ଦାନଗଦୀ ଏବଂ ଯାଜପୁର ରୋଡ୍ ସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ଟୋକେଇ ବଂଟନ କରିଥିଲେ। ସେହିପରି, ଦାନଗଦୀ କୁଷ୍ଠ କଲୋନୀର ବାସିନ୍ଦାମାନଙ୍କୁ ରାସନ କିଟ୍ ବଂଟନ କରାଯାଇଥିଲା। ବୃଦ୍ଧାଶ୍ରମ ଏବଂ ଶିଶୁ ନିବାସରେ ଭୋଜନ ବଂଟନ ମଧ୍ୟ କରାଯାଇଥିଲା। ଏହି ଅବସରରେ ଯାଜପୁର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, ସ୍ୱର୍ଗତ ଓ. ପି. ଜିନ୍ଦଲ ସର୍ବଦା ବିଶ୍ୱାସ କରୁଥିଲେ ଯେ, ବ୍ୟବସାୟ କେବଳ ଆର୍ଥିକ ସଫଳତାରେ ସୀମିତ ନ ରହି ସମାଜ ପ୍ରତି ମଧ୍ୟ ଅର୍ଥପୂର୍ଣ୍ଣ ଅବଦାନ ରଖିବା ଉଚିତ। ତାଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ସହିତ ଏହି କାର୍ଯ୍ୟକ୍ରମଗୁଡ଼ିକରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ସହଭାଗୀମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଆମ ସଂସ୍ଥାର ମୂଲ୍ୟବୋଧକୁ ପ୍ରତିଫଳିତ କରିବା ସହ ଆମେ ସେବା କରୁଥିବା ସମୁଦାୟ ସହ ଆମର ସମ୍ପର୍କକୁ ଆହୁରି ମଜବୁତ କରୁଛି।

# ଜୀବନରେ ଜିଜ୍ଞାସାକୁ ଜୀବନ୍ତ ରଖନ୍ତୁ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଛନ୍ତି। ଏହି ଉତ୍ସବର ଗଭୀର ଭାବନାତ୍ମକ ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କ୍ୟାମ୍ପସର ଜୀବନ୍ତ ଓ ସ୍ୱପ୍ନଭରା ପରିବେଶକୁ ମନେ ପକାଇଥିଲେ। କୋଭିଡ୍ ମହାମାରୀ ସମୟରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା କଥା ସ୍ମରଣ କରି, ଗ୍ରାଜୁଏଟ୍ ହେଉଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଶାରୀରିକ ଭାବେ ଉପସ୍ଥିତ ରହିବା ନେଇ ସେ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, " ଏହି କ୍ୟାମ୍ପସରେ ଆପଣମାନଙ୍କ ସହ ଏହି ଅତୁଳନୀୟ ଅନୁଭୂତି ବାଣ୍ଟିବା ମୋ ପାଇଁ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ଐତିହାସିକ ଶୈକ୍ଷିକ ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କ ଡିଗ୍ରୀ କେବଳ ଶୈକ୍ଷିକ ସଫଳତାର ପ୍ରତୀକ ନୁହେଁ, ବରଂ ଦେଶ ପାଇଁ ଅବଦାନ ରଖିବାର ଏକ ଦାୟିତ୍ୱ ମଧ୍ୟ। ସେ ପଦକ ବିଜେତାମାନଙ୍କୁ ଅତ୍ୟନ୍ତ ପ୍ରଶଂସା କରିବା ସହ ପ୍ରତିଷ୍ଠାନରେ ନୂତନ ଏଆଇ ପଦକ୍ଷେପର ଶୁଭାରମ୍ଭକୁ ସ୍ୱାଗତ କରିଛନ୍ତି। "ଆପଣମାନେ ଦେଶ ପାଇଁ ବହୁତ କିଛି କରିବାର ସ୍ୱପ୍ନ ନେଇ ଏଠାରୁ ବାହାରକୁ ପାଦ ଦେଉଛନ୍ତି" ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଦ୍ରୁତ ଓ ରୋମାଞ୍ଚକର ଯାତ୍ରା ବିଷୟରେ ଦର୍ଶାଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଓରିଏଣ୍ଟେସନ୍ ଦିବସରୁ ସମାବର୍ତ୍ତନ ଦିବସ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରାକୁ ସ୍ପଷ୍ଟ ଭାବେ ସ୍ମରଣ କରିଛନ୍ତି। ପ୍ରଥମ ଦରମା ପାଇବା ଏବଂ ଷ୍ଟାର୍ଟଅପ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି



ପ୍ରତିଯୋଗିତାମୂଳକ ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ ଆକାଂକ୍ଷା ସେମାନଙ୍କ ମନକୁ ପରିପୂର୍ଣ୍ଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। "ଏହି ଅସାଧାରଣ ଯାତ୍ରା ଏବଂ ଜୀବନର ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ କରିବାର ଉତ୍ସାହରୁ ଆପଣମାନେ ନିଶ୍ଚିତ ଭାବେ ଅପାର ସନ୍ତୋଷ ପାଇବେ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

ଆଇଆଇଟି ଡିଗ୍ରୀର ପ୍ରକୃତ ମୂଲ୍ୟକୁ ନୂଆ ଭାବେ ବ୍ୟାଖ୍ୟା କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ଯୋଗ୍ୟତା କେବଳ ଉଚ୍ଚ ସିଜିପିଏ କିମ୍ବା ଆକର୍ଷଣୀୟ ନିଯୁକ୍ତି ପ୍ରସ୍ତାବଠାରୁ ବହୁତ ଅଧିକ। ଏହା ଉନ୍ନତ ସମସ୍ୟା ସମାଧାନ କରିବାର ଦକ୍ଷତାର ଏକ ନିର୍ଣ୍ଣାୟକ ବିଶ୍ୱସ୍ତରୀୟ ପ୍ରମାଣପତ୍ର ଭାବେ କାର୍ଯ୍ୟ କରେ। "ଅତ୍ୟନ୍ତ ଜଟିଳ ସମସ୍ୟାର ସମାଧାନ କିପରି କରିବାକୁ ହୁଏ ତାହା ଆପଣମାନେ ସଠିକ୍ ଭାବେ ଜାଣନ୍ତି, ଏହା ଆପଣମାନଙ୍କ ଡିଗ୍ରୀ ସମଗ୍ର ବିଶ୍ୱକୁ ଦର୍ଶାଇଥାଏ" ବୋଲି ଶ୍ରୀ ମୋଦୀ କହିଛନ୍ତି।

ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଧିପତ୍ୟର ସୀମାରେଖା ଆଙ୍କି, ପ୍ରଧାନମନ୍ତ୍ରୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା), ଡାଟା ସେଣ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଗଭୀର ସମୁଦ୍ର ଗବେଷଣା, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଶକ୍ତି ସୁରକ୍ଷା ଭଳି ପ୍ରମୁଖ ଉଦୀୟମାନ କ୍ଷେତ୍ରଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, "ଏହିଭଳି ଅନେକ ଅତ୍ୟାଧୁନିକ କ୍ଷେତ୍ର ଆପଣଙ୍କର ଅପାର ପ୍ରତିଭା, ନିର୍ଭୀକ ନବସୃଜନ ଏବଂ ସୁଦୃଢ଼ ନେତୃତ୍ୱକୁ ଆଗ୍ରହର ସହ ଅପେକ୍ଷା କରିଛନ୍ତି।"

ଉନ୍ନତ ଗବେଷଣା ଦିଗରେ ଦେଶର ବ୍ୟାପକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ପିଏମ୍ ଗବେଷଣା ଫେଲୋସିପ୍ ଏବଂ ଅନୁସନ୍ଧାନ ନ୍ୟାସନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍ ପ୍ରତିଷ୍ଠା ଭଳି ଦୃଢ଼ ସହାୟତା ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ଏକ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତର ଅଭୂତପୂର୍ବ ପାଣ୍ଠି ଲକ୍ଷ୍ୟ ରଖାଯାଇଛି। "ଆଜି ଦେଶକୁ ନୂଆ ଗବେଷଣାର ଅତ୍ୟନ୍ତ ଆବଶ୍ୟକତା ରହିଛି ଏବଂ ଆମର ପ୍ରଶାସନିକ ଧ୍ୟାନ ମଧ୍ୟ ସମାନ ଭାବେ ଦୃଢ଼ତାର ସହ ଗବେଷଣା ଉପରେ କେନ୍ଦ୍ରିତ ରହିଛି" ବୋଲି ଶ୍ରୀ ମୋଦୀ କହିଛନ୍ତି।

ସୋସିଆଲ୍ ମିଡିଆ ଯୁଗର ବିଭ୍ରାନ୍ତିକର ପ୍ରଭାବରୁ ସ୍ନାତକମାନଙ୍କୁ ସତର୍କ କରାଇ ପ୍ରଧାନମନ୍ତ୍ରୀ ସେମାନଙ୍କୁ ନିଜର ଦରମା, ନିଯୁକ୍ତି କିମ୍ବା ଷ୍ଟାର୍ଟଅପ୍ର ସଫଳତାକୁ ସହପାଠୀମାନଙ୍କ ସହ ତୁଳନା ନକରିବାକୁ ପରାମର୍ଶ ଦେଇଛନ୍ତି। ଏହା ବଦଳରେ ନିଜର ମାନସିକ ଓ ଶାରୀରିକ ସୁସ୍ଥତାକୁ ପ୍ରାଥମିକତା ଦେବା ସହ ନିଜକୁ ଉନ୍ନତ କରିବା ଉପରେ ଏକାଗ୍ର ରହିବାକୁ ସେ ପରାମର୍ଶ ଦେଇଛନ୍ତି। "ମନେ ରଖନ୍ତୁ, ଜୀବନ ଆଦୌ ଏକ ଲିଡରବୋର୍ଡ ନୁହେଁ; ଆପଣଙ୍କ ପ୍ରକୃତ ପ୍ରତିଯୋଗିତା ଅନ୍ୟ କାହା ସହିତ ନୁହେଁ, ବରଂ ନିଜ ସହିତ" ବୋଲି ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି।

# ଝାଡଖଣ୍ଡ ଛାତ୍ର ଆନ୍ଦୋଳନ: ସମାଧାନ ବାଟ ଖୋଜୁଛନ୍ତି ସରକାର



**ନୂଆଦିଲ୍ଲୀ:** ସରକାରଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ବି ଝାଡଖଣ୍ଡର ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇନାହିଁ। ଛାତ୍ର ଆନ୍ଦୋଳନ ନେଇ ଏବେ ବି ଅଚଳାବସ୍ଥା ଚାଲିଛି। ଆନ୍ଦୋଳନକାରୀ ଛାତ୍ରମାନେ ଜେପିଏସ୍‌ସି ଓ ଜେଏସି ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ନେଇ ବିକ୍ଷୋଭ କରୁଛନ୍ତି। ଏହି ପରୀକ୍ଷାକୁ ସେମାନେ ବାତିଲ କରିବା ଲାଗି ଦାବି ରଖିଛନ୍ତି।

ଝାଡଖଣ୍ଡ ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁ ଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି ଓ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଝାଡଖଣ୍ଡ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଇ-ମେଲ୍ ଖୋଲାଯାଇ ଛାତ୍ର ଓ ଅନ୍ୟ ଅଂଶୀଦାରଙ୍କ ଠାରୁ ନୀତିରେ ସଂସ୍କାର ଲାଗି ମତାମତ ନିଆଯାଉଛି। ସରକାର ମଧ୍ୟ ଅନ୍ୟ ଛାତ୍ରଗୋଷ୍ଠୀଙ୍କ ସହ ଆଲୋଚନା କରିବାକୁ ଯୋଜନା କରିଛନ୍ତି। ୧୫ ଦିନ ହେବ ଛାତ୍ର ଆନ୍ଦୋଳନ ଚାଲିଛି। ତେବେ ଇତି ମଧ୍ୟରେ ସରକାର ଓ ଆନ୍ଦୋଳନକାରୀଙ୍କ ଭିତରେ ଆଲୋଚନା ଚାଲିଛି। ଶନିବାର ଦିନ ବିଭିନ୍ନ ଛାତ୍ର ସଂଗଠନ ସହ ପ୍ରଶ୍ନପତ୍ର ଲିକ୍ ନେଇ ସରକାର ଆଲୋଚନା କରିଛନ୍ତି। ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ଜେଏଲ୍‌କେଏମ୍ ନେତା ଦେବେନ୍ଦ୍ର ନାଥ ମାହାତୋଙ୍କ ସହ ପ୍ରଥମେ ସାକ୍ଷାତ କରିଥିଲେ। ଏହାଛଡା ଏନ୍‌ଏସ୍‌ୟୁଆଇ, ଏସ୍‌ଇଏସ୍ ଓ ଜେସିଏମ୍‌ର ଛାତ୍ର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇଛି। ମନ୍ତ୍ରୀ ସଞ୍ଜୟ ପ୍ରସାଦ ଯାଦବ କହିଛନ୍ତି ଯେ ଛାତ୍ରଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ସରକାର ଏକ ପ୍ୟାନେଲ୍ ଗଠନ କରି ନିୟମିତ କଥାବାର୍ତ୍ତା କରିବେ। ଏଆଇଏସ୍‌ଏର ଜାତୀୟ ସଭାପତି ନେହ ବୋରା ଅନ୍ୟ ଏକ ପ୍ଲାଟ୍‌ଫର୍ମରେ ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମ୍‌ରେ ଧାରଣା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଉପରକୁ ଗତକାଲି କାଳି ଫୋପଡା ଯାଇ ଟାର୍ଗେଟ କରାଯାଇଥିଲା। ମାତ୍ର ଏଥିରେ ସେ ଭୟଭୀତ ନୁହଁନ୍ତି।

# ହନିଟ୍ରାପ୍: ଆଇଆଇଏଫ ୱିଙ୍ଗ କମାଣ୍ଡର ଗିରଫ



**ନୂଆଦିଲ୍ଲୀ:** ଭାରତୀୟ ବାୟୁସେନା (ଆଇଏଏଫ୍)ର ୱିଙ୍ଗ କମାଣ୍ଡରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଉକ୍ତ ଅଧିକାରୀ ଜଣକ ପ୍ରତିରକ୍ଷାର ସମ୍ବେଦନଶୀଳ ସୂଚନା ଶତ୍ରୁ ରାଷ୍ଟ୍ରକୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କ ହନିଟ୍ରାପ୍‌ରେ ଭାରତୀୟ ବାୟୁସେନା ଅଧିକାରୀ ଫସିଥିବା ନେଇ କୁହାଯାଉଛି।

ପୋଲିସ ସୂତ୍ରରୁ କୁହାଯାଇଛି ଯେ ଉକ୍ତ ଅଧିକାରୀଙ୍କୁ ୨ ମାସ ପୂର୍ବରୁ ଗିରଫ କରାଯାଇଥିଲା। ମାତ୍ର ଏହାକୁ ଗୁପ୍ତ ରଖାଯାଇଥିଲା। ଦିଲ୍ଲୀ ପୋଲିସ ସନ୍ଦେହ କରୁଛି ଯେ ଏହା କେବଳ ଗୋଟିଏ ଅଫିସରଙ୍କ ପାଖରେ ସୀମିତ ନଥିଲା। ଭାରତୀୟ ସେନା ଓ ଜାତୀୟ ସୁରକ୍ଷାର କିଛି ତଥ୍ୟ ଲିକ୍ ହୋଇଥିବା କୁହାଯାଉଛି। ସୋସିଆଲ ମିଡିଆରେ ସମ୍ପୃକ୍ତ ୱିଙ୍ଗ କମାଣ୍ଡର ଚାଟିଂ କରିଥିଲେ। ଏଥିରେ ସେ ବ୍ୟକ୍ତିଗତ କଥା ହୋଇଥିଲେ। ଧୀରେ ଧୀରେ ଏହା ନିୟମିତ ଭିଡିଓ କଲ୍‌କୁ ରୂପାନ୍ତରିତ ହୋଇଥିଲା। ପ୍ରଥମେ ମହିଳା ଜଣକ ତାଙ୍କ ବିଶ୍ୱାସ ଜିତିଥିଲେ ଓ ପରେ ସାମରିକ କାର୍ଯ୍ୟକଳାପ ନେଇ କିଛି ସୂଚନା ମାଗିଥିଲେ। ଉକ୍ତ ଅଧିକାରୀଜଣକ ମଧ୍ୟ କିଛି ସାମରିକ ୟୁନିଟ୍ ମୁତୟନ ନେଇ ତଥ୍ୟ ଦେଇଥିବା କୁହାଯାଉଛି। ସେହିଭଳି କିଛି ସମ୍ବେଦନଶୀଳ ସୂଚନା ମଧ୍ୟ ସମ୍ପୃକ୍ତ ମହିଳାଙ୍କୁ ଦିଆଯାଇଛି। ପୋଲିସ ସନ୍ଦେହ କରୁଛି ଯେ ସମ୍ପୃକ୍ତ ମହିଳାଜଣକ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାରେ କାର୍ଯ୍ୟ କରୁଛନ୍ତି ଓ ଉକ୍ତ ଅଧିକାରୀଙ୍କୁ ହନିଟ୍ରାପ୍ ମାଧ୍ୟମରେ ଫଶାଇଛନ୍ତି। ଏବେ ଏହାର ତଦନ୍ତ ଚାଲିଛି। ମହିଳା ଜଣକ ମଧ୍ୟ ସାମରିକ ୟୁନିଟ୍‌ର ମୁତୟନ ଓ ଗତିବିଧି ନେଇ ଫଟୋ ଓ ଭିଡ଼ିଓ ତାଙ୍କୁ ପଠାଇବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିବା ସୂଚନା ମିଳିଛି। ଉକ୍ତ ଅଧିକାରୀ ଜଣକ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପୃକ୍ତ ମହିଳାଙ୍କୁ ଡିଜିଟାଲ ଚ୍ୟାନେଲ ମାଧ୍ୟମରେ ପଠାଇଛନ୍ତି। ଆଉ ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ସମ୍ପୃକ୍ତ ୱିଙ୍ଗ କମାଣ୍ଡରଙ୍କୁ ମହିଳା ଜଣକ ତାଙ୍କ ସହଯୋଗୀମାନଙ୍କର ମୋବାଇଲ ନମ୍ବର ଦେବାକୁ କହିଥିଲେ। ସ୍ପାଏୱେୟାର ଆପ୍ ମଧ୍ୟ ମୋବାଇଲରେ ତଥ୍ୟ ଲିକ୍ ପାଇଁ ଲଗାଯାଇଥିବା ଶୁଣିବାକୁ ମିଳିଛି। ଦିଲ୍ଲୀ ପୋଲିସ ସନ୍ଦେହ କରୁଛି ଯେ ସୋସିଆଲ ମିଡିଆରେ ଉକ୍ତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା।

# ପାର୍ବଣ ପୂର୍ବରୁ ଚିନ୍ତା ବଢ଼ାଇଲାଣି ଚିନି ଦର



ଗତ ମାସକ ମଧ୍ୟରେ ପାଖାପାଖି ୧୭ ପ୍ରତିଶତ ମହଙ୍ଗା ହୋଇଯାଇଛି। ଏଥିଯୋଗୁ ଖୁଚୁରା ବଜାରରେ ଚିନି କିଲୋଗ୍ରାମ ପିଛା ୫୫ ଟଙ୍କାରୁ ୬୦ ଟଙ୍କା ଭଳି ଦରରେ ବିକ୍ରି ହେଉଛି। ଦର ନିୟନ୍ତ୍ରଣ ପାଇଁ ସରକାର ଉଦ୍ୟମ ଚଳାଇଥିଲେ ମଧ୍ୟ ଏଥିରେ ସଫଳତା ଏପର୍ଯ୍ୟନ୍ତ ମିଳିନାହିଁ। ଚିନି ଦରବୃଦ୍ଧିର ମୁଖ୍ୟ କାରଣ ଉତ୍ପାଦନ କମ୍।

**ନୂଆଦିଲ୍ଲୀ:** ପାର୍ବଣ ପୂର୍ବରୁ ଚିନି ଦର ଗ୍ରାହକଙ୍କ ଚିନ୍ତା ବଢ଼ାଇଲାଣି। ଗତ ଏକ ମାସ ମଧ୍ୟରେ ଚିନି ଦର କ୍ୱିଣ୍ଟାଲ ପିଛା ପ୍ରାୟ ୫୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଗଲାଣି। ଦିଲ୍ଲୀରେ କିଲୋଗ୍ରାମ ପିଛା ଚିନି ଦର ୪୯ ଟଙ୍କାରେ, ମୁମ୍ବାଇରେ ୫୨ ଟଙ୍କାରେ, ପଶ୍ଚିମବଙ୍ଗରେ ୫୫ ଟଙ୍କାରେ, ରାଞ୍ଚିରେ ୫୧ ଟଙ୍କାରେ ଏବଂ ଚେନ୍ନାଇରେ ୫୩ ଟଙ୍କାରେ ପହଞ୍ଚି ସାରିଛି। ଭୁବନେଶ୍ୱରରେ ପାଇକାରୀ ବଜାରରେ ଚିନି ଦର କ୍ୱିଣ୍ଟାଲ ପିଛା ୫୧୫୦ ଟଙ୍କା ଛୁଇଁଲାଣି। ଗତ ମାସକ ପୂର୍ବେ ଏହା ପ୍ରାୟ ୪୪୦୦ ଟଙ୍କା ରହିଥିଲା। ଅର୍ଥାତ୍ ଭୁବନେଶ୍ୱରର ପାଇକାରୀ ବଜାରରେ ଚିନି ମୂଲ୍ୟ ଦେଶରେ ଚିନି ଉତ୍ପାଦନ ହ୍ରାସ ପାଇଥିବାବେଳେ ଏଲ୍ନିନୋ କାରଣରୁ ଆଗାମୀ ଦିନରେ ଉତ୍ପାଦନ ମଧ୍ୟ କମିବା ଆଶଙ୍କା ରହିଛି। ଚିନି ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ଚିନି କଳଗୁଡ଼ିକ ବଡ଼ ନିଷ୍ପତ୍ତି ବି ନେଇଛନ୍ତି। ଆଖୁ ପେଷିବା କାର୍ଯ୍ୟ ଧାର୍ଯ୍ୟ ସମୟର ୧୦ରୁ ୧୫ ଦିନ ପୂର୍ବରୁ କରିବାକୁ ଯାଉଛନ୍ତି। ଏଥିସହିତ ସରକାର ମଧ୍ୟ ମହଜୁଦକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବସାୟୀ ଓ ମିଲ୍ ଉପରେ ଷ୍ଟକ୍ ଲିମିଟ୍ ଲଗାଇ ଦେଇଛନ୍ତି। ମିଲ୍ଗୁଡ଼ିକରେ ଷ୍ଟକ୍ ଯାଞ୍ଚକୁ ମଧ୍ୟ ବଢ଼ାଇ ଦେଇଛନ୍ତି। ଯଦି ଦରବୃଦ୍ଧି ଜାରି ରହେ ତାହେଲେ ପାର୍ବଣରେ ବିଭିନ୍ନ ପ୍ରକାର ମିଠା ମୂଲ୍ୟ ବଢ଼ିଯାଇପାରେ।

## କୋଲୋରେକ୍ଟାଲ୍ କର୍କଟ ନେଇ ସଂସଦରେ ଚିନ୍ତା
## ସମୟ ଥାଉଣୁ ସଚେତନ ହେବାକୁ ଭର୍ତ୍ତୃହରିଙ୍କ ଆହ୍ୱାନ



**ନୂଆଦିଲ୍ଲୀ:** ଦେଶର ଯୁବ ଓ କାର୍ଯ୍ୟକ୍ଷମ ବର୍ଗଙ୍କ ମଧ୍ୟରେ କୋଲୋରେକ୍ଟାଲ୍ କର୍କଟ (ବୃହଦନ୍ତ୍ର କର୍କଟ)ର ପ୍ରାରମ୍ଭିକ ଲକ୍ଷଣକୁ ଅବହେଳା କରିବା ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଲୋକସଭାରେ ନିୟମ ୩୭୭ ଅଧୀନରେ ଏହି ବିଷୟ ଉଠାଇ ବିଜେପି ସାଂସଦ ଭର୍ତ୍ତୃହରି ମହତାବ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ ସାମ୍ନାକୁ ଆଣିଥିବା ଏକ ଜାତୀୟ ସର୍ଭେ ଅନୁଯାୟୀ, ୮୦ ପ୍ରତିଶତରୁ ଅଧିକ ଲୋକ ଝାଡ଼ାରେ ରକ୍ତ ପଡ଼ିବା ଭଳି ଗୁରୁତର ଲକ୍ଷଣକୁ ଗ୍ରହଣ କରୁନାହାନ୍ତି। ସେହିପରି ପ୍ରାୟ ୯୦ ପ୍ରତିଶତ ଲୋକ ଡାକ୍ତରଙ୍କ ପରାମର୍ଶ ନନେଇ ନିଜେ ଔଷଧ ଖାଇବା କିମ୍ବା ଘରୋଇ ଉପଚାର ଉପରେ ନିର୍ଭର କରୁଛନ୍ତି। ପେଟ ଫୁଲିବା, ପାଚନରେ ଅନିୟମିତତା କିମ୍ବା ଝାଡ଼ା ହେବା ଭଳି ସମସ୍ୟାକୁ ସାଧାରଣ ଭାବି ଏଡ଼ାଇ ଯିବା ଦ୍ୱାରା ଶେଷ ମୁହୂର୍ତ୍ତରେ ରୋଗ ଚିହ୍ନଟ ହେଉଛି, ଯାହା ଜୀବନ ବଞ୍ଚାଇବାର ସମ୍ଭାବନାକୁ ହ୍ରାସ କରୁଛି। ଏହି ରୋଗ କେବଳ ବୟସ୍କଙ୍କୁ ହୁଏ ବୋଲି ରହିଥିବା ଭୁଲ୍ ଧାରଣା ଏବଂ ପ୍ରସେସଡ୍ ଫୁଡ୍, ବ୍ୟାୟାମର ଅଭାବ ଓ ତମାଖୁ ସେବନ ଭଳି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଯୁବବର୍ଗଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସାଂସଦ ମହତାବ ସରକାରଙ୍କୁ ବ୍ୟାପକ ସଚେତନତା ଅଭିଯାନ ଚଳାଇବା ସହ ସୁଲଭ ନିଦାନ ସେବା ଯୋଗାଇଦେବାକୁ ଦାବି କରିଛନ୍ତି।

# ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମରେ ରାହୁଲ

**ନୂଆଦିଲ୍ଲୀ :** ଶିକ୍ଷା ଓ ନିଯୁକ୍ତି ପ୍ରସଙ୍ଗରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଆରମ୍ଭ କରିଥିବା ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ଆଜି ପ୍ରୟାଗରାଜରେ ଅନୁଷ୍ଠିତ



ହୋଇଛି। ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କର ବିଭିନ୍ନ ପ୍ରସଙ୍ଗ, ଶିକ୍ଷା ଓ ନିଯୁକ୍ତି ନେଇ ରାହୁଲ ଛାତ୍ରମାନଙ୍କ ସହ ଆଲୋଚନା କରୁଛନ୍ତି। ରାହୁଲ କହିଛନ୍ତି ଯେ ଇଞ୍ଜିନିୟରିଂ, ମେଡିକାଲ, ସ୍ନାତକ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ପାଠ ପଢ଼ିବା ଲାଗି ଛାତ୍ରଙ୍କ ପରିବାର ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ପାଠ ପଢ଼ିସାରିବା ପରେ ଏକ ସାର୍ଟିଫିକେଟ ଦିଆଯାଉଛି। ମାତ୍ର ବାସ୍ତବତା ହେଉଛି ଯେ ଏହି ସାର୍ଟିଫିକେଟରେ ଆପଣମାନଙ୍କୁ ନିଯୁକ୍ତି ମିଳୁନାହିଁ। କେପି ଗ୍ରାଉଣ୍ଡରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମ ଲାଗି ୟୁପି କଂଗ୍ରେସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ବର୍ଷାରେ ମଧ୍ୟ ଓଦା ହୋଇ ମଞ୍ଚ ପ୍ରସ୍ତୁତି ଚାଲିଥିଲା। ଆଜି ପ୍ରୟାଗରାଜରେ ରାହୁଲ ପହଞ୍ଚିବା ପରେ ତାଙ୍କୁ ବ୍ୟାପକ ସ୍ୱାଗତ କରାଯାଇଥିଲା। ରାହୁଲଙ୍କ ବିରୋଧରେ ସେଠାରେ କେତେକ ପୋଷ୍ଟର ମଧ୍ୟ ମରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ଆଜି ଛାତ୍ରମାନେ ଜନନାୟକର ସ୍ଲୋଗାନ ଦେଇଥିଲେ। ଛାତ୍ରମାନେ ଆମେ ଚାକିରି ଚାହୁଁ, ପେଲେଟ୍ ଗନ୍ ନୁହେଁ। ଏହି ସ୍ଲୋଗାନ ଦେଇ ସଭାସ୍ଥଳକୁ ଯାଉଥିବା ଲକ୍ଷ୍ୟ କରିଥିଲେ। ଚାକିରି ମିଳିବ ନାହିଁ ତ ସିଂହାସନ ହଲିବ ବୋଲି ନାରା ଦିଆଯାଇଥିଲା। ତେବେ ତାଙ୍କ ସମାଲୋଚକମାନେ କହିଛନ୍ତି ଯେ ରାହୁଲ ପ୍ରୟାଗରାଜ ଆସୁଛନ୍ତି ମାତ୍ର ଝାଡଖଣ୍ଡ ଯାଉନାହାନ୍ତି। ଝାଡଖଣ୍ଡରେ କଂଗ୍ରେସ ଓ ଜେଏମ୍‌ଏମ୍‌ର ସରକାର ଚାଲିଛି। ଏଠାରେ ୧୫ ଦିନ ହେବ ଛାତ୍ରମାନେ ପ୍ରତିବାଦ କରୁଛନ୍ତି। ୬ ଜଣ ଆମରଣ ଅନଶନରେ ବସିଛନ୍ତି। ତେବେ ଆଉ ଏକ ପୋଷ୍ଟରରେ ରୋଚକ ତଥ୍ୟ ଥିଲା। କେନ୍ଦ୍ର ସରକାର ଦେଶସାରା କେବଳ ଅନ୍ଧଭକ୍ତ ସୃଷ୍ଟି କରୁଛନ୍ତି ବୋଲି ଉଲ୍ଲେଖ କରାଯିବା ସହ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉନି ବୋଲି ଲେଖାଥିଲା। ରାହୁଲ ସୋସିଆଲ ମିଡିଆରେ ଉଲ୍ଲେଖ କରିଥିଲେ ଯେ ମୁଁ ପ୍ରୟାଗରାଜ ଆସୁଛି। ଏହି ସହରରେ ହଜାର ହଜାର ଯୁବକ ସେମାନଙ୍କ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ପ୍ରତ୍ୟେକ ଛାତ୍ର ଜାଣିଛନ୍ତି ଯେ ବ୍ୟବସ୍ଥା ଏବେ ବିଶ୍ୱାସ ହରାଇଛି। କଠିନ ପରିଶ୍ରମ ମଧ୍ୟ କରୁଛନ୍ତି, ମାତ୍ର ସେମାନଙ୍କୁ ପୁରସ୍କାର ମିଳୁନାହିଁ। ପେପର ଲିକ୍, ନିଯୁକ୍ତି କ୍ଷେତ୍ରରେ ସ୍ଥାଣୁତା ଓ ବର୍ଷ ବର୍ଷ ଧରି ଅପେକ୍ଷା ସତ୍ତ୍ୱେ ବି କେହି ଉତ୍ତରଦାୟିତ୍ୱ ନେଉନାହାନ୍ତି।

# ୟୁପିଆଇକୁ ନେଇ ସରକାରଙ୍କ ବଡ଼ ନିଷ୍ପତ୍ତି: ବ୍ୟବସାୟୀଙ୍କ ପାଇଁ ବଦଳିବ ନିୟମ

**ନୂଆଦିଲ୍ଲୀ:** ୟୁପିଆଇ ଟ୍ରାଞ୍ଜାକ୍ସନରେ ଶୁଳ୍କ ଲାଗୁ ହେବା ନେଇ ଗ୍ରାହକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହାରି ଭିତରେ ସରକାରଙ୍କ ସ୍ପଷ୍ଟୀକରଣ ସାମନାକୁ ଆସିଛି । ସରକାର କହିଛନ୍ତି ଯେ ୟୁପିଆଇ ୟୁଜର୍ସଙ୍କ ପାଇଁ ମାଗଣା ରହିବ । P2P ଟ୍ରାଞ୍ଜାକ୍ସନ୍ ଏବଂ ଅଧିକାଂଶ ମର୍ଚାଣ୍ଟ ପେମେଣ୍ଟ ଉପରେ କୌଣସି ଶୁଳ୍କ ଲାଗିବ ନାହିଁ । ୟୁପିଆଇର ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ସୀମିତ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ଏକ ନିର୍ଦ୍ଦିଷ୍ଟ ସୀମା ଉପରେ ସାମାନ୍ୟ ଏମଡିଆର ଲାଗୁ କରାଯାଇପାରେ । ଭାରତ ସରକାର ଶନିବାର ସ୍ପଷ୍ଟ କରିଛନ୍ତି ଯେ ୟୁପିଆଇ ଜରିଆରେ ପେମେଣ୍ଟ କରୁଥିବା ୟୁଜର୍ସଙ୍କଠାରୁ କୌଣସି ଟ୍ରାଞ୍ଜାକ୍ସନ୍ ଚାର୍ଜ ନିଆଯିବ ନାହିଁ । ତେବେ ଭବିଷ୍ୟତରେ ସୀମିତ ସଂଖ୍ୟକ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ସାମାନ୍ୟ ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍ ଲାଗୁ କରାଯାଇପାରେ । ଅର୍ଥ ମନ୍ତ୍ରଣାଳୟ କହିଛି ଯେ ପର୍ସନ୍-ଟୁ-ପର୍ସନ୍ ୟୁପିଆଇ ଟ୍ରାଞ୍ଜାକ୍ସନ୍ ସମ୍ପୂର୍ଣ୍ଣ ମାଗଣା ରହିବ । ଏହା ବ୍ୟତୀତ, ୟୁପିଆଇ ଜରିଆରେ ହେଉଥିବା ଅଧିକାଂଶ ମର୍ଚାଣ୍ଟ ପେମେଣ୍ଟ ଉପରେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ । ସୀମିତ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁ ହୋଇପାରେ ଏମଡିଆର !




ସରକାରଙ୍କ ଅନୁଯାୟୀ, ଯଦି ଭବିଷ୍ୟତରେ ଏମଡିଆର ଲାଗୁ କରାଯାଏ, ତେବେ ଏହା କେବଳ କେତେକ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ଲଗାଯିବ, ଯାହା ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ହୋଇଥିବ । ଏହାର ହାର ଅତି ସାମାନ୍ୟ ହେବ ଏବଂ ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁଥିବା ଏମଡିଆର ତୁଳନାରେ ବହୁତ କମ୍ ହେବ । ସରକାର ସ୍ପଷ୍ଟ କରିଛନ୍ତି ଯେ ଏମଡିଆର ସମସ୍ତ ୟୁପିଆଇ ଟ୍ରାଞ୍ଜାକ୍ସନ୍ ଉପରେ ସମାନ ଭାବେ କିମ୍ବା ବ୍ୟାପକ ଭାବେ ଲାଗୁ ହେବ ନାହିଁ । ଏହା କେବଳ ଏକ ନିର୍ଦ୍ଦିଷ୍ଟ ସୀମା ଆଧାରରେ ସୀମିତ କାରବାର ଉପରେ ଲାଗୁ ହେବ ।

ପେମେଣ୍ଟ ଆଣ୍ଡ ସେଟେଲମେଣ୍ଟ ସିଷ୍ଟମ ଆକ୍ଟ ରେ ପ୍ରସ୍ତାବିତ ସଂଶୋଧନକୁ ନେଇ ଚାଲିଥିବା ଆଲୋଚନା ମଧ୍ୟରେ ଏହି ସ୍ପଷ୍ଟୀକରଣ ଆସିଛି । ସରକାର କହିଛନ୍ତି ଯେ କେତେକ ରିପୋର୍ଟରେ ଏହି ସଂଶୋଧନକୁ ସାଧାରଣ ୟୁପିଆଇ ୟୁଜର୍ସଙ୍କ ଉପରେ ଚାର୍ଜ ଲଗାଇବା ପଦକ୍ଷେପ ଭାବେ ଭୁଲ୍ ଭାବରେ ଉପସ୍ଥାପନ କରାଯାଇଥିଲା । ସରକାରଙ୍କ ଅନୁଯାୟୀ, ପିଏସଏସ୍ ଆକ୍ଟରେ ସଂଶୋଧନର ଉଦ୍ଦେଶ୍ୟ ହେଉଛି ୟୁପିଆଇର ଦୀର୍ଘକାଳୀନ ସ୍ଥାୟୀତ୍ୱ, ପ୍ରଯୁକ୍ତିବିଦ୍ୟାର ବିକାଶ ଏବଂ ବିପଦର ମୁକାବିଲା କରିବାର କ୍ଷମତାକୁ ମଜବୁତ୍ କରିବା ।

ବାହ୍ୟ ଚାପ ଦାବିକୁ ଭୁଲ୍ କହିଲେ ସରକାର ଅର୍ଥ ମନ୍ତ୍ରଣାଳୟ ସେହି ରିପୋର୍ଟଗୁଡ଼ିକୁ ମଧ୍ୟ ଖଣ୍ଡନ କରିଛି, ଯେଉଁଥିରେ ଦାବି କରାଯାଇଥିଲା ଯେ ୟୁପିଆଇ ସହ ଜଡ଼ିତ ନୀତିଗୁଡ଼ିକରେ ପରିବର୍ତ୍ତନ କୌଣସି ବାହ୍ୟ ଚାପ ଯୋଗୁଁ କରାଯାଉଛି । ସରକାର ଏହି ଦାବିଗୁଡ଼ିକୁ 'ଭିତ୍ତିହୀନ, ସମ୍ପୂର୍ଣ୍ଣ ଭୁଲ୍ ଏବଂ ବିଭ୍ରାନ୍ତିକର' ବୋଲି କହିଛନ୍ତି । ସରକାର କହିଛନ୍ତି ଯେ ଯଦି ବାହ୍ୟ ଚାପ କୌଣସି କାରଣ ହୋଇଥାନ୍ତା, ତେବେ ଭାରତ ୨୦୧୬ରେ ୟୁପିଆଇର ଶୁଭାରମ୍ଭ ହୋଇନଥାନ୍ତା ଏବଂ ଜାନୁଆରୀ ୨୦୨୦ରୁ ଏହାକୁ ନାଗରିକ ଓ ବ୍ୟବସାୟୀଙ୍କ ପାଇଁ ମାଗଣା ରଖାଯାଇ ନଥାନ୍ତା ।

ସରକାର ଆଉଥରେ ସ୍ପଷ୍ଟ କରିଛନ୍ତି ଯେ:

- ୟୁପିଆଇ ସାଧାରଣ ନାଗରିକଙ୍କ ପାଇଁ ମାଗଣା ରହିବ
- ଦୈନନ୍ଦିନ ୟୁପିଆଇ ପେମେଣ୍ଟ ଉପରେ ନାଗରିକଙ୍କଠାରୁ କୌଣସି ଚାର୍ଜ ନିଆଯିବ ନାହିଁ
- P2P ଟ୍ରାଞ୍ଜାକ୍ସନ୍ ସମ୍ପୂର୍ଣ୍ଣ ମାଗଣା ରହିବ
- ୟୁପିଆଇର ଅଧିକାଂଶ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ
- ଭବିଷ୍ୟତରେ ଏମଡିଆର ଲାଗୁ ହେଲେ ଏହା କେବଳ ସୀମିତ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ହିଁ ଲାଗୁ ହେବ
- ଏମଡିଆରକର ହାର ସାମାନ୍ୟ ହେବ ଏବଂ ଏହା ନିର୍ଦ୍ଦିଷ୍ଟ ସୀମା ଆଧାରରେ ଲାଗୁ କରାଯିବ

# ପଡ଼ିକାଲଙ୍କ ଶତକ, ଭାରତ ୩୫୭/୬



କଲମ୍ବୋ,୮।୮ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚରେ ଦେବଦୂତ ପଡିକାଲ ଶତକୀୟ ଇନିଂସ ଖେଳିଛନ୍ତି। ୧୬୪ ବଲରୁ ୧୪୨ ରନର ଅପରାଜିତ ଇନିଂସ ତଥା ରବିନ୍ଦ୍ର ଜାଡେଜାଙ୍କ ୬୩ ରନର ଇନିଂସ ପାଇଁ ଭାରତ ଦ୍ୱିତୀୟ ଦିବସ ଷ୍ଟମ୍ପଅପସାରଣ ସୁଧା ୬ ୱିକେଟ ହରାଇ ୩୫୭ ରନ କରିଛି। ଗୁରନୁର ବ୍ରାର ୩୬ ରନ୍ କରି ଅପରାଜିତ ଅଛନ୍ତି। ପ୍ରଥମ ଇନିଂସରେ ଶ୍ରୀଲଙ୍କା କ୍ରିକେଟ ଏକାଦଶ ୯୦ ଓଭରରେ ୩୬୩/୮ ରନ କରି ପାଳି ଘୋଷଣା କରିଥିଲା। ଶ୍ରୀଲଙ୍କା ଇନିଂସରେ ନିଶାନ ଫର୍ଣ୍ଣାଣ୍ଡୋ ୬୬, ରବିନ୍ଦୁ ରସନ୍ତା ୭୧ ଓ ଅଧିନାୟକ ସୋନାଲ ଦିନୁଶ ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଦଳ ଅଭ୍ୟାସ ମ୍ୟାଚ ଖେଳି ୱାର୍ମ ଅପ୍ ହୋଇଛି।

ମ୍ୟାଚର ଦ୍ୱିତୀୟ ଦିନ ଭାରତୀୟ ବ୍ୟାଟର ପଡ଼ିଆକୁ ଓହ୍ଲାଇଥିଲେ। ବାମହାତି ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ। ଯଶସ୍ୱୀ ମାତ୍ର ଦୁଇଟି ବଲର ସମ୍ମୁଖ ହୋଇ ଖାତା ଖୋଲିବା ପୂର୍ବରୁ ଫର୍ଣ୍ଣାଣ୍ଡୋଙ୍କ ଶିକାର ହୋଇଥିଲେ। ଲୋକେଶ ରାହୁଲ ୭୬ ବଲ ଖେଳି ୫ ଚୌକା ଓ ଗୋଟିଏ ସହାୟତାରେ ୪୦ ରନ କରି ନୁଆନ୍ତାଙ୍କ ଶିକାର ହୋଇଥିଲେ। କିନ୍ତୁ ଦେବଦୂତ ପଡିକାଲ ଓ ରବିନ୍ଦ୍ର ଜାଡେଜା ଭାରତ ପାଇଁ ଦେବଦୂତ ସାଜିଥିଲେ। ପଡ଼ିକାଲ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୧୬୪ ବଲର ସମ୍ମୁଖୀନ ହୋଇଥିଲେ। ସେ ୧୮ଟି ଚୌକା ସହାୟତାରେ ଅପରାଜିତ ୧୪୨ ରନ କରିଛନ୍ତି। ଜାଡେଜା ୧୧୭ ବଲରୁ ୬୩ ରନ୍ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ପୁଣିଥରେ ଫେଲ ମାରିଛନ୍ତି ୱିକେଟରକ୍ଷକ ବ୍ୟାଟର ରିଷଭ ପନ୍ତ। ଆଇପିଏଲର ସବୁଠୁ ଦାମୀ ଖେଳାଳି ହେବା ସତ୍ତ୍ୱେ ପନ୍ତ ଗୋଟିଏ ବି ଭଲ ଇନିଂସ ଖେଳିପାରିନଥିଲେ। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ୱାର୍ମ ଅପ୍ ମ୍ୟାଚରେ ମଧ୍ୟ ପନ୍ତ ବିଫଳ ହୋଇଛନ୍ତି। ସେ ମାତ୍ର ଦୁଇ ରନ କରି ମେଣ୍ଡିସଙ୍କ ଶିକାର ହୋଇଥିଲେ। ଧ୍ରୁବ ଜୁରେଲ ମଧ୍ୟ ୯ ବଲରୁ କେବଳ ୧ ରନ କରିଥିଲେ। ମାନବ ସୂତାର ୪୧, କୁଲଦୀପ ଯାଦବ ୧, ମହମ୍ମଦ ସିରାଜ ୧ ଓ ସଗଂଶ ଜେନ ୨୨ ରନ୍ କରି ଆଉଟ୍ ହୋଇଥିଲେ। ଦେବଦୂତ ପଡିକାଲଙ୍କ ସହ ଗୁରନୁର ବ୍ରାର ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଗୁରନୁର ୧୮ ବଲରୁ ୪ଟି ଛକା ଓ ଦୁଇଟି ଚୌକା ସହାୟତାରେ ୩୬ ରନ୍ କରି ଅପରାଜିତ ଅଛନ୍ତି। ଶ୍ରୀଲଙ୍କାର ଅଶଙ୍କା ମନୋଜ ଓ ରମେଶ ମେଣ୍ଡିସ ଦୁଇଟି ଲେଖାଏଁ, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ କେଶରା ନୁଆନ୍ତା ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଛନ୍ତି। ମ୍ୟାଚର ଆଉ ଗୋଟିଏ ଦିନ ଖେଳ ବାକିଥିବା ବେଳେ ଭାରତ ପ୍ରଥମ ପାଳିରେ ୬ ରନ ପଛରେ ରହିଛି।

## ଶ୍ରୀଲଙ୍କା ଟେଷ୍ଟ ପୂର୍ବରୁ ସୁଦର୍ଶନ ବାଦ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଆଗାମୀ ୧୫ ତାରିଖରୁ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବାକୁ ଯାଉଛି ଭାରତ। ଏହି ଶୃଙ୍ଖଳା ଆରମ୍ଭ ହେବାର ସପ୍ତାହକ ପୂର୍ବରୁ ଭାରତର ଷ୍ଟାର ବ୍ୟାଟର ସାଇ ସୁଦର୍ଶନ ଆହତ ସମସ୍ୟା ଯୋଗୁଁ ଏହି ଶୃଙ୍ଖଳାରୁ ବିଧିବଦ୍ଧ ଭାବେ ବାଦ ପଡିଛନ୍ତି। ପାଦରେ ଆଘାତ ସମସ୍ୟା ଥିବା ସୁଦର୍ଶନଙ୍କୁ ୧୫ ଜଣିଆ ଦଳରେ ରଖାଯାଇଥିଲା। କିନ୍ତୁ ମ୍ୟାଚ ଖେଳିବା ତାଙ୍କ ଫିଟ୍‌ନେସ୍ ଉପରେ ନିର୍ଭର ବୋଲି ବିସିସିଆଇ କହିଥିଲା। ଏବେ ସୁଧା ଫିଟ ହୋଇନଥିବା ବେଳେ ଶ୍ରୀଲଙ୍କା ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚରେ ମଧ୍ୟ ସେ ନଜର ଆସି ନାହାନ୍ତି। ଏଥିପାଇଁ ତାଙ୍କୁ ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରୁ ବାଦ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ସୁଦର୍ଶନ ଏବେ ଭାରତୀୟ ଟେଷ୍ଟ ଦଳର ନଂ.୩ ବ୍ୟାଟର ଭାବେ ଖେଳୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଦେବଦତ୍ତ ପଡିକାଲ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। କାରଣ ପଡିକାଲ ମଧ୍ୟ ସୁଦର୍ଶନଙ୍କ ଭଳି ବାମହାତୀ ବ୍ୟାଟର। ଶ୍ରୀଲଙ୍କା ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚରେ ସେ ଶତକ ହାସଲ କରିଛନ୍ତି। ତେଣୁ ସେ ହିଁ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ସହ ନଂ.୩ରେ ବ୍ୟାଟିଂ କରିବେ।

ସାଇ ସୁଦର୍ଶନ ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ତାଲିମ ନେଉଛନ୍ତି। ସେଠାରେ ତାଙ୍କ ବ୍ୟାଟିଂ ଓ ଫିଲ୍ଡିଂ ଡ୍ରିଲ୍ସ କରାଯାଉଛି। କିନ୍ତୁ ଅଗଷ୍ଟ ୧୫ରୁ ଆରମ୍ଭ ହେଉଥିବା ପ୍ରଥମ ଟେଷ୍ଟ ସୁଧା ଫିଟ ହେବାର ସମ୍ଭାବନା କମ ରହିଛି। ଅଗଷ୍ଟ ୪ରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିଥିବା ବେଳେ ସାଥୀରେ ସୁଦର୍ଶନ ଯାଇନଥିଲେ। ଶନିବାର ଦଳ ସହ ଯୋଗଦେବାର ଥିଲା। କିନ୍ତୁ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ରୂପେ ମୁକୁଳି ନାହାନ୍ତି। ତେଣୁ ତାଙ୍କୁ ସମଗ୍ର ଶୃଙ୍ଖଳାରୁ ବାଦ ଦିଆଯାଉଛି। ଖୁବ ଶୀଘ୍ର ବଦଳ ଖେଳାଳିଙ୍କ ନାଁ ବିସିସିଆଇ ଘୋଷଣା କରିପାରେ।

### ରାଜ୍ୟ ଜୁନିୟର ଆଥଲେଟିକ ମିଟ୍

## ଭାଗ ନେଲେ ୬୦୦ରୁ ଉର୍ଦ୍ଧ୍ୱ କନିଷ୍ଠ ଖେଳାଳି



ଭୁବନେଶ୍ୱର,୮।୮ (ସବ୍ୟୁ): ରାୟରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୩ ଦିନିଆ ରାଜ୍ୟସ୍ତରୀୟ ୭୨ତମ ଜୁନିୟର ଆଥଲେଟିକ୍ ମିଟ ଜାରି ରହିଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ରାୟରଙ୍ଗପୁର ବିଧାୟକ ଜଲେନ ନାୟକ, ନଗରପାଳ ଅଭିଶେକ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ସୁରେଶ ଚନ୍ଦ୍ର ପାତ୍ର, ରାଜ୍ୟ ଆଥଲେଟିକ ଆସୋସିଏସନ ସଭାପତି ଜିଏସ ପଟ୍ଟନାୟକ, ରାଜ୍ୟ ଆସୋସିଏସନ୍ ସମ୍ପାଦକ

### ଅଲିମ୍ପିଆନ ଅନୁରାଧା ଅତିଥି

ଅଭିଜିତ ପାଲ, ଉପସଭାପତି ଅଶୋକ ସାହୁ, ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅଲିମ୍ପିଆନ ଡକ୍ଟର ଅନୁରାଧା ବିଶ୍ୱାଳ ପ୍ରତିଯୋଗିତାରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୩ ଦିନିଆ ଏହି କ୍ରୀଡା ମହୋତ୍ସବରେ କ୍ରୀଡାବିତମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ରାଜ୍ୟର କ୍ରୀଡା କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବେ ବୋଲି ଆଶା ପୋଷଣ କରାଯାଇଛି। କ୍ରୀଡାକ୍ଷେତ୍ର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରବୋଧ କୁମାର ମହାନ୍ତି, ଲାଲ ମୋହନ ମହାନ୍ତ, ବୀରଧାନ ମାରାଣ୍ଡି, ପ୍ରସାଦ ମହାନ୍ତ, ପୂର୍ଣ୍ଣିମା ହେମ୍ବ୍ରମ, ପୁଙ୍ଗା ସୁରେନ, କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ୧୬ ବର୍ଷ ବାଳକ ବର୍ଗର ୬୦ ମିଟର ଦୌଡ଼ରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ। ପଦକ ପ୍ରଦାନ ଉତ୍ସବରେ ଅନୁରାଧାଙ୍କ ସହ ସ୍ଥାନୀୟ ମୟୂରଭଞ୍ଜ ଭିଡିଓ ନାରାୟଣୀ ପଣ୍ଡା ଉପସ୍ଥିତ ଥିଲେ।

## ସ୍ୱର୍ଗତ ଅଶୋକ ମହାନ୍ତିଙ୍କ କ୍ରୀଡ଼ା ଓ କ୍ରୀଡ଼ାବିତ୍' ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର,୮।୮ (ସବ୍ୟୁ): କ୍ରୀଡ଼ାମନ୍ତ୍ରୀ ଭାବରେ ମୁଁ ନିୟମିତ ସଂଖ୍ୟାଧିକ କାର୍ଯ୍ୟକ୍ରମରେ ସାମିଲ ହେଉଛି। ସବୁଖେଳ ପ୍ରତିଯୋଗିତାକୁ ନେଇ କାର୍ଯ୍ୟକ୍ରମ। କିନ୍ତୁ ଆଜି ଏହି ବିଶେଷ ଉତ୍ସବରେ କ୍ରୀଡ଼ା ପୁସ୍ତକର ଲୋକାର୍ପଣରେ ମୁଁ ଅତିଥି ସାଜିବା ମୋର ଏହା ପ୍ରଥମ ଅନୁଭୂତି। ଏହାମୋର ସୌଭାଗ୍ୟର କଥା। ଲୋକାର୍ପିତ ହୋଇଥିବା 'କ୍ରୀଡ଼ା ଓ କ୍ରୀଡ଼ାବିତ୍'ଙ୍କ ପ୍ରତ୍ୟକ ପୃଷ୍ଠାରେଏପରି ତଥ୍ୟ ସବୁ ସମ୍ମିଳିତ ହୋଇରହିଛି। ଯାହାକୁ ପଢ଼ିଲେ ସମସ୍ତେ ଆମୋଦିତ ହେବେ। ରାଜ୍ୟ କ୍ରୀଡ଼ାବିଭାଗ ଏହି ପୁସ୍ତକର କିପରି ବ୍ୟାପକ ବିତରଣ ହୋଇପାରିବ ସେ ଦିଗରେ ଯତ୍ନ ପ୍ରୟାସ କରିବ ବୋଲି ମୁଖ୍ୟ ଅତିଥି ଭାବରେ ଭାଷଣର ଖିଲାବେଳେ କହିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶନିବାର ଅପରାହ୍ଣରେ ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମ୍ ପରିସରରେ ଥିବା ଟେନିସ ଅଡିଟୋରିୟମ୍‌ରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ପରଲୋକ ଗତ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'କ୍ରୀଡ଼ା ଓ କ୍ରୀଡ଼ାବିତ୍'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଶୋକ ମହାନ୍ତି ସ୍ମୃତି କମିଟି ଏବଂ ଭୁବନେଶ୍ୱର କ୍ରୀଡ଼ା ସଂସଦ ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂରଜଙ୍କ ସହବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର କ୍ରୀଡ଼ା ସଂସଦ ସମ୍ପାଦକ ଡ. ସୌର୍ଯ୍ୟ ରଂଜନ ପରିଜା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ବରିଷ୍ଠ ରେଳବାଇ ଅଧିକାରୀ ଦିଲ୍ଲୀପ ସାମନ୍ତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସଂଗଠକ ଜଗନ୍ନାଥ ପ୍ରଧାନ ଏବଂ ପ୍ରଶାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ଏହି ଉତ୍ସବରେ ଭାଷଣ ଦେଲାବେଳେ ଅଶୋକ ମହାନ୍ତିଙ୍କ ସହ ସମ୍ପର୍କର ସ୍ମୃତିଚାରଣ କରି ବକ୍ତାମାନେ ଓଡ଼ିଶାକ୍ରୀଡ଼ାର ବିକାଶରେ ତାଙ୍କ ଯୋଗଦାନର କଥା ବିସ୍ତୃତ ଭାବେ କହିଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ଏହି ପୁସ୍ତକକୁ ପ୍ରଥମ ଗ୍ରାହକ ଭାବେ କିଣି ସବୁ ଦିନ ଆଥଲେଟିକ୍ ସଂଘକୁ ପଠାଇବ ବୋଲି ଘୋଷଣା କରିଥିଲେ ସମୀର ମହାନ୍ତି। ଏହି ଅବସରରେ ପୁସ୍ତକର ପ୍ରକାଶିକାଲି ଜାଶ୍ରୀବିଶୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅଶୋକ ମହାନ୍ତିଙ୍କ ଝିଅ ଅମ୍ରିତା ମହାନ୍ତି ଓ ଜର୍ମାନୀରେ ରହୁଥିବା ଭାଇଁ ସଂଗ୍ରାମ ମହାନ୍ତିଙ୍କୁ ପ୍ରଥମ ପୁସ୍ତକ ଉପହାର ଆକାରରେ ଦିଆଯାଇଥିଲା। କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତଏହି ଉତ୍ସବରେ ଅର୍ଜୁନ ବିଜୟିନୀ ମିନତି ମହାପାତ୍ର, କ୍ରିକେଟ କୋଚ କିଶୋର ମାଣିଆ, ବିଶିଷ୍ଟ ସଂଗଠକ ମକବୁଲ ଅଲ୍ଲୀ, କ୍ରୀଡ଼ା ଫିଜିଓଡାକ୍ତର ମୁକ୍ତିପ୍ରସାଦ ଦାଶ, କୋଚ ଅରୁଣ ଦାସ, ଲଳିତ ମହାନ୍ତି, ରାଜେଶ ସିଂଙ୍କ ସହ ବହୁକ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ା ସାମ୍ବାଦିକମାନେ ସାମିଲ ହୋଇଥିଲେ।

## ଜାତୀୟ ଜୁନିୟର ପୁରୁଷ ହକି: ଓଡ଼ିଶା ଚାମ୍ପିଅନ




ଭୁବନେଶ୍ୱର,୮।୮ (ସବ୍ୟୁ): ତାମିଲନାଡୁର କୋଏମ୍ବାଟୋର୍ରେ ଖେଳାଯାଇଥିବା ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିଅନସିପର ଫାଇନାଲରେ ଓଡ଼ିଶା ହକି ଦଳ ଚାମ୍ପିଅନ୍ ହୋଇଛି। ଶନିବାର ଖେଳାଯାଇଥିବା ହାଇ-ଭୋଲ୍ଟେଜ୍ ଫାଇନାଲ୍ ମ୍ୟାଚ୍ରେ ଓଡ଼ିଶା ୨-୧ ଗୋଲ୍ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭର ମାତ୍ର ୨ ମିନିଟ୍ରେ ମନଦୀପ କେରକେଟା ଏକ ଚମତ୍କାର ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟରର ୭ମ ମିନିଟ୍ରେ ମଧ୍ୟପ୍ରଦେଶର ସୋହିଲ୍ ଅଲ୍ଲୀ ପେନାଲ୍ଟି କୋର୍ନରରୁ ଡ୍ରାଗ୍-ଫ୍ଲିକ୍ ମାଧ୍ୟମରେ ଗୋଲ୍ ଦେଇ ସ୍କୋର ୧-୧ ବରାବର କରିଥିଲେ। ଏହାର ୮ ମିନିଟ୍ ପରେ ଦୀପକ ପ୍ରଧାନ ପେନାଲ୍ଟି କୋର୍ନରରେ ସୁନ୍ଦର ଭାରିଏସନ୍ରୁ ଗୋଲ୍ କରି ଓଡ଼ିଶାକୁ ୨-୧ରେ ଆଗୁଆ କରିଥିଲେ। ଶେଷ କ୍ୱାର୍ଟରରେ କୌଣସି ଦଳ ଗୋଲ୍ ଦେଇପାରି ନଥିବାରୁ ଓଡ଼ିଶା ବିଜୟୀ ହୋଇଥିଲା। ଜୁନିୟର ଜାତୀୟ ଚାମ୍ପିୟନସିପରେ ଓଡ଼ିଶାର ଏହା ୫ମ ଟାଇଟଲ୍ ବିଜୟ। ସର୍ବାଧିକ ୬ ଥର ଚାମ୍ପିଅନ୍ ହୋଇଥିବା ପଞ୍ଜାବ ପଛକୁ ଓଡ଼ିଶା ଏବେ ଦ୍ୱିତୀୟ ସଫଳତମ ଦଳ ଭାବେ ରହିଛି। ଓଡ଼ିଶା ସେମିଫାଇନାଲ୍ରେ ଶକ୍ତିଶାଳୀ ପଞ୍ଜାବକୁ ୬-୪ ଗୋଲ୍ରେ ହରାଇଥିବା ବେଳେ ମଧ୍ୟପ୍ରଦେଶ ୨-୦ ଗୋଲ୍ରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲ୍ରେ ପହଞ୍ଚିଥିଲା। ସେହିପରି ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍ରେ ପଞ୍ଜାବ ୬-୩ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି।

## ଜାତୀୟ ଓପନ ଚେସରେ ସାତ୍ତ୍ୱିକ ସ୍ୱାଇଁ ଦ୍ୱିତୀୟ



ଭୁବନେଶ୍ୱର,୮।୮ (ସବ୍ୟୁ): ଦଶ ବର୍ଷୀୟ ଓଡ଼ିଶାର ବିସ୍ମୟ ଚେସ ଖେଳାଳି କ୍ୟାଣ୍ଡିଡେଟ୍ ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ ମାଙ୍ଗାଲୋରରେ ଅନୁଷ୍ଠିତ ୧୧ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ମୋଟ ୧୧ ରାଉଣ୍ଡ ରୁ ୯ ଟି ବିଜୟ, ଏବଂ ଗୋଟିଏ ଡ୍ର ସହିତ ୯.୫ ପଏଣ୍ଟ ସ୍କୋର କରିବା ସହ ଗୁରୁତ୍ୱପୂର୍ଣ୍ଣ ୬୦ ରୁ ଅଧିକ ଏଲୋ ରେଟିଂ ପଏଣ୍ଟ ବୃଦ୍ଧି କରି ବିଶ୍ୱ ଯୁବ ଚେସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପଞ୍ଚମ ସିଡ୍ ସାତ୍ତ୍ୱିକ ପ୍ରାୟ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଶୀର୍ଷ ବୋର୍ଡରେ ଖେଳିଥିଲେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତାପ୍ରାପ୍ତ ଏକ ନମ୍ବର ଖେଳାଳି ମହାରାଷ୍ଟ୍ରର ଫିଡେ ମାଷ୍ଟର ଆଡଭିକ ଅଗ୍ରୱାଲ ଙ୍କୁ ୧୦ ମ ରାଉଣ୍ଡ ରେ ପରାସ୍ତ କରିବା। ମୋଟ ୪୧୨ ଜଣ ପ୍ରତିଯୋଗୀ ଓପନ୍ ସେକ୍ସନରେ ଖେଳିଥିଲେ। ତାମିଲନାଡୁର ଜୟ ରମଣଙ୍କ ଠାରୁ ସାତ୍ତ୍ୱିକ ଙ୍କ ଷଷ୍ଠ ରାଉଣ୍ଡ ହାରିବା ଚାମ୍ପିଅନ ହେବା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପରେ ମହାନ ପ୍ରତ୍ୟାବର୍ତ୍ତନ କରି ଲଗାତାର ୫ ରାଉଣ୍ଡ ଜିତି ସମ୍ମାନଜନକ ଦ୍ୱିତୀୟ ସ୍ଥାନ ହାସଲ କରି ଆକର୍ଷଣୀୟ ଟ୍ରଫି ଓ ୬୦,୦୦୦ ଟଙ୍କାର ପୁରସ୍କାର ରାଶି ପାଇଥିଲେ। ପଶ୍ଚିମବଙ୍ଗର ଫାଇଡ ମାଷ୍ଟର ମଣି ସାଢ଼େ ଦଶ ପଏଣ୍ଟ ସହ ପ୍ରଥମ ସ୍ଥାନ, ସାତ୍ତ୍ୱିକ ସାଢ଼େ ୯ ପଏଣ୍ଟ ସହ ଦ୍ୱିତୀୟ ଏବଂ ଟପ୍ ସିଡ୍ ଅଦଭିକ ଅଗରୱାଲ ୯ ପଏଣ୍ଟ ସହ ତୃତୀୟ ସ୍ଥାନ ଜିତିଥିଲେ। ସାତ୍ତ୍ୱିକ ଭୁବନେଶ୍ୱରର ସମ୍ବିତ ଏବଂ ସୋନମ୍ ଙ୍କ ଶୁ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ରାଜ୍ୟ ଚେସ ସଂଘ ର ସମସ୍ତ କର୍ମକର୍ତ୍ତାଙ୍କ ସହ ସଭାପତି ସତ୍ୟ ରଂଜନ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।


ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.


## ଲଦାଖ ମାରାଥନ ପୁରସ୍କାର ରାଶି ୧ କୋଟି

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଲଦାଖ ମାରାଥନ ପୁରସ୍କାର ରାଶି ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଆୟୋଜକ ପୁରସ୍କାର ରାଶି ବୃଦ୍ଧି ନେଇ ଶନିବାର ଘୋଷଣା କରିଛନ୍ତି। ଲଦାଖ ମାରାଥନ ୧୦ ସେପ୍ଟେମ୍ବରରୁ ଆରମ୍ଭ ହେବ ଓ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ଦେଶ ଓ ବିଦେଶର ପାଖା ପାଖି ଧାବକ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ପୂର୍ବାନୁମାନ କରିଛନ୍ତି। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଭାରତର ୨୮ ରାଜ୍ୟ ଓ ୬ କେନ୍ଦ୍ରଶାସିତ ଅଞ୍ଚଳର ଧାବକ ଅଂଶଗ୍ରହଣ କରିବେ। ଆୟୋଜକ ଅନୁସାରେ କେବଳ ଦେଶ ନୁହେଁ ବିଭିନ୍ନ ଦେଶର ଧାବକ ଅଂଶଗ୍ରହଣ କରିବ। କେନ୍ଦ୍ରଶାସିତ ଲଦାଖର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସଚିବ ରଞ୍ଜିତ ରୋଡ୍ରିଗ୍ସ କହିଛନ୍ତି ଲଦାଖ ଉପରାଜ୍ୟପାଳ ପୁରସ୍କାର ରାଶିକୁ ବଢ଼ାଇବାକୁ ୧ କୋଟି ଟଙ୍କା କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରୀଡା ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଓ ଖେଳାଳିଙ୍କ ଲାଗି ଅଧିକ ଅବସର ସୃଷ୍ଟି କରିବା ଲାଗି ଆମ ସଂକଳ୍ପକୁ ଦର୍ଶାଉଛି।

ଫୁଲ ମାରାଥନ, ହାପ ମାରାଥନ, ୧୧.୨ କିମି ଦୌଡ଼, ୫ କିମି ଦୌଡ଼ ଓ ରନ ଫର ଫନ୍ ସହିତ ବିଶ୍ୱର ଦୁଇ ଆହ୍ୱାନପୂର୍ଣ୍ଣ ଲଙ୍ଗରନ ୭୨ କିଲୋମିଟର ଖାରଦୁଙ୍ଗ ଲା ଚ୍ୟାଲେଞ୍ଜ ଓ ୧୨୨ କିମି ସିଲକ୍ ଲୁଟ ଅଲ୍ଟ୍ରା ଆୟୋଜିତ ହେବ। ଲଦାଖ ମାରାଥନ ଦୀର୍ଘବର୍ଷରୁ ଚ୍ୟାଲେଞ୍ଜ ରହିଆସିଛି। ଏଥିରେ କେନ୍ଦ୍ର ଶାସିତ ପ୍ରଦେଶ ସରକାର ପୁରସ୍କାର ରାଶି ବୃଦ୍ଧି କରିବା ଧାବକଙ୍କ ମନୋବଳକୁ ବଢ଼ାଇବ ବୋଲି ବେଶ ସହାୟକ ହୋଇପାରେ ବୋଲି ପ୍ରର୍ଯ୍ୟଟନ ଓ ବିଭାଗ ସଚିବ ରୋଡ୍ରିଗ୍ସ କହିଛନ୍ତି।

## ଆଇପିଏଲରୁ ଓହରିବେ ଅଷ୍ଟ୍ରେଲିଆ ଖେଳାଳି



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଆଇପିଏଲ-୨୦୨୭ ସଂସ୍କରଣରେ ଅଷ୍ଟ୍ରେଲିଆର ଦୁଇ ପ୍ରମୁଖ ଖେଳାଳିଙ୍କ ଅଂଶଗ୍ରହଣକୁ ନେଇ ଚିନ୍ତା ବଢ଼ିଛି। ଦଳର ମୁଖ୍ୟ କୋଚ ଆଣ୍ଡ୍ରୁ ମ୍ୟାକ ଡୋନାଲ୍ଡ ସୂଚନା ଦେଇଛନ୍ତି ଯେ, ଆଗାମୀ ୧୨ ମାସ ମଧ୍ୟରେ ଅଷ୍ଟ୍ରେଲିଆ ୨୦ଟି ଟେଷ୍ଟ ସହ ୩୪ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ପଡ଼ିବ। ଏହି ବ୍ୟସ୍ତବହୁଳ ସୂଚୀ ଏବଂ ଖେଳାଳିଙ୍କ ୱାକଲୋଡକୁ ଦୃଷ୍ଟିରେ ରଖି କଠୋର ନିଷ୍ପତ୍ତି ନିଆଯାଇପାରେ। ଆଗାମୀ ବର୍ଷକ ମଧ୍ୟରେ ଅଷ୍ଟ୍ରେଲିଆ ଦଳ ବାଂଲାଦେଶ, ଦ.ଆଫ୍ରିକା, ନ୍ୟୁଜିଲାଣ୍ଡ ଏବଂ ଭାରତ ବିପକ୍ଷରେ ମୋଟ୍ ୨୦ଟି ଟେଷ୍ଟ ମ୍ୟାଚ ଖେଳିବ। ଏହା ସହ ଜିମ୍ବାୱେ, ଦ.ଆଫ୍ରିକା ଏବଂ ଇଂଲଣ୍ଡ ବିପକ୍ଷରେ ସୀମିତ ଓଭର ଶୃଙ୍ଖଳା, ଜୁନ, ଜୁଲାଇ ୨୦୨୭ରେ ଇଂଲଣ୍ଡରେ ଆସେସ ଶୃଙ୍ଖଳା ଏବଂ ବର୍ଷ ଶେଷରେ ବିଶ୍ୱକପ ଖେଳାଯିବ। ମେକଡୋନାଲ୍ଡ କହିଛନ୍ତି ଖେଳାଳିଙ୍କ ଦକ୍ଷତା ବୃଦ୍ଧିରେ ଆଇପିଏଲ ସହାୟକ ହୋଇଥାଏ। ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ଖେଳାଳିଙ୍କୁ ଆଇପିଏଲ ଖେଳିବାକୁ ଅନୁମତି ଦିଆଯାଇପାରେ। କିନ୍ତୁ ପରିସ୍ଥିତିକୁ ଦେଖି ପରବର୍ତ୍ତୀ ସମୟରେ ନିଷ୍ପତ୍ତି ବଦଳା ଯିବ। ଦ୍ରୁତ ବୋଲର ପାର୍ଟ କୁମିନ୍ସ, ମିଚେଲ ଷ୍ଟାର୍କ ଓ ଜୋସ ହାଜଲେଉଡଙ୍କ ଶାରୀରିକ ଫିଟନେସ ଓ କ୍ଲାନ୍ତି ଉପରେ ଦଳ ମ୍ୟାନେଜମେଣ୍ଟ ସବୁଠାରୁ ଅଧିକ ନଜର ରଖିଛି। ପ୍ରତିଟି ଟେଷ୍ଟ ମ୍ୟାଚ ପରେ ଖେଳାଳିଙ୍କ ଫିଟନେସ ଆକଳନ କରାଯିବ। ବିଶେଷକରି ଭାରତ ଗସ୍ତ ଶେଷ ହେବା ପରେ ହିଁ ଖେଳିବା ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ୨୦୨୩ରେ କୁମିନ୍ସ, ଷ୍ଟାର୍କ ଓ ହେଡ ବିଶ୍ରାମ ନେଇଥିଲେ। ଯାହା ଫଳରେ ସେମାନେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ, ଆସେସ ଓ ବିଶ୍ୱକପ ଜିତିବାରେ ସଫଳ ହୋଇଥିଲେ। ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡର ଏହି ରଣନୀତି ଯୋଗୁଁ ୨୦୨୭ରେ ଅନେକ ଅଷ୍ଟ୍ରେଲିଅ ତାରକା ଆଇପିଏଲରୁ ବିଶ୍ରାମ ନେବାର ସମ୍ଭାବନା ଦେଖାଦେଇଛି।


ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app



Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି